ଆଜି - ଗୁରୁବାର
ତାରିଖ - ୦୪ ଜୁନ୍ ୨୦୨୬
ମାସ - ବୃଷ, ଦିନ - ୨୧
ତିଥି - ଚତୁର୍ଥୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ଉତ୍ତରାଷାଢ଼ା, ଧନୁ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫:୧୯:୦୦
ସୂର୍ଯ୍ୟାସ୍ତ - ୬:୧୯:୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com

E-News : www.Ajikali epaper.com

Vol.- 41 ISSUE- 51 R.N.I. REGD. No. 44026/86 ବାଲେଶ୍ୱର ୦୪ ଜୁନ୍ ୨୦୨୬ ଗୁରୁବାର BALASORE 04 JUNE 2026 THURSDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


"ଜୀବନ ଅପେକ୍ଷା ସମ୍ପର୍କ ଅଧିକ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ସବୁ ସମ୍ପର୍କରେ ଜୀବନ ରହିବା ମଧ୍ୟ ତତୋଧିକ ଗୁରୁତ୍ୱପୂର୍ଣ୍ଣ ।"

- ସ୍ୱାମୀ ବିବେକାନନ୍ଦ


## ଆଭାସୀ ମାଧ୍ୟମରେ ଓଡ଼ିଶାର ୧୩ଟି ଇଏମଆରଏସ୍ ରେ ସ୍ପେସ୍ ଲ୍ୟାବ୍‌ର ଉଦ୍‌ଘାଟନ କଲେ ରାଷ୍ଟ୍ରପତି



ଭୁବନେଶ୍ୱର : ଆଦିବାସୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି । ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଦେଶବ୍ୟାପୀ ୭୫ଟି ମନୋନୀତ ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ (ଇଏମଆରଏସ୍) ରେ 'ମହାକାଶ ପ୍ରୟୋଗଶାଳା ବା ସ୍ପେସ୍ ଲ୍ୟାବ୍' ର ଭର୍ଚୁଆଲ୍ ଉଦଘାଟନ କରିଛନ୍ତି । କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଶ୍ରୀ ଜୁଆଲ ଓରାମ ଏବଂ କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଦୁର୍ଗାଦାସ ଉଇକେଙ୍କ ଉପସ୍ଥିତିରେ ସ୍ପେସ୍ ଲ୍ୟାବ୍ ଗୁଡ଼ିକର ଶୁଭାରମ୍ଭ ହୋଇଯାଇଛି । ଏହି ପ୍ରତିଷ୍ଠିତ ଜାତୀୟ କାର୍ଯ୍ୟକ୍ରମରେ ଓଡ଼ିଶାରୁ ୧୩ଟି ଇଏମଆରଏସ୍ ସ୍ପେସ୍ ଲ୍ୟାବ୍ ପ୍ରତିଷ୍ଠା ପାଇଁ ମନୋନୀତ ହୋଇଛନ୍ତି । ଏହି ସ୍ପେସ୍ ଲ୍ୟାବ୍ ଗୁଡ଼ିକ କୋରାପୁଟ ଜିଲ୍ଲାର କୋଟପାଡ ଓ କୁନ୍ଦ୍ରା, ମାଲକାନଗିରିର ମାଥିଲି, କଳାହାଣ୍ଡିର ଥୁଆମୁଳ ରାମପୁର, କେନ୍ଦୁଝରର ପାଟନା ଏବଂ ମୟୂରଭଞ୍ଜ ଜିଲ୍ଲାର ୮ଟି ବିଦ୍ୟାଳୟ ଯଥା ରାଇରଙ୍ଗପୁର, ଠାକୁରମୁଣ୍ଡା, ବାରିପଦା, ବଡ଼ସାହି, କପ୍ତିପଦା, କୋଲିଆନା, ରାସଗୋବିନ୍ଦପୁର ଓ ଉଦଳା ଇଏମଆରଏସ୍ ରେ ସ୍ଥାପନ କରାଯାଇଛି । ଏହି ଉଦଘାଟନ ଉତ୍ସବରେ ବିଭିନ୍ନ ରାଜ୍ୟର ଇଏମଆରଏସ୍ ଅନୁଷ୍ଠାନର ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ବରିଷ୍ଠ ଅଧିକାରୀମାନେ ଭର୍ଚୁଆଲ୍ ମାଧ୍ୟମରେ ଯୋଡ଼ି ହୋଇଥିଲେ । ଏହି ପ୍ରକ୍ରିୟା ମାଧ୍ୟମରେ ପିଲାମାନେ ମହାକାଶ ବିଜ୍ଞାନ, ରୋବୋଟିକ୍ସ, ସାଟେଲାଇଟ୍ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ-ଚାଳିତ ଶିକ୍ଷା ଭଳି ଅତ୍ୟାଧୁନିକ କ୍ଷେତ୍ର ବିଷୟରେ ବ୍ୟବହାରିକ ଅଭିଜ୍ଞତା ହାସଲ କରିପାରିବେ । ନୂତନ ଭାବେ ପ୍ରତିଷ୍ଠିତ ଏହି ସ୍ପେସ୍ ଲ୍ୟାବ୍ ଗୁଡ଼ିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବକୁ ବଢ଼ାଇବ ଏବଂ ଭବିଷ୍ୟତରେ ବିଜ୍ଞାନ, ଇଞ୍ଜିନିୟରିଂ ଓ ମହାକାଶ ଗବେଷଣା ଭଳି କ୍ଷେତ୍ରରେ କ୍ୟାରିଅର୍ ଗଢ଼ିବାକୁ ପ୍ରେରଣା ଦେବ ।

## ରାମେଶ୍ୱରରୁ ପାରାଦୀପକୁ ଯୋଡ଼ିବ ଉପକୂଳ ରାଜପଥ

### ଓଡ଼ିଶାରେ ୧୬୩.୧୮୦ କିମି ଉପକୂଳ ରାଜମାର୍ଗକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରି



ଭୁବନେଶ୍ୱର : ଓଡ଼ିଶାରେ ଏକ ଗୁରୁତ୍ୱପୂର୍ଣ୍ଣ ଉପକୂଳ ରାଜପଥ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି କେନ୍ଦ୍ର ସରକାର । ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିଇଏ) ବୈଠକରେ ଏହି ପ୍ରସ୍ତାବକୁ ମଞ୍ଜୁର କରାଯାଇଛି । ଓଡ଼ିଶାରେ ହାଇବ୍ରିଡ୍ ଆନୁଇଟି ମଡେଲ୍ ମାଧ୍ୟମରେ ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ନୂତନ ଉପକୂଳ ରାଜପଥ ତିଆରି ହେବ । ମୋଟ ୧୬୦.୧୮ କିଲୋମିଟର ଲମ୍ବ ଏହି ପ୍ରକଳ୍ପ ଲାଗି ୮,୩୦୦.୭୯ କୋଟି ଟଙ୍କା ଖର୍ଚ୍ଚ କରିବାକୁ କ୍ୟାବିନେଟ୍ ନିଷ୍ପତି ନେଇଛି । ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ନୂତନ ଉପକୂଳ ରାଜପଥର ପ୍ରକଳ୍ପ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଏବଂ ଜଗତସିଂପୁର ଜିଲ୍ଲା ଦେଇ ଯିବାର ପ୍ରସ୍ତାବ ରହିଛି । ବର୍ତ୍ତମାନ ୧୬ ନମ୍ବର ଜାତୀୟ ରାଜପଥର ନେଟୱାର୍କ ସ୍ୱର୍ଣ୍ଣ ଚତୁର୍ଭୁଜ ପ୍ରକଳ୍ପର ଏକ ଅଂଶବିଶେଷ । ୬ ଲେନ୍ ବିଶିଷ୍ଟ ଏନଏଚ୍-୧୬ ପୂର୍ବରୁ ଖୋର୍ଦ୍ଧା, ଭୁବନେଶ୍ୱର ଏବଂ କଟକ ଆଦି ପ୍ରମୁଖ ସହରକୁ ଯୋଡ଼ି ସାରିଛି । ସେହିପରି ଏନଏଚ-୩୧୬ ଭୁବନେଶ୍ୱର-ପୁରୀକୁ ସଂଯୋଗ କରିବା ସହିତ ସାତପଡ଼ା ଓ କୋଣାର୍କକୁ ସଂଯୋଗ କରିଥାଏ । ତେବେ ପୁରୀ-ସାତପଡ଼ା ଏବଂ ପୁରୀ-କୋଣାର୍କ ଭାଗରେ ସଡ଼କର ଜ୍ୟାମିତିକ ଢାଂଚା ଖରାପ ରହିଛି । ଏହି ରାଜପଥ ପାର୍ଶ୍ୱରେ ଅନେକ ନିର୍ମାଣ କାର୍ଯ୍ୟ ହୋଇଛି ଏବଂ ରାସ୍ତାକଡ଼ରେ ସ୍ଥାନୀୟ ଯାତ୍ରୀଙ୍କ ଭିଡ଼ ବହୁତ ଅଧିକ ରହିଥାଏ । ଏସବୁ କାରଣରୁ ଦୀର୍ଘ ଦୂରଗାମୀ ଯାନବାହନ ଚଳାଚଳ ପାଇଁ ଏହି ମାର୍ଗ ଅତ୍ୟନ୍ତ ଅନୁପଯୁକ୍ତ ହୋଇପଡ଼ିଛି ।ପ୍ରସ୍ତାବିତ ଯୋଜନା ଅନୁଯାୟୀ ପ୍ୟାକେଜ୍ ୧ରେ ରାମେଶ୍ୱରରୁ କୋଣାର୍କ ପର୍ଯ୍ୟନ୍ତ ୪ ଲେନ୍ ବିଶିଷ୍ଟ ସଡ଼କ ନିର୍ମାଣ କରାଯିବ । ପ୍ୟାକେଜ୍-୨ରେ କୋଣାର୍କରୁ ପାରାଦୀପ ପର୍ଯ୍ୟନ୍ତ ୨ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ରହିଛି । ଘଂଟା ପ୍ରତି ୧୦୦ କିମି ବେଗରେ ଯାନବାହନ ଚଳାଚଳ ଲାଗି ସଡ଼କର ଡିଜାଇନ୍ ପ୍ରସ୍ତୁତ କରାଯିବ ।ଏହାଫଳରେ ଓଡ଼ିଶାର ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡା ଏବଂ ଜଗତସିଂପୁର ଜିଲ୍ଲାରେ ଯାତାୟାତ ବ୍ୟବସ୍ଥା ଅଧିକ ସୁଗମ ହେବ । ଏହି ପ୍ରକଳ୍ପ ଆଂଚଳିକ ପରିବହନକୁ ଉନ୍ନତ କରିବା ସହିତ ସାମାଜିକ-ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବ । ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ଗତିଶକ୍ତି ନୀତି ସହିତ ସମନ୍ୱିତ ଏବଂ ୯ଟି ଆର୍ଥିକ ଏବଂ ୫ଟି ଲଜିଷ୍ଟିକ୍ କେନ୍ଦ୍ରକୁ ପରସ୍ପର ସହିତ ସଂଯୋଗ କରିବ । ଏହା ଦେଶର ଲଜିଷ୍ଟିକ୍ ପ୍ରଦର୍ଶନ ସୂଚକାଙ୍କ (ଏଲପିଆଇ) ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇବ । ଏହି ରାଜପଥ ସମ୍ପୂର୍ଣ୍ଣ ହେବା ପରେ, ରାମେଶ୍ୱର ଏବଂ ପାରାଦୀପ ମଧ୍ୟରେ ଯାତ୍ରା ସମୟ ପ୍ରାୟ ୨ ଘଂଟା ୩୦ ମିନିଟ୍ ହ୍ରାସ ପାଇବ ବୋଲି ଆଶା କରାଯାଉଛି ।

## କୋଷ୍ଟାଲ ହାଇୱେ ପ୍ରକଳ୍ପକୁ ମଞ୍ଜୁରୀ

### ଭିତିଭୂମି ବିକାଶର ଏକ ନୂତନ ଅଧ୍ୟାୟ ଆରମ୍ଭ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : କେନ୍ଦ୍ର କ୍ୟାବିନେଟ ବୈଠକରେ କୋଷ୍ଟାଲ ହାଇୱେ ପ୍ରକଳ୍ପକୁ ଅନୁମୋଦନ ମିଳିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ କମିଟି ଦ୍ୱାରା ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ୮ ହଜାର ୩୦୦ କୋଟି ଟଙ୍କାର ଉପକୂଳ ରାଜପଥକୁ ଅନୁମୋଦନ ମିଳିଛି । ଓଡିଶାର ଭିତିଭୂମି ବିକାଶର ଏକ ନୂତନ ଅଧ୍ୟାୟ ଆରମ୍ଭ ହେଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ସୋସିଆଲ ମିଡିଆ ଆକାଉଂଟ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି । ଏହା ଉପକୂଳ ଜିଲ୍ଲାଗୁଡ଼ିକୁ ମଧ୍ୟରେ ଏହି ଐତିହାସିକ ପ୍ରକଳ୍ପ ସଂଯୋଗୀକରଣକୁ ସୁଦୃଢ଼ କରିବ । ପର୍ଯ୍ୟଟନ, ବାଣିଜ୍ୟ, ଲଜିଷ୍ଟିକ୍ସ ଏବଂ ଆର୍ଥିକ ଅଭିବୃଦ୍ଧି ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ରାଜ୍ୟର ବିକାଶ ଏବଂ ସମୃଦ୍ଧି ପ୍ରତି ସେମାନଙ୍କର ଅବିଚ୍ଛିନ୍ନ ସମର୍ଥନ ଏବଂ ପ୍ରତିବଦ୍ଧତା ପାଇଁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି । ଉପକୂଳ ରାଜପଥ ଓଡ଼ିଶାର ଉପକୂଳ ଅର୍ଥନୀତିର ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବ । ଆଂଚଳିକ ସଂଯୋଗୀକରଣକୁ ବୃଦ୍ଧି କରିବ ଏବଂ ଲକ୍ଷ ଲକ୍ଷ ଲୋକଙ୍କ ଜୀବନର ଗୁଣବତା ଉନ୍ନତ କରିବ । ଏହା ଓଡ଼ିଶାରେ ବିଶ୍ୱସ୍ତରୀୟ ଭିତିଭୂମି ନିର୍ମାଣ ପାଇଁ ଭାରତ ସରକାରଙ୍କ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ରାମେଶ୍ୱର ଠାରୁ କୋଣାର୍କ ଦେଇ ପାରାଦୀପ' ପର୍ଯ୍ୟନ୍ତ ଗ୍ରୀନଫିଲ୍ଡ କୋଷ୍ଟାଲ ହାଇୱେ ନିର୍ମାଣ କରାଯିବ । କୋଷ୍ଟାଲ ହାଇୱେର ଲମ୍ବ ୧୬୦ କିମି ରହିବ । ଏଥିପାଇଁ ୮ ହଜାର ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟବରାଦ କରାଯାଇଛି । ରାମେଶ୍ୱର ଠାରୁ କାକଟପୁର ପର୍ଯ୍ୟନ୍ତ ପ୍ରାୟ ୭୯ କିଲୋମିଟର ରାସ୍ତାକୁ ୪-ଲେନ୍ ବିଶିଷ୍ଟ ହାଇୱେ କରାଯିବ । ଏଥିପାଇଁ ୫ ହଜାର ୩୦୫ କୋଟି ଟଙ୍କା ବ୍ୟୟ ହେବ । ସେହିପରି କାକଟପୁର ଠାରୁ ପାରାଦୀପ ପର୍ଯ୍ୟନ୍ତ ପ୍ରାୟ ୮୦ କିଲୋମିଟର ରାସ୍ତାକୁ ୨-ଲେନ୍ ବିଶିଷ୍ଟ ରୋଡ୍ ଭାବେ ନିର୍ମାଣ କରାଯିବ । ଏଥିପାଇଁ ୨, ୯୯୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । କୋଷ୍ଟାଲ ହାଇୱେ ଦ୍ୱାରା ଚେନ୍ନାଇ-କୋଲକାତା ସ୍ୱର୍ଣ୍ଣମୟ ଚତୁର୍ଭୁଜ ଘଏ-୩୧୬ (ଭୁବନେଶ୍ୱର-ପୁରୀ) ପାଇଁ ଏକ ବିକଳ୍ପ ମାର୍ଗ ହେବ । ଯାହା ପାରାଦୀପ ବନ୍ଦର ଏବଂ ଓଡ଼ିଶାରେ ଲଜିଷ୍ଟିକ୍ସ ଏବଂ ଶିଳ୍ପ ଅଭିବୃଦ୍ଧିକୁ ସମର୍ଥନ କରୁଥିବା ଅନ୍ୟାନ୍ୟ ଆଗାମୀ ବନ୍ଦରକୁ ସଂଯୋଗ ପ୍ରଦାନ କରିବ । ଏହା ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଏବଂ ଜଗତସିଂପୁର ଦେଇ ଗମନାଗମନ ଦକ୍ଷତା ବୃଦ୍ଧି କରିପାରିବ । ରାମେଶ୍ୱର ଏବଂ ପାରାଦୀପ ମଧ୍ୟରେ ଗମନାଗମନ ସମୟ ପ୍ରାୟ ୨.୫ ଘଂଟା ହ୍ରାସ କରିବ ।

## ଅଳ୍ପରେ ଖବର

- ରାଜ୍ୟ ଶ୍ରମ ସଂସ୍ଥାନ, ଓଡ଼ିଶାର ୧୩ତମ ସାଧାରଣ ପରିଷଦ ବୈଠକ ଆଜି ସ୍ଥାନୀୟ ଖାରବେଳ ଭବନର ପଂଚମ ମହଲା ସମ୍ମିଳନୀ କକ୍ଷରେ ମାନ୍ୟବର ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଂଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।
- ଖରା ଛୁଟି ସରିବା ପୂର୍ବରୁ ସ୍କୁଲ ପିଲାଙ୍କ ପାଖରେ ପହଂଚିବ ବହି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସୂଚନା । ମନ୍ତ୍ରୀ କହିଛନ୍ତି ଯେ, ୯୦ ପ୍ରତିଶତ ବହି ଛପା ସରିଲାଣି, ପିଲାଙ୍କ ପାଖରେ ପହଂଚୁଛି ।
- ସରକାରୀ କାର୍ଯ୍ୟର ନିରବଚ୍ଛିନ୍ନ ତଥା ସୁଚାରୁ ପରିଚାଳନା ପାଇଁ ରାଜ୍ୟ ସରକାର ଏକ ବଡ଼ ନିଷ୍ପତି ନେଇଛନ୍ତି । ଏଣିକି ସରକାରୀ ଗାଡ଼ି ପାଇଁ ପେଟ୍ରୋଲ ପମ୍ପକୁ ଆଗୁଆ ପୈଠ କରିବେ ସରକାର ।
- ରାଜ୍ୟରେ ସ୍ଥାୟୀ ସହରୀ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ସ୍ୱଚ୍ଛ ଶକ୍ତି ସଂକ୍ରାନ୍ତୀୟ ରୂପାନ୍ତରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଗ୍ରୀନ୍ ହାଇଡ୍ରୋଜେନ୍ ଗତିଶୀଳତା ପ୍ରକଳ୍ପ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

## କେନ୍ଦ୍ର କ୍ୟାବିନେଟରେ ୮ ହଜାର ୩୦୦ କୋଟି ଟଙ୍କା ବ୍ୟୟରେ କୋଷ୍ଟାଲ ହାଇୱେ ପ୍ରକଳ୍ପକୁ ମଞ୍ଜୁରି

### ପୂର୍ବୋଦୟ ମିଶନରେ ଓଡ଼ିଶାର ଅର୍ଥନୀତି ଓ ପର୍ଯ୍ୟଟନ ସହ ଶିଳ୍ପାୟନ କ୍ଷେତ୍ରରେ କୋଷ୍ଟାଲ ହାଇୱେ ହେବ ଗେମ୍-ଚେଞ୍ଜର : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଓଡ଼ିଶାରେ ଏନଏଚ୍-୯୦ ଅଧୀନରେ ପ୍ରଥମ ପର୍ଯ୍ୟାୟରେ ରାମେଶ୍ୱର ଠାରୁ କୋଣାର୍କ ଦେଇ ପାରାଦୀପ ପର୍ଯ୍ୟନ୍ତ ଗ୍ରୀନଫିଲ୍ଡ 'କୋଷ୍ଟାଲ ହାଇୱେ' ନିର୍ମାଣ ପାଇଁ ମଞ୍ଜୁର ମିଳିଛି । ପ୍ରାୟ ୧୬୦.୧୮ କିଲୋମିଟର ଲମ୍ବ ବିଶିଷ୍ଟ ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ପ୍ରାୟ ୮ ହଜାର ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟବରାଦ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ଭିତିଭୂମି ଓ ଅର୍ଥନୀତିର ବିକାଶ ପାଇଁ ମୋଦୀ ସରକାର ସଦାସର୍ବଦା ପ୍ରତିବଦ୍ଧ । ଓଡ଼ିଶାର ଉପକୂଳବର୍ତୀ ଅଂଚଳରେ ଯୋଗାଯୋଗ ଭିତିଭୂମି ସୁଦୃଢ଼ କରିବା ସହ ରାଜ୍ୟର ବ୍ଲୁ ଇକୋନୋମୀ ଏବଂ ଶିଳ୍ପାୟନକୁ ନୂଆ ଗତି ଦେବ । ଏହି ପ୍ରକଳ୍ପ ହାଇବ୍ରିଡ୍ ଆନୁଇଟି ମୋଡରେ ନିର୍ମାଣ କରାଯିବ । ଏହି ମେଗା ପ୍ରକଳ୍ପକୁ ଦୁଇଟି ପ୍ୟାକେଜ୍‌ରେ ବିଭକ୍ତ କରାଯାଇଛି । ଏହି ପ୍ରଥମ ପର୍ଯ୍ୟାୟ ପ୍ୟାକେଜ୍-୧ ଅଧୀନରେ ରାମେଶ୍ୱର ଠାରୁ କାକଟପୁର ପର୍ଯ୍ୟନ୍ତ ପ୍ରାୟ ୭୯ କିଲୋମିଟର ରାସ୍ତାକୁ ୪-ଲେନ୍ ବିଶିଷ୍ଟ ହାଇୱେ କରାଯିବ ଏବଂ ପ୍ୟାକେଜ୍-୨ ଅଧୀନରେ କାକଟପୁର ଠାରୁ ପାରାଦୀପ ପର୍ଯ୍ୟନ୍ତ ପ୍ରାୟ ୮୦ କିଲୋମିଟର ରାସ୍ତାକୁ ପକ୍କା ସୋଲ୍ଡର ବିଶିଷ୍ଟ ୨-ଲେନ୍ ବିଶିଷ୍ଟ ରୋଡ୍ ଭାବେ ନିର୍ମାଣ କରାଯିବ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ ମିଶନ'ରେ ଓଡ଼ିଶାର ଆର୍ଥିକ ପ୍ରଗତି, ପର୍ଯ୍ୟଟନ ଏବଂ ବାଣିଜ୍ୟ କ୍ଷେତ୍ରରେ ଏହି ପ୍ରକଳ୍ପ ଏକ ଗେମ୍-ଚେଞ୍ଜର ସାବ୍ୟସ୍ତ ହେବ । ପୂର୍ବ ଭାରତର ବିକାଶ ତଥା ଓଡ଼ିଶାର ଉପକୂଳବର୍ତୀ ଅଂଚଳର ସମୃଦ୍ଧି ପାଇଁ ମୋଦୀ ସରକାରଙ୍କ ଏହି ସୁଚିନ୍ତିତ ପଦକ୍ଷେପ ପ୍ରଶଂସନୀୟ । ଏହି ସୁପାରିଶକୃତ ପ୍ରକଳ୍ପ ଓଡ଼ିଶାର ଉପକୂଳବର୍ତୀ ଅଂଚଳରେ ଯୋଗାଯୋଗ ଭିତିଭୂମି ସୁଦୃଢ଼ କରିବା ସହ ଅର୍ଥନୀତିକୁ ଏକ ନୂଆ ଗତି ପ୍ରଦାନ କରିବ । ଏହାସହ ସ୍ଥାନୀୟ ଅଂଚଳରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି । ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ଏହି ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀ ପାଇଁ ସେ ସମଗ୍ର ଓଡ଼ିଶାବାସୀଙ୍କ ତରଫରୁ ପୁନର୍ବାର ମୋଦୀ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଶ୍ରୀ ଜଗନ୍ନାଥ ମନ୍ଦିର ଇ-ହୁଣ୍ଡି ବ୍ୟବସ୍ଥା କାର୍ଯ୍ୟକାରୀ ନିମନ୍ତେ ବୈଠକ ଅନୁଷ୍ଠିତ

### ରାଜ୍ୟ ତଥା ରାଜ୍ୟ ବାହାରର ଶ୍ରଦ୍ଧାଳୁ ଅନ୍‌ଲାଇନ୍ ମାଧ୍ୟମରେ ଦାନ ଦେଇପାରିବେ : ମନ୍ତ୍ରୀ



ଭୁବନେଶ୍ୱର : ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଛନ୍ତି ଓ ମହାପ୍ରଭୁଙ୍କ କରୁଣାରୁ ଅନେକଙ୍କ ମନସ୍କାମନା ପୂରଣ ହୋଇ ଆସୁଛି । ତେବେ ନିଜ ମନୋବାଞ୍ଛା, ଖୁସି ଏବଂ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ପୁରୀ ଆସୁଥିବା ଭକ୍ତ ଶ୍ରୀମନ୍ଦିର ହୁଣ୍ଡିରେ ଅର୍ଥ ଦାନ କରିବାର ପରମ୍ପରା କାହିଁ କେଉଁ କାଳରୁ ରହିଆସିଛି ଓ ତେବେ ରାଜ୍ୟ ବାହାରେ ତଥା ବିଦେଶରେ ରହୁଥିବା ଶ୍ରଦ୍ଧାଳୁଙ୍କ ଲାଗି ଅନଲାଇନ ମାଧ୍ୟମରେ ହୁଣ୍ଡିରେ ଦାନ ଦେବା ବ୍ୟବସ୍ଥା ପାଇଁ ଅନେକ ଭକ୍ତ ଇଛା କରି ଆସୁଥିଲେ । ଏହି କ୍ରମରେ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ଇ-ହୁଣ୍ଡି ବ୍ୟବସ୍ଥା କାର୍ଯ୍ୟକାରୀ ନିମନ୍ତେ ଉଚ୍ଚ ସ୍ତରୀୟ ବୈଠକ ଲୋକସେବା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଆଇନ ବିଭାଗ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଇ-ହୁଣ୍ଡି ବ୍ୟବସ୍ଥାର ସଫଳ କାର୍ଯ୍ୟକାରୀ ନିମନ୍ତେ ଆଲୋଚନା ହୋଇଥିଲା । ଯେଉଁଥିରେ ଭକ୍ତ ତଥା ଶ୍ରଦ୍ଧାଳୁ ନିଜ ଜନ୍ମଦିନ, ବିବାହ ବାର୍ଷିକୀ ତଥା ନିଜର ମନସ୍କାମନା ପୂରଣ ଖୁସିରେ କିଭଳି ଭାବେ ଅନଲାଇନ ମାଧ୍ୟମରେ ଶ୍ରୀମନ୍ଦିର ହୁଣ୍ଡିରେ ଅର୍ଥରାଶି ଦାନ କରିପାରିବେ ସେଥିନେଇ ଆଲୋଚନା ହୋଇଥିଲା ଓ ଦାନ ଅର୍ଥରାଶି ପାଇଁ ଆୟକର ଛାଡ଼ ବ୍ୟବସ୍ଥା ରହିବାକୁ ଥିବା ବେଳେ ଭକ୍ତଙ୍କ ଠାରୁ ଦାନ ସୂତ୍ରରେ ଆସିବାକୁ ଥିବା ଅର୍ଥ କେବଳ ଶ୍ରୀମନ୍ଦିର ବିକାଶ ଦିଗରେ ଖର୍ଚ୍ଚ ହେବ । ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ରାଜ୍ୟ ତଥା ଦେଶ ବାହାରେ ରହୁଥିବା ଲକ୍ଷ ଲକ୍ଷ ଜଗନ୍ନାଥ ଭକ୍ତ ଶ୍ରୀମନ୍ଦିର ହୁଣ୍ଡିକୁ ସହଜରେ ଅର୍ଥରାଶି ପଠାଇ ପାରିବେ ଓ ତେବେ ଏହି ବ୍ୟବସ୍ଥାରୁ ସାଇବର ଅପରାଧୀ ଯେପରି ଫାଇଦା ଉଠାଇ ନ ପାରିବେ ସେଥିଲାଗି ବିହିତ ପଦକ୍ଷେପ ନେବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଥିଲେ ।

## ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ ଅଭିଯାନ

### ପଂଚମ ଦିନରେ ୭୧ ଲକ୍ଷରୁ ଅଧିକ ଭୋଟରଙ୍କୁ ଫର୍ମ ବଂଟନ ଶେଷ



ଭୁବନେଶ୍ୱର : ରାଜ୍ୟରେ ମତଦାତା ସୂଚୀକୁ ଅଧିକ ସ୍ୱଚ୍ଛ, ସଂଶୋଧିତ ଓ ତ୍ରୁଟିଶୂନ୍ୟ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆରମ୍ଭ ହୋଇଥିବା 'ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ' (ଏସଆଇଆର) ସଫଳତାର ସହ ପଂଚମ ଦିନରେ ପହଂଚିଛି । ଗତ ଚାରି ଦିନର ବ୍ୟାପକ ସଫଳତା ପରେ ଆଜି ମଧ ରାଜ୍ୟର କୋଣ-ଅନୁକୋଣରେ ଭୋଟରମାନଙ୍କ ମଧ୍ୟରେ ଏହି ଅଭିଯାନକୁ ନେଇ ପ୍ରବଳ ଉତ୍ସାହ ପ୍ରକାଶ ପାଇଛି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆଜି (ବୁଧବାର) ସନ୍ଧ୍ୟା ୦୬ଟା ସୁଦ୍ଧା ରାଜ୍ୟର ସମୁଦାୟ ୭୧ ଲକ୍ଷ ୬୯ ହଜାର ୫୬୩ ଜଣ ଭୋଟରଙ୍କୁ ସଫଳତାର ସହ ପରିଗଣନା ଫର୍ମ ବଂଟନ କରାଯାଇ ସାରିଛି । ଏହି ସ୍ୱତନ୍ତ୍ର ଅଭିଯାନକୁ ଶତପ୍ରତିଶତ ସଫଳ କରିବା ପାଇଁ ସାରା ରାଜ୍ୟରେ ୪୫,୨୫୫ ଜଣ ବୁଥସ୍ତରୀୟ ଅଧିକାରୀ (ବିଏଲ୍ଓ) ନିୟୋଜିତ ହୋଇଛନ୍ତି । ବିଏଲ୍ଓମାନେ ବିଭିନ୍ନ ଆଦିବାସୀ ଅଧ୍ୟୁଷିତ ତଥା ଦୁର୍ଗମ ଅଂଚଳ ସମେତ ସହର ଓ ଗ୍ରାମାଂଚଳର ପ୍ରତିଟି ଘରକୁ ଯାଇ ପରିଗଣନା ଫର୍ମ ବଂଟନ ସହ ତଥ୍ୟ ସଂଗ୍ରହ କାର୍ଯ୍ୟ ଜାରି ରଖିଛନ୍ତି । ଘରକୁ ଘର ପରିଗଣନା ସମୟରେ ପ୍ରତ୍ୟେକ ଭୋଟରଙ୍କୁ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ (ସଂଲଗ୍ନ-ଓଓଓ) ଯୋଗାଇ ଦିଆଯାଉଛି । ଭୋଟରମାନେ ଫର୍ମ ପୂରଣ କରିବା ପରେ ବିଏଲ୍ ?ଓ ଗୋଟିଏ ନକଲ ନିଜ ପାଖରେ ରଖୁଛନ୍ତି ଏବଂ ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରୁଛନ୍ତି । ଏହି ସ୍ୱୀକୃତି ପତ୍ରକୁ ଭୋଟରମାନେ ଭବିଷ୍ୟତ ପାଇଁ ସାଇତି ରଖିବାକୁ କୁହାଯାଇଛି । ଏହି ପରିଗଣନା ପ୍ରକ୍ରିୟାକୁ ସହଜ କରିବା ପାଇଁ ଭୋଟରମାନଙ୍କଠାରୁ କୌଣସି ପ୍ରକାରର ଅତିରିକ୍ତ ଦସ୍ତାବିଜ ବା ଡକ୍ୟୁମେଂଟ ସଂଗ୍ରହ କରାଯାଉ ନାହିଁ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

## ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ଗଠିତ ବ୍ରିକ୍ସ ଗୋଷ୍ଠୀର ଦ୍ୱିତୀୟ ବୈଠକ ପୁରୀରେ ଆରମ୍ଭ

ଭୁବନେଶ୍ୱର : ଭାରତ ୨୦୨୬ ବ୍ରିକ୍ସ ରାଷ୍ଟ୍ର ଗୋଷ୍ଠୀ ବୈଠକର ଅଧ୍ୟକ୍ଷତା କରୁଥିବା ବେଳେ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମଏ) ପକ୍ଷରୁ ପୁରୀ ଠାରେ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ ଗୋଷ୍ଠୀର ଦ୍ୱିତୀୟ ବୈଠକ ଆୟୋଜନ କରାଯାଉଛି । ଆଜି ଠାରୁ ଆରମ୍ଭ ହୋଇଥିବା ଏହି ବୈଠକ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବ । "ଦୀର୍ଘସ୍ଥାୟିତ୍ୱ, ନବସୃଜନ, ସହଯୋଗ ଏବଂ ସ୍ଥିରତା ଲାଗି ନିର୍ମାଣ" ଶୀର୍ଷକ ଏହି ବୈଠକରେ ବିପର୍ଯ୍ୟୟ ବିପଦ ହ୍ରାସ (ଡିଆରଆର) କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ପାଇଁ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ଏଥିରେ ବ୍ରିକ୍ସ ସଦସ୍ୟ ଦେଶ ଯଥା ବ୍ରାଜିଲ, ଚୀନ୍, ଇଜିପ୍ଟ, ଇଥିଓପିଆ, ଭାରତ, ଇଣ୍ଡୋନେସିଆ, ଇରାନ, ରୁଷ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ବରିଷ୍ଠ ଅଧିକାରୀ ଏବଂ ବୈଷୟିକ ବିଶେଷଜ୍ଞମାନେ ଯୋଗ ଦେଉଛନ୍ତି । ମୁଖ୍ୟତଃ ଗୋଷ୍ଠୀ-ଭିତିକ ବିପର୍ଯ୍ୟୟ ବିପଦ ହ୍ରାସ, ବିପର୍ଯ୍ୟୟ ବିପଦ ପରିଚାଳନା ପାଇଁ ଆର୍ଥିକ ସହାୟତା,




ବହୁମୁଖୀ ବିପଦ ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା, ଦୃଢ଼ ଭିତିଭୂମି, ପ୍ରକୃତି-ଭିତିକ ସମାଧାନ ଏବଂ ବିପର୍ଯ୍ୟୟ ସହନଶୀଳତାକୁ ମଜବୁତ କରିବା ପାଇଁ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ନବସୃଜନର ବ୍ୟବହାର ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ବୈଠକରେ ବିଚାରବିମର୍ଶ କରାଯିବ । ଓଡ଼ିଶାରେ ବିଶ୍ୱ ସ୍ତରରେ ସ୍ୱୀକୃତିପ୍ରାପ୍ତ ବିପର୍ଯ୍ୟୟ ପ୍ରସ୍ତୁତି ବ୍ୟବସ୍ଥା ରହିଛି । ଏହା ବିଶେଷକରି ବାତ୍ୟା ପରିଚାଳନା, ପ୍ରାରମ୍ଭିକ ସତର୍କତା ପ୍ରସାରଣ, ସ୍ଥାନାନ୍ତର ଯୋଜନା ଏବଂ ଗୋଷ୍ଠୀ-ଭିତିକ ପ୍ରତିକ୍ରିୟା ବ୍ୟବସ୍ଥାରେ ମୃତକଙ୍କ ସଂଖ୍ୟା ଶୂନ ସ୍ତରରେ ରଖିବାରେ ରାଜ୍ୟ ସଫଳ ହୋଇଛି । ଏହି ଉପଲବ୍ଧିକୁ ସ୍ୱୀକୃତି ଦେଇ ଓଡ଼ିଶାକୁ ଆୟୋଜକ ରାଜ୍ୟ ଭାବରେ ମନୋନୀତ କରାଯାଇଛି । ଏହି କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ, ପ୍ରତିନିଧିମାନେ ରାମଚଣ୍ଡୀଠାରେ ପାଣିରୁ ଉଦ୍ଧାର କାର୍ଯ୍ୟ ପ୍ରସ୍ତୁତି ଏବଂ ପ୍ରତିକ୍ରିୟା ଉପରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଓଡ୍ରାଫ) ଦ୍ୱାରା ଏକ କାର୍ଯ୍ୟକ୍ରମର ପ୍ରଦର୍ଶନ ଦେଖିବେ । ପ୍ରତିନିଧିମାନେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ (ଓସଡମା) ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ତାଲିମପ୍ରାପ୍ତ ଗୋଷ୍ଠୀ ସ୍ୱେଚ୍ଛାସେବୀଙ୍କ ସହ ମଧ ଆଲୋଚନା କରିବେ । ଏହାଦ୍ୱାରା ଉପକୂଳ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଦୃଢ଼ତା ଏବଂ ଗୋଷ୍ଠୀ ଭିତିକ ପ୍ରସ୍ତୁତିରେ ଓଡ଼ିଶାର ସର୍ବୋତମ ଅଭ୍ୟାସଗୁଡ଼ିକ ବିଷୟରେ ଜାଣିବା ଲାଗି ସୁଯୋଗ ମିଳିବ ।




# ସଦର ବିଜେଡି ପକ୍ଷରୁ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର

ବାଲେଶ୍ୱର, (ନି.ପ୍ର.) ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ବୁଧବାର ବିଶାଳ 'ନାରୀ ଅଧିକାର ଅଭିଯାନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବାଲେଶ୍ୱର ସଦରର ସମସ୍ତ ନେତୃବୃନ୍ଦଙ୍କ ପ୍ରତିନିଧିତ୍ୱରେ ୩୩ ପ୍ରତିଶତ ମହିଳା ସଂରକ୍ଷଣକୁ ନେଇ ବିଜେପି କରୁଥିବା ପ୍ରହସନ ବିରୁଦ୍ଧରେ ଏହି ଅଭିଯାନ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମ ଅବସରରେ ହଜାର ହଜାର ମହିଳା ବିଶାଳ ଶୋଭାଯାତ୍ରାରେ ମିଶନ ପଡ଼ିଆରୁ ବାହାରି ଫାଣ୍ଡି ଛକରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ପିନ୍ଧାଇବା ପରେ ଗାନ୍ଧୀ ସ୍ମୃତି ଭବନ ଠାରେ ପହଂଚିଥିଲେ । ସମସ୍ତେ ପ୍ଲାକାର୍ଡ଼ ଓ ଦଳୀୟ ପତାକା ଧରିବା ସହ ବିଜେପିର ମିଛ ପ୍ରଚାର ବିରୁଦ୍ଧରେ ନାରାବାଜି କରିଥିଲେ । ପରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ମୁକ୍ତ ମଂଚରେ ସାଧାରଣ ସଭା ଆୟୋଜିତ ହୋଇଥିଲା ।ଏହି 'ନାରୀ ଅଧିକାର ଅଭିଯାନ' ସଭାରେ ବାଲେଶ୍ୱର ସାଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତସିଂହାର ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ସାଧାରଣ




ସମ୍ପାଦକ ରଞ୍ଜନ ବାଗ ମଂଚ ଆହ୍ୱାନ କରିଥିଲେ । ବାଲେଶ୍ୱର ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ, ଛାତ୍ର ବିଜେଡିର ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁ, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାସ, ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାସ ଓ ଉର୍ମିଳତା ଦାସ, ଯୁବ ବିଜେଡିର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଜିଲ୍ଲା ପୂର୍ବତନ ଉପସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ, ନୀଳଗିରି ବ୍ଲକ ଚେୟାରମ୍ୟାନ ଶୁଭଲକ୍ଷ୍ମୀ ମାଝୀ, ଜିଲ୍ଲା ପରିଷଦ ସୋନାଲି ବିଶ୍ୱାଳ ଓ ଅଭିମନ୍ୟୁ ଦିନ୍ଦା, ରେମୁଣା ବିଧାୟିକା ପ୍ରାର୍ଥୀନୀ ବିଦ୍ୟାସ୍ମିତା ମହାଲିକ, ବସ୍ତା ନିର୍ବାଚନମଣ୍ଡଳୀ ସଂଯୋଜକ ମହାଦେବ ଦାସ, କାଉନସିଲର ମୀନା ମହାନ୍ତି ପ୍ରମୁଖ ମଂଚାସୀନ ରହି ବିଜେପିର ମିଥ୍ୟା ପ୍ରହେଳିକା ବିରୁଦ୍ଧରେ ପ୍ରବଳ ବର୍ଷିଥିଲେ । ଗୋଟିଏ ପଟେ ନାରୀ ସଶକ୍ତିକରଣର ନାରା ଦେଉଥିବା ବେଳେ ଅପରପକ୍ଷେ ନାରୀ ନିର୍ଯ୍ୟାତନା ରୋକିବାରେ ଅପାରଗ ବିଜେପି ସରକାର ଅସଫଳ ହୋଇଥିବା ପ୍ରକାଶ କରିଥିଲେ । ସେହିପରି ବାଲେଶ୍ୱର ପୌର ଉପାଧ୍ୟକ୍ଷ କୈଳାଶ ସେଠୀ, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, କାଉନସିଲରଙ୍କ ମଧ୍ୟରେ ମିତା ପଟ୍ଟନାୟକ, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ସନ୍ଧ୍ୟାରାଣୀ ଜେନା, ଶଶୀରେଖା ମହାନ୍ତି, ସବିତା ଦାସ, କବିତା ମୁର୍ମୁ, ମୀରାଜ ବାନୋ, ସୋନିଆ ମୁର୍ମୁ ପ୍ରମୁଖ ମଂଚାସୀନ ଥିଲେ ।ଟାଉନ ବିଜେଡିର ସଞ୍ଜୟ ବେହେରା, ସୁବୋଧ ମହାନ୍ତି, ସେକ ଅନସର ଅଲ୍ଲୀ, ବିଶ୍ୱଜିତ ମହାପାତ୍ର, ସାକିର ଖାଁ, ସେକ ଆୟୁବ, କାର୍ତିକ ସାହୁ, ରମେଶ ମାଝୀ, ନଳିନୀ ରଞ୍ଜନ ଦାସ, ଅତୁଲ ଶତପଥୀ, ଜଗନ୍ନାଥ ମହାରଣା, ସେକ ରାଜୁ, ରୀତିକ ଜୀ, ସେକ ଅସଲାମ, ସେକ ଆଲାମ, ଶକ୍ତିକାନ୍ତ ଜେନା, ଯୁବ ନେତା ଉମାଶଙ୍କର ତିଆଡ଼ି, ଛାତ୍ର ନେତା ହରେକୃଷ୍ଣ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ଓ ସହଯୋଗ କରିଥିଲେ । ସଦର ବ୍ଲକର ସମସ୍ତ ନିର୍ବାଚିତ ପ୍ରତିନିଧି ଓ ନେତୃତ୍ୱ ଏବଂ ବିଜୁ ଜନତା, ମହିଳା, ଯୁବ ଓ ଛାତ୍ରର ଶତାଧିକ ନେତୃତ୍ୱ ଓ କର୍ମୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଟାଉନ ବିଜେଡି ସଭାପତି ମନୋଜ କୁମାର ରାଉତ ଧନ୍ୟବାଦ ଦେଇଥିଲେ ।

ସଭା ପରେ ନେତୃତ୍ୱମାନେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକ ପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ ।

ବାଲେଶ୍ୱର(ନି.ପ୍ର.)ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ କି ବାତ୍' ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି । ଏହି କାର୍ଯ୍ୟକ୍ରମର ୧୩୪ତମ ସଂସ୍କରଣ ଟିଭି ମାଧ୍ୟମରେ ମଧ୍ୟ ପ୍ରସାରିତ ହୋଇଥିବା ବେଳେ ଏହାକୁ ଦେଖିବା ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ଏହି କ୍ରମରେ ବାଲେଶ୍ୱର ପୌରାଂଚଳ ଅନ୍ତର୍ଗତ ୧୩ନଂ ୱାର୍ଡରେ ଭାରତୀୟ ଜନତା ପାର୍ଟିର ମହାବୀର ଶକ୍ତିକେନ୍ଦ୍ରରେ ଏହି 'ମନ କି ବାତ୍' କାର୍ଯ୍ୟକ୍ରମକୁ ଦେଖିଥିଲେ ସଦର ବିଧାୟକ ମାନସ କୁମାର ଦତ । ଶକ୍ତିକେନ୍ଦ୍ର ଅଧିନ ୧୭୮ନଂ ବୁଥ କର୍ମକର୍ତାଙ୍କ ଗହଣରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପରାମର୍ଶ ଶୁଣିଥିଲେ । ଦେଶବ୍ୟାପୀ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ପାରମ୍ପରିକ ଦେଶୀ ପାନୀୟ ଉପରେ ଗୁରୁତ୍ୱ ଦେଇ ଓଡ଼ିଶାର ଲୋକପ୍ରିୟ ବେଲ ପଣା ଏବଂ ଆମ୍ବ ଭଳି ଦେଶୀ ଖାଦ୍ୟର ଖୁବ

# ମୋରଡା ଥାନା ଆଇଆଇସିଙ୍କ ବଦଳି ଦାବିରେ ଡିଆଇଜିଙ୍କୁ ସ୍ମାରକପତ୍ର

ବାଲେଶ୍ୱର,(ନି.ପ୍ର.) ମୟୂରଭଞ୍ଜ ଜିଲ୍ଲାର ମୋରଡା ଥାନା ଆଇଆଇସି ସୁମିତ ସୋରେନଙ୍କ ବିରୋଧରେ ଅଭିଯୋଗ ଆଣି ତାଙ୍କ ବଦଳି ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ବୁଧବାର ପୂର୍ବାଂଚଳ ରେଞ୍ଜ ଡିଆଇଜିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ।ସ୍ମାରକପତ୍ରରେ ଅଭିଯୋଗ କରାଯାଇଛି ଯେ, ନାବାଳିକା ନିର୍ଯାତନା ଘଟଣାରେ ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ପୀଡ଼ିତା ଓ ତାଙ୍କ ପରିବାର ପ୍ରତି ମୋରଡା ଥାନା ଆଇଆଇସି ଅସହଯୋଗୀ ମନୋଭାବ ପ୍ରଦର୍ଶନ କରିଥିଲେ । ଏହାସହ ଥାନା ଅଧିକାରୀଙ୍କ ବିରୋଧରେ ବାଲି ମାଫିଆ, ଜମି ମାଫିଆ ଏବଂ ବେଆଇନ କାରବାର ସହ ଜଡିତ ବ୍ୟକ୍ତିଙ୍କୁ ପ୍ରଶ୍ରୟ ଦେବା ଭଳି ଅଭିଯୋଗ ମଧ୍ୟ ଉଠାଯାଇଛି ।ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ପୂର୍ବରୁ ଏହି ସମ୍ପର୍କରେ ମୟୂରଭଞ୍ଜ ଏସ୍ ?ପିଙ୍କୁ ଅବଗତ କରାଯାଇଥିଲା । ଘେରାଉ ସମୟରେ ଉପସ୍ଥିତ ଅତିରିକ୍ତ ଏସ୍‌ପି ଓ ଏସ୍ ?ଡିପିଓ ଅଭିଯୁକ୍ତଙ୍କ ବିରୋଧରେ ପଦକ୍ଷେପ ସହ ଆଇଆଇସିଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନର ଆଶ୍ୱାସନ ଦେଇଥିଲେ । ଅଭିଯୁକ୍ତଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ ଆଇଆଇସିଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ନିଆଯାଇନଥିବା ଅଭିଯୋଗ




କରାଯାଇଛି ।ତେଣୁ ମୋରଡା ଥାନା ଆଇଆଇସି ସୁମିତ ସୋରେନଙ୍କୁ ତୁରନ୍ତ ବଦଳି କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରି ଆବଶ୍ୟକ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ ପାଇଁ ଦାବି କରାଯାଇଛି ।ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଶ୍ରୀନାଥ ସୋରେନ, ଗଣେଶ୍ୱର ପାତ୍ର, ରାଜ୍ୟ ବିଜେଡି ମିଡିଆ ସଂଯୋଜକ ପ୍ରିୟବ୍ରତ ମାଝି, ପୂର୍ବତନ କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ବରିଷ୍ଠ ନେତା ପ୍ରଭାତ ନାୟକ, ପୂର୍ବତନ ଛାତ୍ର ସଭାପତି ସୁନୀଲ ନାୟକ, ଛାତ୍ର ରାଜ୍ୟ ସାଧାରଣ ସମ୍ପାଦକ ଜିତ୍ ପଟ୍ଟନାୟକ, ବିଜେଡି ନେତ୍ରୀ ପ୍ରୀତିନନ୍ଦା କାନୁନଗୋ, ବାରିପଦା ପୌରାଧ୍ୟକ୍ଷ ବାଦଲ ମହାନ୍ତି ଏବଂ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଶାସନ ପକ୍ଷରୁ ସହରରେ ବୁଲିଲା ଜନଜାଗରଣ ରଥ




ବାଲେଶ୍ୱର(ନି.ପ୍ର.): ଜନସାଧାରଣଙ୍କ ମଧ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଝଓଜ) ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଓ ଆବଶ୍ୟକ ସୂଚନା ପହଂଚାଇବା ଉଦ୍ଦେଶ୍ୟରେ ବୁଧବାର ପୂର୍ବାହ୍ନ ୯.୩୦ ଘଟିକାରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସ୍ୱତନ୍ତ୍ର ସଘନ ସଂଶୋଧନ (ଝଓଜ) ସଚେତନତା ଅଭିଯାନ ରଥର ଶୁଭାରମ୍ଭ କରାଯାଇଛି ।ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଖୁଂଟିଆ, ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସଞ୍ଜୟ କୁମାର ରାଉତ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡ଼. ମଧୁସ୍ମିତା ସାମନ୍ତରାୟ ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ସୁଶ୍ରୀ ସମୀକ୍ଷା ବେହୁରାଙ୍କ ସମେତ ଜିଲ୍ଲା ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଓ ବିଭିନ୍ନ ବିଭାଗର କର୍ମକର୍ତାମାନେ ଉପସ୍ଥିତ ଥିଲେ ।ଅତିଥିମାନେ ପତାକା ପ୍ରଦର୍ଶନ କରି ସଚେତନତା ରଥକୁ ଉଦ୍ ?ଘାଟନ କରିଥିଲେ । ଏହି ରଥ ଜିଲ୍ଲାର ବିଭିନ୍ନ ଅଂଚଳ ପରିକ୍ରମା କରି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା, ଏହାର ଗୁରୁତ୍ୱ ଓ ଜନସାଧାରଣଙ୍କ ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି କରିବ ।କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ଅନେକ ମହିଳା ସଦସ୍ୟା ମଧ୍ୟ ଯୋଗଦେଇ ଏହି ସଚେତନତା ଅଭିଯାନକୁ ସମର୍ଥନ ଜଣାଇଥିଲେ । ଜନସହଭାଗିତା ମାଧ୍ୟମରେ ଏହି ଅଭିଯାନକୁ ସଫଳ କରିବା ଉପରେ ପ୍ରଶାସନ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଥିଲା ।

## ବିଶ୍ୱ ସାଇକେଲ ଦିବସ ଅବସରରେ ବାଲେଶ୍ୱର ଡବ୍ଲ୍ୟୁଓଡବ୍ଲ୍ୟୁ କ୍ଲବ ସଦସ୍ୟମାନଙ୍କର ସାଇକେଲ ରାଲି

ବାଲେଶ୍ୱର(ନି.ପ୍ର.): ବିଶ୍ୱ ସାଇକେଲ ଦିବସ ଅବସରରେ ବାଲେଶ୍ୱରର ଡରକ୍ଷକ୍ଷଭରତ୍ୱଚ୍ଚ ଙଭ ଡଷରରକ୍ଷତ୍ୱ (ଡଙଡ) କ୍ଲବର ସଦସ୍ୟମାନେ ଉତ୍ସାହର ସହିତ ଏକ ସାଇକେଲ ରାଲି ଆୟୋଜନ କରିଥିଲେ । ଏହି ଅବସରରେ ସେମାନେ ସାଇକେଲ ଚଳାଇ ଜନସାଧାରଣଙ୍କ ମଧ୍ୟରେ ସୁସ୍ଥ ଜୀବନଶୈଳୀ, ଶାରୀରିକ ଫିଟନେସ୍ ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ ।ରାଲିର ନେତୃତ୍ୱ **Wellness On Wheels** ର ସଭାପତି ସୟଦ ସଲିମ ରଜା କରିଥିଲେ । ଏହି ରାଲି ବାଲେଶ୍ୱରର ଗାନ୍ଧୀ ସ୍ମୃତି ଭବନରୁ ଆରମ୍ଭ ହୋଇ ଷ୍ଟେସନ ଛକ, ପୋଲିସ ଲାଇନ ଛକ, ଆଇ ଲଭ ବାଲେଶ୍ୱର ଏବଂ ଫକୀରମୋହନ ଗୋଲେଇ ଦେଇ ପୁଣି ଗାନ୍ଧୀ ସ୍ମୃତି ଭବନରେ ସମାପ୍ତ ହୋଇଥିଲା ।ଏହି ଅବସରରେ କ୍ଲବ ସଦସ୍ୟମାନେ କହିଥିଲେ ଯେ ସାଇକେଲ ଚଳାଇବା କେବଳ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ନୁହେଁ, ବରଂ ପରିବେଶକୁ ପ୍ରଦୂଷଣମୁକ୍ତ ରଖିବାରେ ମଧ୍ୟ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେମାନେ ସାଧାରଣ ଲୋକଙ୍କୁ ଦୈନନ୍ଦିନ ଜୀବନରେ ଅଧିକରୁ ଅଧିକ ସାଇକେଲ ବ୍ୟବହାର କରିବାକୁ ଆହ୍ୱାନ କରିଥିଲେ, ଯାହାଦ୍ୱାରା ଏକ ସୁସ୍ଥ ସମାଜ ଓ ପରିଷ୍କାର ପରିବେଶ ଗଠନରେ ସମସ୍ତେ ଅବଦାନ ରଖିପାରିବେ । ରାଲି ସମୟରେ ନିୟମିତ ବ୍ୟାୟାମ, ଶାରୀରିକ ସକ୍ରିୟତା ଏବଂ ପ୍ରଦୂଷଣମୁକ୍ତ ଯାତାୟାତ ବ୍ୟବସ୍ଥାର ଗୁରୁତ୍ୱକୁ ଉଜାଗର କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କ୍ଲବର ସକ୍ରିୟ ସଦସ୍ୟ ସୌମ୍ୟ ରଞ୍ଜନ ବନ୍ଧାଣୀ, ଶେଖ ମୁଜାହିଦ, ଶେଖ ଅକ୍ରମ, ଓମ ସାହୁ, ଆସିଆ ରଜା ଓ ଅବଦୁଲ କଲିମ ସହ ଅନେକ ସଦସ୍ୟ ଉପସ୍ଥିତ ଥିଲେ ଏବଂ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।ବିଶ୍ୱ ସାଇକେଲ ଦିବସ ଅବସରରେ ଆୟୋଜିତ ଏହି ରାଲି ସହରରେ ସ୍ୱାସ୍ଥ୍ୟ, ଫିଟନେସ୍ ଓ ପରିବେଶ ସଚେତନତା ବୃଦ୍ଧି ପାଇଁ ଏକ ସକାରାତ୍ମକ ପ୍ରୟାସ ଭାବେ ପରିଗଣିତ ହୋଇଥିଲା, ଯାହାକୁ ସାଧାରଣ ଲୋକମାନେ ମଧ୍ୟ ପ୍ରଶଂସା କରିଥିଲେ ।

## କନହେଇ ଲାଲ ଦାସ ସ୍ମୃତି ସଂସଦ ପକ୍ଷରୁ ବାଲେଶ୍ୱରରେ ପାଳିତ ହେବ ଜୟନ୍ତୀ ଉତ୍ସବ

# ଗାଳ୍ପିକ ରଞ୍ଜନ ପ୍ରଧାନ ପାଇବେ କନ୍‌ହେଇ କଥା ପୁରସ୍କାର

ବାଲେଶ୍ୱର,(ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ କନହେଇଲାଲ ଦାସ ସ୍ମୃତି ସଂସଦ ପକ୍ଷରୁ ଜୁନ୍ ୨୭ ତାରିଖ ଦିନ ବାଲେଶ୍ୱର ସହର ସ୍ଥିତ ଆତିଥ୍ୟ ଭବନରେ ଅନୁଷ୍ଠିତ ହେବ କନହେଇ ଜୟନ୍ତୀ ଉତ୍ସବ ସମାରୋହ । ଏ ସମ୍ପର୍କରେ ଆଜି ସନ୍ଧ୍ୟାରେ ସ୍ଥାନୀୟ 'ସଙ୍କେତ' ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ସୁବାସ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଭୋଗରାଇ ବିଧାୟକ ତଥା ସଂସଦର ଆବାହକ ଗୌତମବୁଦ୍ଧ ଦାସ ଯୋଗ ଦେଇ ପ୍ରଥମେ ଫକୀରମୋହନ ସେନାପତିଙ୍କ ବିବାଦୀୟ ମନ୍ତବ୍ୟ ଉପରେ ଏକ ନିନ୍ଦା ପ୍ରସ୍ତାବ ଆଣିଥିଲେ । ଆଜିର ଏହି ବୈଠକରେ ଆସନ୍ତା ଉତ୍ସବର ରୂପରେଖ ବାବଦରେ ସବିଶେଷ ଆଲୋଚନା କରାଯାଇଥିଲା । ଚଳିତବର୍ଷ କନହେଇ କଥା ପୁରସ୍କାର ପାଇଁ କାର୍ଯ୍ୟକାରୀ ସଭାପତି ତଥା ପୁରସ୍କାର କମିଟି ମୁଖ୍ୟ କୃଷ୍ଣ କୁମାର ମହାନ୍ତି ସମ୍ଭାବ୍ୟ ନାମ ତାଲିକା ପ୍ରଦାନ କରିବା ପରେ ଯୁବ ଗାଳ୍ପିକ ରଞ୍ଜନ ପ୍ରଧାନଙ୍କୁ



ଚଳିତବର୍ଷର କନହେଇ କଥା ପୁରସ୍କାର ପାଇଁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ପ୍ରକାଶ ଥାଉ କି, ଡକ୍ଟର ରଞ୍ଜନ ପ୍ରଧାନ ୧୯୭୯ ମସିହାରେ କେନ୍ଦ୍ରାପଡ଼ାର ନିଗିନିପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସ୍ନାତକୋତର ଶିକ୍ଷା ପରେ ଉଚ୍ଚତର ଗବେଷଣା କରି ସେ ପିଏଚଡ଼ି ଲାଭ କରିଛନ୍ତି । ତାଙ୍କର ଅଦ୍ୟାବଧି ୨୪ଟି ପୁସ୍ତକ ପ୍ରକାଶ ପାଇଛି ତନ୍ମଧ୍ୟରୁ ୩ ଟି କବିତା ପୁସ୍ତକ, ୮ ଟି କ୍ଷୁଦ୍ର ଗଳ୍ପ ସଙ୍କଳନ, ୩ଟି ଉପନ୍ୟାସ ଓ ୧୩ ଟି ଗବେଷଣା ଏବଂ ପ୍ରବନ୍ଧ ପୁସ୍ତକ ପ୍ରକାଶ ପାଇଛି । ସେ ତାଙ୍କ ଗଳ୍ପରେ ଆଦିବାସୀ ଜନଜାତିଙ୍କ କଥା ବର୍ଣ୍ଣନା କରିଥିବା ବେଳେ ଜଣେ ମାନବବାଦୀ ଗାଳ୍ପିକ ଭାବରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି । ଗଳ୍ପ ରଚନା ପାଇଁ ସେ ଅଦ୍ୟାବଧି କଳିଙ୍ଗ ପୁସ୍ତକ ମେଳା ପୁରସ୍କାର, କିଶୋରୀ ଚରଣ ପୁରସ୍କାର, ଜାତୀୟ ଯୁବ ପୁରସ୍କାର, ହାଜି ଆସ୍ରଫ୍ ଅଲ୍ଲୀ ଉଦୟ ପ୍ରତିଭା ପୁରସ୍କାର, ତପସ୍ୟା ସୃଜନ ପୁରସ୍କାର, ଅକ୍ଷୟ ଉପନ୍ୟାସ ପୁରସ୍କାର ଭଳି ୩୦ ରୁ ଅଧିକ ପୁରସ୍କାର ଓ ସମ୍ମାନ ଲାଭ କରିଛନ୍ତି । କନହେଇ ଜୟନ୍ତୀ ଉତ୍ସବରେ ଅତିଥି ଭାବେ ଯୋଗ ଦେବା ପାଇଁ ବିଶିଷ୍ଟ କଥାଶିଳ୍ପୀ ପରେଶ କୁମାର ପଟ୍ଟନାୟକ ଓ ଚିରଶ୍ରୀ ଇନ୍ଦ୍ରସିଂ ସଦୟ ସମ୍ମତି ପ୍ରଦାନ କରିଛନ୍ତି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂସଦର ଅନ୍ୟତମ ଆବାହକ କବି ଶ୍ରୀଦେବ, ସମ୍ପାଦକ ଉତ୍ପଳ ମହାନ୍ତି, କୋଷାଧ୍ୟକ୍ଷ ବ୍ୟୋମନାଥ ରଥ, ଯୁଗ୍ମ ସମ୍ପାଦକ ଶୁଭେନ୍ଦୁ ଦାସ, ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ, ନିବାରଣ ଜେନା, ସଞ୍ଜୟ ପଣ୍ଡା, ଯାଦବେଶ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ସଂସଦର ସଦସ୍ୟ ରାଜେଶ ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।

# ବେଆଇନ ବାଲି ଉତୋଳନ ବିରୋଧରେ ଖଣି ବିଭାଗର ଚଢ଼ାଉ: ଦୁଇ ଏକ୍ସକାଭେଟର ଜବତ


ବାଲେଶ୍ୱର,(ନି.ପ୍ର.): ବେଆଇନ ବାଲି ଉତୋଳନ ବିରୋଧରେ ଖଣି ବିଭାଗ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ ଅନ୍ତର୍ଗତ ଗତ ୨ ଜୁନ ରାତି ପ୍ରାୟ ୧୧ଟା ୧୫ ମିନିଟ୍ ସମୟରେ ଚାଲନ୍ତି ଅଂଚଳର ଏକ ବେଆଇନ ବାଲିଘାଟ ଉପରେ ଅଚାନକ ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉରେ ବେଆଇନ ବାଲି ଉତୋଳନ କାର୍ଯ୍ୟରେ ନିୟୋଜିତ ଥିବା ଦୁଇଟି ଏକ୍ସକାଭେଟର ଜବତ କରାଯାଇଛି ।ଖଣି ଅଧିକାରୀ ଶ୍ରୀ ଜଗନ ବେହେରା ଓ ଶ୍ରୀ ରୋହିତ କୁମାର ସାମଲଙ୍କ ନେତୃତ୍ୱରେ ସ୍ଥାନୀୟ ଥାନାର ଆଇଆଇସି ଏବଂ ଏପିଆର ଫୋର୍ସର ସହଯୋଗରେ ଏହି ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ଉକ୍ତ ଦୁଇଟି ଯନ୍ତ୍ର ବେଆଇନ ଭାବେ ବାଲି ଉତୋଳନ କାର୍ଯ୍ୟରେ



ବ୍ୟବହୃତ ହେଉଥିବା ଜଣାପଡ଼ିଥିଲା ।ଜବତ ହୋଇଥିବା ଦୁଇଟି ଏକ୍ସକାଭେଟରକୁ ପରବର୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜଳେଶ୍ୱର କୋର୍ଟ ଷ୍ଟକ୍ୟାର୍ଡରେ ଅଟକ ରଖାଯାଇଛି ।ବେଆଇନ ବାଲି ଉତୋଳନ ଯୋଗୁଁ ପରିବେଶ ସନ୍ତୁଳନ ଏବଂ ସରକାରୀ ରାଜସ୍ୱ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେଉଥିବାରୁ ଏଭଳି କାର୍ଯ୍ୟକଳାପ ବିରୋଧରେ ଆଗାମୀ ଦିନରେ ମଧ୍ୟ ଖଣି ବିଭାଗ ପକ୍ଷରୁ କଠୋର ଚଢ଼ାଉ ଓ ଆଇନଗତ ପଦକ୍ଷେପ ଜାରି ରହିବ ବୋଲି ବିଭାଗ ସୂଚନା ଦେଇଛି ।

# ଇଲେକ୍‌ଟ୍ରିକ୍ ଟ୍ରାନ୍ସଫରମ୍‌ରୁ ଅଗ୍ନିକାଣ୍ଡ

ବାଲେଶ୍ୱର,(ନି.ପ୍ର.): ମଙ୍ଗଳବାର ୧.୩୦ ମି. ସମୟରେ ହଠାତ୍ ମଠସାହି ବ୍ୟାଙ୍କ୍ କଲୋନୀ ସମ୍ମୁଖରେ ଥିବା ଇଲେକ୍ଟ୍ରିକ୍ ଟ୍ରାନ୍ସଫର୍ମରରେ ନିଆଁ ଲାଗି ଘ. ୨.୧୫ମି. ପର୍ଯ୍ୟନ୍ତ ଜଳିବାକୁ ଲାଗିଲା । ନିଆଁର ଝୁଲ ବାଣପରି ଫୁଟିବାକୁ ଲାଗିଲା ।ପାଖରେ ଥିବା ଗଛସବୁ ଜଳିଲା । ରାସ୍ତାକଡ଼ରେ ଛାଇରେ ରଖୁଥିବା କାର୍ ହଟାଇବାରୁ ଅଳ୍ପକେ ରକ୍ଷା ପାଇଗଲା । ଦୁଇ ପାଖ ରାସ୍ତାରେ ଲୋକ ଦେଖଣାହାରୀ ରହିଥିଲେ । ପ୍ରାୟ ୧ ଘଂଟା ମଧ୍ୟରେ ଇଲେକ୍ଟ୍ରିକ୍ ବିଭାଗ ଲୋକେ ଓ ଦମକଳ ବିଭାଗ ଆସି ଲାଇନ୍ କାଟି ନିଆଁକୁ ଆୟତ କରାଇଥିଲେ । ଏଥିରେ କୌଣସି ଧନ ଜୀବନ କ୍ଷୟ କ୍ଷତି ହୋଇନାହିଁ । ଲୋକଙ୍କ ମତରେ ଇଲେକ୍ଟ୍ରିକ୍ ବିଭାଗର ଅବହେଳା, କେବୁଲ୍ ତାରବାଲାଙ୍କ ଗୋଛା ଗୋଛା ତାର, ମ୍ୟୁନିସିପାଲିଟି ଦ୍ୱାରା ଲଟାପତ୍ର



ସଫା ନ ରହିବା ଦ୍ୱାରା ଏପରି ଘଟିଲା । ଯଦି ଏହା ରାତ୍ରିରେ ହୋଇଥାଆନ୍ତ, ବିରାଟ ଆକାର ଧାରଣ କରିଥା'ନ୍ତା ବୋଲି ଲୋକଙ୍କ ଠାରୁ ଶୁଣିବାକୁ ମିଳେ । ସରକାର ଏହା ଉପରେ ଗୁରୁତ୍ୱ ଦେଇ ଭବିଷ୍ୟତ ପାଇଁ ସତର୍କ ରହିବା ଉଚିତ ।

# ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବାଲେଶ୍ୱର,(ନି.ପ୍ର.) ଆଜି ପୂର୍ବାହ୍ନରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଜ଼ିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମିଳିତ ପ୍ରୟାସ ପ୍ରୟାସରେ ଆରୁହାବାଦ ଗ୍ରାମ ପଂଚାୟତ ଅନ୍ତର୍ଗତ ଉଦୟ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭା ଗୃହଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆର.ଡି.ସି, ବାହାନଗା ସହଯୋଗରେ ଗ୍ରାମ୍ୟ ସ୍ୱେଚ୍ଛାସେବୀଙ୍କ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଆର.ଡି.ସି, ବାହାନଗା ଓ ବାହାନଗା ପଂଚାୟତ ସମିତିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାତଦିନ ବ୍ୟାପୀ ଅନୁଷ୍ଠିତ ଏହି ଶିବିର ଜିଲ୍ଲା ଜରୁରିକାଳୀନ ବିଭାଗ ଦ୍ୱାରା ଆୟୋଜିତ ହେଉଛି । ଏହି ଶିବିରରେ ବାହାନଗା ବ୍ଲକର ଆରୁହାବାଦ ପଂଚାୟତର ୫ଟି ଗାଁର ୪୦ ଜଣ ସ୍ୱେଚ୍ଛାସେବୀ ତାଲିମ ନେଉଛନ୍ତି । ଜ଼ିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ଚିନ୍ମୟ



କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଇଦ୍ ?ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜ଼ିଲ୍ଲା ଜରୁରୀକାଳୀନ ବିଭାଗର ସହକାରୀ ଜ଼ିଲ୍ଲାପାଳ ଶ୍ରୀ ପ୍ରତାପ ବେହେରା, ବରିଷ୍ଠ ରାଜସ୍ୱ ସହାୟକ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବେହେରା, ଆର.ଡି.ସି, ବାହାନଗା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଓ ଉପ ସଭାପତି ଉପସ୍ଥିତ ଥିଲେ । ଜ଼ିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ଚିନ୍ମୟ କୁମାର ରାଉତ ଯୋଗଦେଇ ଶିବିରାର୍ଥୀଙ୍କ ଉଦ୍ଦେଶ୍ୟରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପ୍ରତ୍ୟେକ ଜୀବନ ମୂଲ୍ୟବାନ ସ୍ଲୋଗାନ ଆଧାରରେ ସରକାର ଏବେ ଗ୍ରାମାଂଚଳର ସ୍ୱେଚ୍ଛାସେବୀ ଚିହ୍ନଟ କରି ତାଲିମ ଦେବା ସହ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ତିଆରି କରି ତାହାର କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦେବା ସହ ଏହା ଗ୍ରାମ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ଉପସ୍ଥିତ ଅଧିକାରୀ ମତବ୍ୟକ୍ତ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରିୟ ରଞ୍ଜନ ରାଉତ, ବୁବୁନ ମହାନ୍ତି ଓ ମାଧବୀଲତା ସେନାପତି ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟର ସମ୍ଭାବନାକୁ ଆଖି ଆଗରେ ରଖି ସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଉପଚାର ବିଷୟରେ କୌଶଳ ମାନ ଶିକ୍ଷାଦାନ କରୁଛନ୍ତି । ଶିବିର ଆସନ୍ତା ୦୯ ଜୁନ ତାରିଖ ଯାଏ ଚାଲିବ । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ସରସ୍ୱତୀ ଜେନା ପରିଚାଳନା କରୁଛନ୍ତି ।

# ଜରୁରୀକାଳୀନ କ୍ରେଡିଟ ଲାଇନ ଗ୍ୟାରେଂଟି ଯୋଜନା ୫.୦ଜନ ସଚେତନତା କାର୍ଯ୍ୟକ୍ରମ

କଟକ(ନିପ୍ର): ଅର୍ଥ ମନ୍ତ୍ରଣାଳୟ ଅଧୀନସ୍ଥ ଜରୁରୀକାଳୀନ ଜାତୀୟ କ୍ରେଡିଟ ଗ୍ୟାରେଂଟି ଟ୍ରଷ୍ଟି କମ୍ପାନୀ ଲିମିଟେଡ ଦ୍ୱାରା ପରିଚାଳିତ ଜରୁରୀ କାଳୀନ କ୍ରେଡିଟ ଲାଇନ ଗ୍ୟାରେଂଟି ଯୋଜନା (ଇସିଏଲଜିଏସ୍) ୫.୦ର ଜନ ସଚେତନତା କାର୍ଯ୍ୟକ୍ରମ ଆଜି ଅପରାହ୍ନରେ ପ୍ରମୋଦ ହୋଟେଲ ଠାରେ ସୂକ୍ଷ୍ମ, କ୍ଷୁଦ୍ର,ମଧ୍ୟମ ଉଦ୍ୟୋଗ ବିଭାଗ ଅଧିନସ୍ତ କ୍ଷେତ୍ର ଗୁଡ଼ିକ ପାଇଁ ରାଜ୍ୟସ୍ତରୀୟ ବ୍ୟାଙ୍କର ସମିତି ପକ୍ଷରୁ କଟକ ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ୍ ସହାୟତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୋଜନାର ବ୍ୟାପକ ପ୍ରଚାର ପ୍ରସାର ସହ ଅଂଶୀଦାରମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ଏହି ଯୋଜନା ରାଜ୍ୟର ସୂକ୍ଷ୍ମ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ଗୁଡ଼ିକ(ଏମଏସଏମଇ ୟୁନିଟ୍) ପାଇଁ ସ୍ୱଳ୍ପକାଳୀନ ଆର୍ଥିକ ଆହ୍ୱାନ ଦୂର କରିବା, ନିଯୁକ୍ତି ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଶିଳ୍ପ କାର୍ଯ୍ୟକଳାପରେ ନିରନ୍ତରତା ବଜାୟ ରଖିବାରେ ସହାୟକ ହେବ । ପଶ୍ଚିମ ଏସିଆ ସଙ୍କଟରୁ ଉପୁଜିଥିବା ସାମୟିକ ଆର୍ଥିକ ଅସନ୍ତୁଳନକୁ ଦୂର କରିବା ପାଇଁ ଯୋଗ୍ୟ ଋଣଗ୍ରହୀତାଙ୍କ ପାଇଁ ଋଣ ଗ୍ୟାରେଂଟି ନିମନ୍ତେ ଲକ୍ଷ୍ୟତ ପଦକ୍ଷେପ ଭାବେ ଏହି ଯୋଜନା ଆରମ୍ଭ କରାଯାଇଛି । ଏହାଦ୍ୱାରା ବିମାନ କ୍ଷେତ୍ରର ସଂସ୍ଥାଗୁଡ଼ିକ ସମେତ ଅଣଏମଏସଏମଇ ପାଇଁ ୯୦% ଏବଂ ଏମଏସଏମଇ ସଂସ୍ଥାଗୁଡ଼ିକ ପାଇଁ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଋଣ ପ୍ରୋତ୍ସାହନ ଦିଆଯାଇପାରିବ । ଏହି ଯୋଜନା ଜରିଆରେ ଚଳନ୍ତି ପୁଞ୍ଜିର ବୃଦ୍ଧି ସହିତ, ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକ ବର୍ତ୍ତମାନର ଆର୍ଥିକ ଆହ୍ୱାନ, ବର୍ଦ୍ଧିତ ଖର୍ଚ୍ଚ ଏବଂ ବଜାର ଅନିଶ୍ଚିତତାକୁ ଦୂର କରିବାରେ ସହାୟତା ପାଇବେ ।

# ବିକାଶ ପାଇଁ ଅଂଟା ଭିଡ଼ିବ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା

ଉଦଳା(ନିପ୍ର): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡ ଉଦଳା ରେ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ଦଳର ଏକ ସାମ୍ବାଦିକ ସମ୍ମିଳନୀ ଆଶ୍ରୀବାଦ ଧର୍ମଶାଳା ରେ ହୋଇଯାଇଛି । ଚାରି ଚାରିଥରର ଉଦଳା ବିଧାୟକ ତିନିପାଳି ପ୍ରର୍ଯ୍ୟନ୍ତ ବିକାଶ ମୂଳକ କାମ କରିନଥିବା କଥା ନିଜେ ପ୍ରକାଶ କରୁଥିବାରୁ ସାଧାରଣ ଜନତା ପ୍ରକୃତରେ ଭୋଟ ଦେଇଛନ୍ତି ନା କିଛି ଭିତିରି କାମ ହୋଇଛି ଏହାକୁ ନେଇ ସମସ୍ତଙ୍କ ମନରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । କପ୍ତିପଦା ଉପଖଣ୍ଡର ବିଭିନ୍ନ ସମସ୍ୟା ପାଇଁ ଦାବି ଉପସ୍ଥାପନା ଗତମାସ ୧୫ ତାରିଖରେ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ତରଫରୁ ବିଭିନ୍ନ ମହଲରେ ଉପସ୍ଥାପନ କରିଥିଲେ । ଅଦ୍ୟାବଧି କୌଣସି ଦାବି ପୂରଣ ହୋଇନଥିବିରୁ ଆସନ୍ତା ୬ତାରିଖ ରାସ୍ତା ରୋକ ହେବ ସହିତ ଅଫିସ, ଶିକ୍ଷା ଅନୁଷ୍ଠାନ, ସମସ୍ତ ଦୋକାନ ବଜାର ଦଳ ତରଫରୁ ଶାନ୍ତିଶୃଙ୍ଖଳାର ସହିତ ବନ୍ଦ କରାଯିବ । ଦୀର୍ଘ ବର୍ଷ ହେବ କପ୍ତିପଦା ଉପଖଣ୍ଡ ସମସ୍ୟାରେ ବୁଡି ରହିଥିବା ବେଳେ ସ୍ଥାନୀୟ ଜନ ପ୍ରତିନିଧି ଏହାର ସମାଧାନ କରି ପାରୁନାହାନ୍ତି ଯାହାକୁ ନେଇ ଆଜି ଜେଏମଏମ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି ଉଠାଇଛି ଜେଏମଏମ । ଝାରଖଣ୍ଡ ମୁକ୍ତି ମୋର୍ଚ୍ଚାର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ, ସମ୍ପାଦକ ଶୈଳେନ୍ଦ୍ର ହେମ୍ବ୍ରମ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଶିରୀଶ ଟୁଡୁ ଏବଂ ରାଜା ହେମ୍ବ୍ରମଙ୍କ ସହିତ ବହୁ ଜେଏମଏମର ସଦସ୍ୟ ମାନେ ଉପସ୍ଥିତ ରହି ବିଭିନ୍ନ ଦାବି ଉପସ୍ଥାପନା କରିଥିଲେ ।



ଉଦଳା ବଜାରରେ ବିସ୍ଥାପିତ ଦୋକାନୀ ଥଇଥାନରେ ବିଫଳ ହେବାରୁ ସାଧାରଣରେ ଜନ ଅସନ୍ତୋଷ ଦେଖା ଦେଇଛି । ଜିଲ୍ଲା ମୁଖ୍ୟାଳୟ କୁ ସଂଯୋଗ କରୁଥିବା ରାଜ୍ୟ ରାଜପଥର ୧୯ର ମରାମତି, ଉପଖଣ୍ଡ ଡାକ୍ତରଖାନାର ଅବ୍ୟବସ୍ଥା ସହିତ ଉଦଳାରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ ଜମିର ପ୍ରିମିୟମ ୬୦ ଲକ୍ଷ ଟଙ୍କା ପ୍ରଦାନରେ ବିଳମ୍ବ, ସୋରେଜେ ସିଷ୍ଟମ ମାଧ୍ୟମ ରେ ଉଦଳା ସହର ମଧ୍ୟରେ ଡ୍ରେନ କରାଯାଉ, ଉଦଳାର ସରସ୍ୱତୀ ମନ୍ଦିର ନାମରେ ଟଂଚକତା କରି ସରସ୍ୱତୀ ମନ୍ଦିର ଟ୍ରଷ୍ଟ ତିଆରି କରାଯାଇ ଅଛି । ଦୀର୍ଘ ଦିନରୁ ମନ୍ଦିରର କାର୍ଯ ଠିକଠାକ ଚାଲିବା ସହ ମେଳା ଠିକ ସେ ହୋଇ ଆସୁଥିଲା । ହଠାତ ଏପରି ତରବରିଆ ଭାବେ ଟ୍ରଷ୍ଟ ଗଠିତ ତାହା ପୁଣି ଶତାଧିକରୁ ଅଧିକ ସଦସ୍ୟଙ୍କୁ ବୈଠକ ନଡକାଇ ଅବୈଧ ଭାବେ ମନ୍ଦ ଉଦ୍ଦେଶ୍ୟରେ ତିଆରି କରିବାକୁ ନେଇ ଉଦଳାର ସର୍ବ ସାଧାରଣଙ୍କ ମନରେ ଅସନ୍ତୋଷ ଦେଖା ଦେଇ ଅଛି । ଏହି ଟ୍ରଷ୍ଟ ଆଗାମୀ ଦିନରେ ସରସ୍ୱତୀ ମନ୍ଦିର ପାଖ ଦୋକାନୀ ଭାଇମାନଙ୍କ ଗୃହ ଭାଙ୍ଗିବା ଯୋଜନା ପାଇଁ ସଫଳ ହେବ । ଆଗାମୀ ଦିନରେ ସେମାନଙ୍କୁ ଥଇଥାନ ପାଇଁ ବଡ଼ ସମସ୍ୟା ଦେଖା ଦେବ । ବର୍ତ୍ତମାନର ଯେଉଁ ବିଧାୟକ ବଟି ନେବା କଥା ସର୍ବସାଧାରଣ ଆଗରେ କହୁ ଅଛନ୍ତି, ନିର୍ବାଚନ ପୂର୍ବରୁ ତାଙ୍କର ଭିଡିଓ ଭାଇରାଲ ସମସ୍ତଙ୍କୁ ଅଛପା ନାହିଁ ଏପରିକି ରାଜ୍ୟ ବିଜେପି ଦଳର ବଡ଼ବଡ଼ିଆ ନେତା ସେହି ଭିଡିଓ ବାବଦରେ ଅବଗତ ଅଛନ୍ତି । ଏଭଳି ବକ୍ତବ୍ୟ ଜିଲ୍ଲା ସଭାପତି ସାମ୍ବାଦିକଙ୍କ ଆଗରେ ପ୍ରକାଶ କରିଛନ୍ତି । ରାଜନୈତିକ ଆନ୍ତରିକତା ଅଭାବ କାରଣରୁ ଏଭଳି ସ୍ଥିତି ତିଆରି ହୋଇ ଥିବାରୁ ତୁରନ୍ତ ଏହି ଦାବି ସମୂହ ପୂରଣ ହୋଇନଥିବାରୁ ଆଗାମୀ ୬ତାରିଖ ଜେଏମଏମ ଆନ୍ଦୋଳନକୁ ଓହ୍ଲାଇବ ୭ ଘଂଟା ରାସ୍ତା ରୋକ ହେବ ସହିତ ଅଫିସ, ଶିକ୍ଷା ଅନୁଷ୍ଠାନ, ସମସ୍ତ ଦୋକାନ ବଜାର ଦଳ ତରଫରୁ ଶାନ୍ତିଶୃଙ୍ଖଳାର ସହିତ ବନ୍ଦ କରାଯିବ ବୋଲି ଚେତାବନୀ ଦେଇଛି । ଏହି ସାମ୍ବାଦିକ ସମ୍ମିଳନୀ ରେ ଖୁଂଟା ବ୍ଲକ ସଭାପତି ବିକ୍ରମ ମୁର୍ମୁ, ସମ୍ପାଦକ ବାବୁଲା ମୁର୍ମୁ, ବାରିପଦା ଟାଉନ ସଭାପତି ତରେନ ସେନାପତି, ରାଜ୍ୟ ପରିଷଦ ସଦସ୍ୟ ସୁଜିତ ବେହେରା ଉଦଳା ଏନ ଏ ସି ରୁ ବାବୁ ମହାନ୍ତି, ପୂର୍ବତନ ଏକ ନମ୍ବର ଜୋନର ବ୍ଲକ ଉପଦେଷ୍ଟା ଚନ୍ଦନ ପଣ୍ଡା ସମୂହ ଉପସ୍ଥିତ ଥିଲେ ।

# ବ୍ଲକ ପରିସରରେ ଭତା ହିତାଧିକାରୀଙ୍କ ବିକ୍ଷୋଭ

ଖଇରା(ନିପ୍ର): ସାମାଜିକ ସୁରକ୍ଷା ଅଧିନରେ ବିକଳାଙ୍ଗ, ବିଧବା ଓ ବୁଢାବୁଢୀଙ୍କୁ ସରକାର ପ୍ରତିମାସ ଭତା ଯୋଗାଇ ଆସୁଥିବା ବେଳେ ଏବେ ୩ମାସ ଧରି ହିତାଧିକାରୀଙ୍କୁ ଏହି ଅର୍ଥ ମିଳିନାହିଁ । ପ୍ରତିବାଦରେ ଶହ ଶହ ହିତାଧିକାରୀ ବୁଧବାର ଖଇରା ବ୍ଲକ ପରିସରରେ ଧାରଣା ଦେଇ ବ୍ଲକ ପ୍ରଶାସନ ନିକଟରେ ଭତା ଅର୍ଥପାଇଁ ଗୁହାରୀ କରିଥିଲେ । ଏହି ଅର୍ଥରେ ଦୈନନ୍ଦିନ ଗୁଜୁରାଣ ମେଂଟୁଥିବା ବେଳେ ସରକାର ସଫ୍ଟୱେୟାର ଅପଡେଟ ବାହାନାରେ ୩ମାସଧରି ଭତାଟଙ୍କା ଅଟକାଇ ରଖିଛନ୍ତି ।



ଯାହା ଫଳରେ ବୁଢୀବୁଢା ଲୋକ ପର ଉପରେ ନିର୍ଭର କରି ହଟହଟା ହେଉଛନ୍ତି । ଏଣୁ ଧାରଣା ବସିଥିବା ଅଧିକାଂଶ ହିତାଧିକାରୀ ପ୍ରଶାସନ ଆଗରେ ଗୁହାରୀ କରି ମାସ ସାରା ବିନା ଅର୍ଥରେ ଚଳିବୁ କେମିତି ନିତିଦିନର ଖର୍ଚ୍ଚ କିଏ ଭରଣା କରିବ ବୋଲି କହୁଥିଲେ। ପରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଜିଲପାଳଙ୍କ ସହ ଫୋନରେ ଆଲୋଚନା କରିବା ପରେ ସଫ୍ଟୱେୟାର ଅପଡେଟ ଲାଗି ଆଉ ୧୫ଦିନ ସମୟ ଲାଗିବ ବୋଲି ଜଣାଇବା ପରେ ବିଧାୟକ ଧାରଣାକାରୀଙ୍କ ଆଗରେ ପ୍ରକାଶ କରିଥିଲେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ବିଡିଓ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତରହି ବିଧାୟକଙ୍କ ସହ ସ୍ୱର ମିଶାଇ ପ୍ରତିଶୃତି ଦେବା ପରେ ହିତାଧିକାରୀ ମାନେ ଧାରଣାରୁ ଉଠିଥିଲେ। । ସେପଟେ ଅନ୍ୟକିଛି ହିତାଧିକାରୀ ନେତା ଓ ପ୍ରଶାସନକୁ ଇଙ୍ଗିତ କରି ଆପଣମାନଙ୍କ ଦରମାତ ଅଟକୁନି ଆମ ର ମାତ୍ର ୧ହଜାର ଟଙ୍କାକୁ କାହିଁ ଅଟକାଇ ରଖିଛନ୍ତି ବୋଲି କହିବା ସହ ଯଦି ୧୫ଦିନ ମଧ୍ୟରେ ଭତା ନମିଳେ ସମୁହ ହିତାଧିକାରୀ ବ୍ଲକ ପ୍ରଶାସନ ସମ୍ମୁଖରେ ଆତ୍ମାହୁତି ପ୍ରଦାନ କରିବାକୁ ଚେତାବନୀ ଦେଇଛନ୍ତି ।

## ଭାଗବତ ବେହେରାଙ୍କ ଶ୍ରାଦ୍ଧ ବାର୍ଷିକୀ

ନୟାଗଡ଼(ନିପ୍ର): ନୟାଗଡ଼ର ଜନମାନ୍ୟ ନେତା, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଭାଗବତ ବେହେରାଙ୍କ ଶ୍ରାଦ୍ଧ ବାର୍ଷିକ ପାଳିତ ହୋଇଯାଇଛି । ନୟାଗଡ଼ ଜିଲ୍ଲା ଗଠନଠାରୁ ଆରମ୍ଭ କରି ବିକଶିତ ନୟାଗଡ଼ ମୂଳଦୁଆ ପକାଇଥିବା ନେତା ଶ୍ରୀଯୁକ୍ତ ବେହେରାଙ୍କ ଉଦ୍ଦେଶ୍ୟରେ ବିଜେଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ବ୍ଲକ୍ ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଯୋଗ ଦେଇଥିଲେ । ନୟାଗଡ଼ ଗୋଲେଇ ଛକରେ ଅବସ୍ଥିତ ଭାଗବତ ବେହେରାଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହା ପରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବ[ନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଜେଡି ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡା, ବ୍ଲକ୍ ବିଜେଡି ସଭାପତି ଭଞ୍ଜକିଶୋର ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ସୁବାସ ଚନ୍ଦ୍ର କହଁର, ଜିଲ୍ଲା ପରିଷଦ ସଦସ୍ୟ କ୍ଷୀରୋଦ ମହାପାତ୍ର, ଅନେକ କାଉନସିଲର, ସରପଂ, ସମିତି ସଭ୍ୟ ଯୋଗ ଦେଇଥିଲେ ।

# ଜିଲ୍ଲା ପରିଷଦର ଷଷ୍ଠ ସାଧାରଣ ବୈଠକ ଅନୁଷ୍ଠିତ

ଖୋର୍ଦ୍ଧା : ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସଭା ଗୃହରେ ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନ ସିଂଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧା ଜିଲ୍ଲା ଷଷ୍ଠ ଜିଲ୍ଲା ପରିଷଦର ଷଷ୍ଠ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପରେ ସମସ୍ତ ଅତିଥି ମାନଙ୍କୁ ଉତରୀୟ ଓ ଫୁଲ ଚାରା କୁଣ୍ଡ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ବୈଠକର ସଭାପତି ରୂପଶ୍ରୀ ରାଣୀ ଗୁମାନ ସିଂହ ଙ୍କ ଅଭିଭାଷଣ ପରେ ପୂର୍ବ ବୈଠକର ବିବରଣୀକୁ ଆଲୋଚନା କ୍ରମେ ଦୃଢ଼ୀକରଣ କରାଯାଇଥିଲା । ବୈଠକରେ ମାନ୍ୟବର ବିଧାୟକ ଖୋର୍ଦ୍ଧା ଏବଂ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ ଯୋଗ ଦେଇ କହିଲେ ଖୋର୍ଦ୍ଧା ଜିଲ୍ଲା ବିକଶିତ ଓଡିଶା ଓ ବିକଶିତ ଭାରତର ପ୍ରମୁଖ ଅଙ୍ଗ ଭାବେ ପରିଚିତ କରାଇବା ନିମନ୍ତେ ସମସ୍ତ ଜନ ପ୍ରତିନିଧି ଦଳମତ ନିର୍ବିଶେଷରେ ଏକାଠି ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଶ୍ରୀଯୁକ୍ତ ଜଗଦେବ କହିଥିଲେ ଖୋର୍ଦ୍ଧା ଜିଲ୍ଲା ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଅଗ୍ରଣୀ ଭୂମିକା ନିର୍ବାହ କରିବାରେ ଆଗକୁ ବଢି ଚାଲିଛି ଯାହା ଆମ ପାଇଁ ଗୌରବ । ସମସ୍ତ ଅଧିକାରୀ ବିଭିନ ପ୍ରକଳ୍ପ ପ୍ରସ୍ତାବ ସୁପାରିଶ ସମୟରେ ଜନ ପ୍ରତିନିଧି ମାନଙ୍କ ସହ ଆଲୋଚନା କରନ୍ତୁ ଏବଂ ବିଧିବଦ୍ଧ ସରକାରଙ୍କ ନିୟମ ଅନୁସାରେ ତ୍ୱରାନ୍ୱିତ ଭାବେ କାର୍ଯ୍ୟ କରନ୍ତୁ । ବୈଠକରେ ମାନ୍ୟବର ବିଧାୟକ ବେଗୁନିଆ ପ୍ରଦୀପ କୁମାର ସାହୁ ଯୋଗ ଦେଇ କହିଲେ ସରକାରୀ ଅଧିକାରୀ ଓ ଜନପ୍ରତିନିଧି ପରସ୍ପର ସମନ୍ୱୟ ରକ୍ଷା କରି ଜିଲ୍ଲାର ବିକାଶ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଖୋର୍ଦ୍ଧା ଜିଲ୍ଲାର ସମ୍ମାନକୁ ଅକ୍ଷୁର୍ଣ୍ଣ ରଖିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଧାୟକ ଶ୍ରୀଯୁକ୍ତ ସାହୁ ନିଜ ଅଂଚଳର ବିଦ୍ୟୁତ ସରବରାହରେ ଲୋ ଭୋଲଟ୍ଜେ,ବିଦ୍ୟୁତ କାଟ ଏବଂ ନଳକୂପ ଖନନ ଦିଗରେ ଗୁରୁତ୍ୱାରୋପ କରିଥିଲେ । ମାନ୍ୟବର ବିଧାୟକ ଜୟଦେବ ନବକିଶୋର ମଲ୍ଲିକ ଯୋଗ ଦେଇ କହିଲେ ଯେ ପ୍ରଶାସନ ଓ ପ୍ରତିନିଧି ନିଜ ଅଂଚଳର ବିକାଶ ଏବଂ ଜିଲ୍ଲାର ବିକାଶ ପାଇଁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଜବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ କହିଲେ ଯେ ପଂଚାୟତ ସମିତି ଅଧ୍ୟକ୍ଷ ଅଧ୍ୟକ୍ଷା ଏବଂ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା ନିଜ ନିଜ ଅଂଚଳରେ ଥିବା ସମସ୍ୟା ଉପରେ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟ କରିବା ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ପ୍ରସ୍ତାବ ଦେବାକୁ ପରାମର୍ଶ ଦେଇଥିଲେ । ଉକ୍ତ ପରାମର୍ଶ ଗୁଡିକୁ ସଂପୃକ୍ତ ବିଡ଼ିଓ ଓ ସମ୍ପୃକ୍ତ ଅଧିକାରୀ ପ୍ରସ୍ତାବ ଗୁଡିକର କାର୍ଯ୍ୟକାରିତା ଉପରେ ଅନୁଧ୍ୟାନ କରି ଅନୁମୋଦନ ନିମନ୍ତେ ଜିଲ୍ଲା ପରିଷଦକୁ ପଠାଇବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ବୋଲଗଡ ବ୍ଲକ ର ୨୭ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ନିଜ ଅଂଚଳର ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ବୈଠକରେ ପ୍ରସ୍ତାବ ଆଗତ କରିଥିଲେ ।


## ଖଡ଼ଗପୁର ଡିଭିଜନ ଉପରେ କ୍ୟାଟରିଂ ୟୁନିଟ୍ ଚୁକ୍ତି ପାଇଁ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ: କେଜିପି/ସିଏଟିଜି/୨୦୨୬ ତାରିଖ: ୦୨.୦୬.୨୦୨୬

ରାଷ୍ଟ୍ରପତି, ୟୁନିଅନ୍ ଅଫ୍ ଇଣ୍ଡିଆ, ସିନିୟର ଡିଭିଜନାଲ ବାଣିଜ୍ୟିକ ପରିଚାଳକ, ଖରାଗପୁର ଡିଭିଜନ୍, ଦକ୍ଷିଣ ପୂର୍ବ ରେଳ, ଠାକୁରଟା (୧ ନମ୍ବର), ରାଜଲୁକା (୧ ନମ୍ବର), କୁଚାଇ (୧ ନମ୍ବର), ଜୁଗୁରା (୧ ନମ୍ବର), ରୁମସା (୧ ନମ୍ବର), ରୁପସା (ଘକ୍ଟ. ନମ୍ବର) କୃଷ୍ଣଚନ୍ଦ୍ରପୁର (ଘକ୍ଟ. ନମ୍ବର), ଟିକ୍ରା (୧ ନମ୍ବର), କନିମାହୁଲି (୧ ନମ୍ବର), ସହିଦ ମାତାଙ୍ଗିନୀ (୧ ନମ୍ବର), ଦାନ୍ତନ (୧ ନମ୍ବର), ନକୁରସେନି (୧ ନମ୍ବର), ଆଶାପୁମା ଦେବୀ (୧ ନମ୍ବର), ଜଳେଶ୍ୱର (୧ ନମ୍ବର), ଖଟକୁରା (୧ ନମ୍ବର), ରାନିତାଲ (୨ ନମ୍ବର), ହେନରିଆ (୧ ନମ୍ବର), ଭଞ୍ଜପୁର (୧ ନମ୍ବର), ସୀତଲପୁର ବେଙ୍ଗଲ (୧ ନମ୍ବର), ଜୋଗଲ (୧ ନମ୍ବର), ନାଚିଣ୍ଡା (୧ ନମ୍ବର), ଲକ୍ଷଣନାଥ ରୋଡ୍ (୧ ନମ୍ବର), ବନ୍ଦର (୧ ନମ୍ବର), ବାଙ୍ଗ୍ରିପୋସି (୧ ନମ୍ବର), ଲାଭନ ସତ୍ୟାଗ୍ରହ ସ୍ମାରକ (୧ ନମ୍ବର), ସୋରୋ (୧ ନମ୍ବର), ସତୀଶ ସାମନ୍ତ (୧ ନମ୍ବର), ସୁଜଳପୁର (୧ ନମ୍ବର), ଡୁଆନ (୧ ନମ୍ବର) ଏବଂ ନୂଆଗାଁ ମୟୂରଭଞ୍ଜ ରୋଡ୍ (୧ ନମ୍ବର) ଖଡଗପୁର ଡିଭିଜନ ଉପରେ ରେଳ ଷ୍ଟେସନ ୦୫ (ପାଂଚ) ବର୍ଷ ପାଇଁ **କ୍ୟାଟାଲଗ୍ ନମ୍ବର**: ସିଏଟିଜି/କେଜିପି-୨୬-ବି-୨, **ନିଲାମ ତାରିଖ**: ୧୬.୦୬.୨୦୨୬, **ନିଲାମ ଆରମ୍ଭ/ବନ୍ଦ ସମୟ**: ୧୧:୦୦ ଏବଂ ୧୭:୦୦ ଘଂଟା । ଯଥାକ୍ରମେ https://www.ireps.gov.in/website ରେ ସୂଚିତ କରାଯାଇଛି । ଏଜେନ୍ସି/ କେଟରିଂ ଠିକାଦାର ଏହା ଉପରେ ଧ୍ୟାନ ଦିଅନ୍ତୁ ଏବଂ ଇ-ନିଲାମ ନୋଟିସ ବିଷୟରେ ବିବରଣୀ ଏବଂ ସମ୍ପର୍କିତ ସୂଚନା ପାଇଁ ଉପରେ ଉଲ୍ଲେଖିତ ୱେବସାଇଟ୍ ଦେଖନ୍ତୁ । ଯଦି କୌଣସି ପ୍ରଶ୍ନ/ସ୍ପଷ୍ଟୀକରଣ ଅଛି, ଦୟାକରି ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ ।

(PR-270) **ବରିଷ୍ଠ ଡିଭିଏଲ୍. କମଲ୍. ମ୍ୟାନେଜର, ଖଡ଼ଗପୁର**

ଦକ୍ଷିଣପୂର୍ବ ରେଳପଥ
ସହର୍ଷେ ସମସ୍ତଙ୍କ ସେବାରେ


# ବ୍ଲକ କର୍ତୃପକ୍ଷଙ୍କ ବିଚିତ୍ର ନିୟମ: ଜୁନିୟର ଇଞ୍ଜିନିୟରଙ୍କୁ ୮ଟି ପଂଚାୟତର ବୋଝ

ଧାମନଗର(ନିପ୍ର): ଧାମନଗର ପଂଚାୟତ ସମିତିରେ ଉନ୍ନୟନ ମୂଳକ କାର୍ଯ୍ୟର ସୁପରିଚାଳନା କରିବା ନିମନ୍ତେ ବୁଧବାର ଜାରି ହୋଇଥିବା ସରକାରୀ ଆଦେଶ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ବ୍ଲକ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ଜାରି କାର୍ଯ୍ୟଓଳୟ ଆଦେଶ ସଂଖ୍ୟା ୨୫୭୨, ତାରିଖ ୦୩/୦୬/୨୦୨୬ ଅନୁଯାୟୀ ବ୍ଲକର ଆସିଷ୍ଟାଂଟ ଇଞ୍ଜିନିୟର (ଏଇ) ବିନୋଦିନି ଯେନା ଏବଂ ଜୁନିୟର ଇଞ୍ଜିନିୟର ପ୍ରଭାତ ବେହେରା (ଜେଇ)ଙ୍କ ମଧ୍ୟରେ ପଂଚାୟତ ଦାୟିତ୍ୱର ଆଂଶିକ ପରିବର୍ତନ କରାଯାଇଛି । ମାତ୍ର ଏହି ଦାୟିତ୍ୱ ବଂଟନର ଅସ୍ୱାଭାବିକ ଶୈଳୀ ପ୍ରଶାସନିକ ସ୍ୱଚ୍ଛତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସରକାରୀ ସୂଚନା ଅନୁଯାୟୀ, ଦୀର୍ଘ ଦିନର ଅଭିଜ୍ଞତା ଓ ଉଚ୍ଚ ଯୋଗ୍ୟତା ସମ୍ପନ୍ନ ଆସିଷ୍ଟାଂଟ ଇଞ୍ଜିନିୟର ବିନୋଦିନୀ ଯେନାଙ୍କ ଦାୟିତ୍ୱକୁ ସଙ୍କୁଚିତ କରାଯାଇଛି । ପୂର୍ବରୁ ସେ ଭଗବାନପୁର ଓ ଗଡ଼ିଆଳି ଭଳି ଦୁଇଟି ପଂଚାୟତ ଦାୟିତ୍ୱରେ ଥିବା ବେଳେ ନୂତନ ଆଦେଶରେ ତାଙ୍କ ହାତରୁ ଗଡ଼ିଆଳି ପଂଚାୟତକୁ କାଢ଼ି ନିଆଯାଇ କେବଳ ଭଗବାନପୁର ଦାୟିତ୍ୱରେ ସୀମିତ ରଖାଯାଇଛି । ଅପରପକ୍ଷରେ, ଜୁନିୟର ଇଞ୍ଜିନିୟର ପ୍ରଭାତ କୁମାର ବେହେରାଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ଗଡ଼ିଆଳି ପଂଚାୟତର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ଶ୍ରୀ ବେହେରା ପୂର୍ବରୁ ଅର୍ଜୁନପୁର, ଅସୁରାଳି, ଧୂଷୁରୀ, ଗୋବିନ୍ଦପୁର, ହସନାବାଦ, ରଇପୁର ଏବଂ ବୟାଙ୍ଗଡିହ ଭଳି ୭ଟି ଗୁରୁତ୍ୱପୂର୍ଣ୍ଣ ପଂଚାୟତର କାର୍ଯ୍ୟ ବୁଝୁଥିଲେ । ବର୍ତମାନ ଏହି ନୂତନ ସଂଶୋଧନ ପରେ ତାଙ୍କ ଅଧୀନରେ ପଂଚାୟତ ସଂଖ୍ୟା ୮ କୁ ବୃଦ୍ଧି ପାଇଛି । ଜଣେ ବରିଷ୍ଠ ଆସିଷ୍ଟାଂଟ ଇଞ୍ଜିନିୟର ସରକାରୀ ରାଜ କୋଷରୁ ଦରମା ପାଉଥିବା ବେଳେ ତାଙ୍କୁ ମାତ୍ର ଗୋଟିଏ ପଂଚାୟତ ଦାଇତ୍ୱ ଦେଇ ବସେଇ ରଖିବା ଏବଂ ଜଣେ ଜେଇଙ୍କୁ ୮ଟି ପଂଚାୟତର ବିପୁଳ କାର୍ଯ୍ୟଭାର ଟେକିଦେବା ପଛର ରହସ୍ୟ କଣ ବୋଲି ତାହା ସାଧାରଣରେ ଆଲୋଚନା ହେଉଛି । ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ସମ୍ପୃକ୍ତ ଜେଇ ଜଣକ ନିଜ ଅଧୀନରେ ବେସରକାରୀ ଭାବେ ଜଣେ ପିଲା ରଖି ନିଜ କାର୍ଯ୍ୟ କରାଉଥିବା ବେଳେ ବ୍ଲକ କର୍ତୃପକ୍ଷ ତାଙ୍କୁ ସୁହାଇଲା ଭଳି ପଦକ୍ଷେପ ନେଉଛନ୍ତି ବୋଲି କୁହାଯାଉଛି । ସେହିପରି ଯଦି ଜଣେ ଅଧିକାରୀ ବେସରକାରୀ ଲୋକଙ୍କ ଜରିଆରେ ସରକାରୀ କାମ ନିୟନ୍ତ୍ରଣ କରିବେ ତାହେଲେ ବ୍ଲକରେ ଏତେ ସଂଖ୍ୟକ ଯନ୍ତ୍ରୀ ପଦବୀର ଆବଶ୍ୟକତା କାହିଁକି ଏବଂ ଏହା ଦ୍ୱାରା ସରକାରୀ ଅର୍ଥର ଅପବ୍ୟୟ ହେଉନାହିଁ କି ବୋଲି ପ୍ରଶ୍ନ ଉଠିଛି । ଏହି ଅଦଳବଦଳ ପଛରେ ବ୍ଲକ ପ୍ରଶାସନ ଓ ସମ୍ପୃକ୍ତ ଯନ୍ତ୍ରୀଙ୍କ ମଧ୍ୟରେ କୌଣସି ଆଭ୍ୟନ୍ତରୀଣ ସ୍ୱାର୍ଥ ଓ ଆର୍ଥିକ ମଧୁଚନ୍ଦ୍ରିକା ରହିଥିବା ନେଇ ସନ୍ଦେହ ଦୃଢ଼ୀଭୂତ ହେବାରେ ଲାଗିଛି । ଜଣେ ବ୍ୟକ୍ତିଙ୍କ ହାତରେ ୮ଟି ପଂଚାୟତ ରହିଲେ ଉନ୍ନୟନମୂଳକ କାର୍ଯ୍ୟର ମାନ ହ୍ରାସ ପାଇବା ସହ ଦୁର୍ନୀତି ବଢ଼ିବା ଆଶଙ୍କା ଥିବାରୁ, ଜିଲାପାଳ ଓ ଉପରିସ୍ଥ ଅଧିକାରୀ ଏଥିରେ ହସ୍ତକ୍ଷେପ କରିବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ଏ ସମ୍ପର୍କରେ ଧାମନଗର ବିଡ଼ିଓ ବନ ବିହାରୀ ଦିନ୍ଦାଙ୍କୁ ପଚାରିବାରୁ ସେ କହିଛନ୍ତି ଏହା ଆମର ଇଂଟରନାଲ ବିଷୟ । କିଏ କେଉଁ ପଂଚାୟତ ଦାୟିତ୍ୱରେ ରହିବେ ତାହା ଆମେ ଡିସିସନ ନେବୁ । ସେ କଥା କଣ ଲୋକଙ୍କୁ ପଚାରି ଆମେ ଡିସିସନ ନେବୁ ବୋଲି ଓଲଟି ପ୍ରଶ୍ନ କରି ଯାହାର ଅଭିଯୋଗ ଅଛି ସେ ଆମକୁ ଜଣାନ୍ତୁ ବୋଲି ବିଡ଼ିଓ ଉତର ରଖିଛନ୍ତି । ତେବେ ଏପରି ମନ୍ତବ୍ୟ ରେ କାରଣ କଣ ହୋଇ ପାରେ । ଏପଟେ ଜେ ଇ ମାନେ ଅଧିକାଂଶ ସମୟରେ ପଂଚାୟତକୁ ନ ଯାଇ ଭଦ୍ରକ କିମ୍ବା ଘରେ ରହୁଥିବା ବେଳେ ସେମାନେ ଜଣେ ଜଣେ ଦଲାଲ ରଖୁଛନ୍ତି ସେମାନେ କାମ ପାଖକୁ ଯାଇ ଠିକାଦାର ସହ ସାମିଲ ହୋଇ ବଟି ନେଇ ଯାଉଛନ୍ତି । ଏ ଦିଗରେ ଭଦ୍ରକ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି ।


ଜଳ ସମ୍ପଦ ବିଭାଗ

No. 32001/318/2627

ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜଳନିଷ୍କାଶ ବିଭାଜନ, ଭଦ୍ରକ

Office of the Superintending Engineer,
Drainage Division, Bhadrak.
email id.-eeddbdk@gmail.com
Tel No:-06784-451031

****


**"e" PROCUREMENT NOTICE NO.-01/2026-27**

| | | |
|---|---|---|
| 1 | Bid Identification Number | DDBDK-01-01-2026-27 to DDBDK-01-04-2026-27 (4 nos individual work) |
| 2 | Name of the Work | Drainage Works (under D.I.P. Scheme) |
| 3 | Estimated cost of individual works | Varies from Rs. 26,60,433/- to Rs. 84,01,152/- (Excluding G.S.T) |
| 4 | Period of completion | Varies from 6 (Six calendar months) to 9 (Nine calendar months) |
| 5 | Date & Time of availability of Bid document in the portal | From Dt. 03.06.2026 at 10.00 hours to Dt. 17.06.2026 up to 17.00 hours |
| 6 | Date & Time for receipt of Bid document in the Portal: - | From Dt. 03.06.2026 at 10.00 hours to Dt. 17.06.2026 up to 17.00 hours |
| 7 | Date of Opening of technical bid | Dt. 18.06.2026 at 11.30 hours. In the Office of the Superintending Engineer, Drainage Division, Bhadrak. |
| 8 | Name & address of the officer inviting Bids. | Superintending Engineer, Drainage Division, Bhadrak. |

Further details can be seen from the Govt. Web site www.tendersodisha.gov.in

Sd/-
Superintending Engineer
Drainage Division, Bhadrak

OIPR. 32001/32057/1/26-27/0001





*ଏ ଶରୀର କ୍ଷଣ ଭଙ୍ଗୁର, ଆଜି ଅଛି ତ କାଲି ନଥିବ, ବର୍ତ୍ତମାନ ଅଛି ତ ପରମୁହୂର୍ତ୍ତରେ ନାହିଁ, ଏହା ଘେନି ଏତେ ଅହଂକାର କାହିଁକି ।*

## ଆଜିକାଲି



'ଯଃ ସର୍ବତ୍ରାନଭିସ୍ନେହସ୍ତତ୍ତତ୍ ପ୍ରାପ୍ୟ ଶୁଭାଶୁଭମ୍ । ନାଭିନନ୍ଦତି ନଦ୍ବେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ।''
(ଶ୍ରୀମଦ୍ ଭଗବତ୍ ଗୀତା)
ଭାବାର୍ଥ : ଯେଉଁ ପୁରୁଷ ସର୍ବତ୍ର ଅନାସକ୍ତ ହୋଇ ଶୁଭବସ୍ତୁ ପାଇଲେ ପ୍ରସନ୍ନ ହୁଅନ୍ତି ନାହିଁ, କି ଅଶୁଭ ବସ୍ତୁ ପାଇଲେ ଦ୍ୱେଷ କରନ୍ତି ନାହିଁ, ତାଙ୍କର ବୁଦ୍ଧି ସ୍ଥିର ।

# ଜୁନ୍‌ରେ ଅଧିକ ବର୍ଷା ସମ୍ଭାବନା

ଯଦିଓ କେରଳରେ ମୌସୁମୀ ପ୍ରବେଶ କଲାଣି, ଓଡ଼ିଶାରେ ଏବେ ସେ ନେଇ ସ୍ପଷ୍ଟ ସୂଚନା ମିଳି ନଥିଲେ ମଧ୍ୟ ଚଳିତ ମାସ ୩୦ ତାରିଖ ସୁଦ୍ଧା ରାଜ୍ୟରେ ମୌସୁମୀ ପ୍ରବେଶ କରିପାରେ । ପାଣିପାଗ ବିଭାଗ ପକ୍ଷରୁ ଏ ନେଇ ବାରମ୍ବାର ସୂଚନା ସାମ୍ନାକୁ ଆସୁଛି । ଏପରିକି ଆଇଏମ୍‌ଡି ଯାହା କହିଛନ୍ତି ତାହା ଯଦି ସତ ହୁଏ ମୌସୁମୀ ପ୍ରବେଶ ଆରମ୍ଭରୁ ଜୁନ୍ ଶେଷ ପର୍ଯ୍ୟନ୍ତ ପୂର୍ବାପେକ୍ଷା ଅଧିକ ବର୍ଷା ହେବ । ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ କେତେକ ଅଂଚଳରେ ସ୍ୱାଭାବିକ ବର୍ଷା ହେବ ଏବଂ ଆଉ କେତେକ ଅଂଚଳରେ କମ୍ ଓ ଆଉ କେତେକ ଅଂଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆକଳନରୁ ଜଣାପଡ଼ିଛି ଦେଶର କେନ୍ଦ୍ରୀୟ ଅଂଚଳରେ ଓଡ଼ିଶାର କିଛି ଅଂଶ ରହିଛି । ମୌସୁମୀ କେନ୍ଦ୍ରୀୟ ଭାରତରେ ସ୍ୱାଭାବିକରୁ ଅଧିକ ବର୍ଷା ହେବା ସମ୍ଭାବନା ଥିବାରୁ ଓଡ଼ିଶାରେ ମଝିମଝିଆ ବର୍ଷା ହୋଇପାରେ । ମୋଟାମୋଟି ଭାବେ କହିବାକୁ ଗଲେ ସାରା ଦେଶରେ ଏଥର ସ୍ୱାଭାବିକ ବର୍ଷିବ । ସବୁଠାରୁ ଭଲ ସୂଚନା ହେଉଛି ପୂର୍ବବର୍ଷ ମାନଙ୍କରେ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ମୌସୁମୀ ବର୍ଷା ଲାଗି ରହିଥାଏ । କିନ୍ତୁ ଅତୀତରେ ମଝିରେ ମଝିରେ ବର୍ଷା ୧୫ ରୁ ୨୦ ଦିନ ଗାଏବ ହୋଇଯାଏ । ଯଦି ପାଣିପାଗ ବିଭାଗ ସତ୍ୟ ହେବ ତାହେଲେ ଏହା ନିଶ୍ଚିତ ଭାବେ ଭଲ ଖବର ବୋଲି କହିବାକୁ ହେବ । ସାଧାରଣତଃ ଜୁନ୍ ମାସରେ ଚାଷୀ କ୍ଷେତ୍ରରେ ବିହନ ବୁଣନ୍ତି । କିନ୍ତୁ ଅତୀତରେ ବର୍ଷା ଅଭାବରୁ ଏହା ବିଳମ୍ବ ହୋଇଥାଏ । ଏଥର ଯଦି ଜୁନ୍ ୧୫ ପରେ ପରେ ମୌସୁମୀ ଆରମ୍ଭ ହୋଇଯିବ ତାହେଲେ ଚାଷୀ ନିର୍ଦ୍ଦିଷ୍ଟ ସମୟରେ ସେମାନଙ୍କ କାର୍ଯ୍ୟ ସଂପାଦନ କରି ପାରିବେ । ଦେଶର କେନ୍ଦ୍ରୀୟ ଦକ୍ଷିଣ ଓ ଉତ୍ତର ଦିଗରେ ସ୍ୱାଭାବିକ ବର୍ଷା ହେବ । ଉତ୍ତର ପଶ୍ଚିମ ଭାରତରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି । ଅପରପକ୍ଷେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ସ୍ୱାଭାବିକ ଠାରୁ କମ୍ ବର୍ଷା ଆଶଙ୍କା କରାଯାଉଛି । ଏପରିକି କେରଳ, କର୍ଣ୍ଣାଟକ, ତାମିଲନାଡୁ ପ୍ରଭୃତି ଦକ୍ଷିଣ ଭାରତରେ ଯେଉଁଭଳି ଅଧିକ ବର୍ଷା ହେବାର କଥା ଏଥର କିନ୍ତୁ କମ୍ ବର୍ଷା ହୋଇପାରେ । ମୌସୁମୀ ଆସିବା ପୂର୍ବରୁ ଗତ କିଛି ଦିନ ଧରି ରାଜ୍ୟର ଅଧିକାଂଶ ଜିଲ୍ଲାରେ କାଳବୈଶାଖି ବର୍ଷା ଲାଗି ରହିଛି । କିନ୍ତୁ କେତେକ ଜିଲ୍ଲାରେ ଆଦୌ ବର୍ଷା ହୋଇ ନାହିଁ । କିନ୍ତୁ ଚାଷୀମାନଙ୍କ ପାଇଁ ଖୁସି ଖବର ହେଉଛି ଯେ ସ୍ୱାଭାବିକ ମୌସୁମୀ ହେବ ତାହେଲେ ଚାଷ କାର୍ଯ୍ୟ ଆଗେଇଯିବ । ଅପରପକ୍ଷେ ସାରା ରାଜ୍ୟ ଗତ ପ୍ରାୟ ୧ ମାସ ଧରି ପ୍ରଚଣ୍ଡ ତାତିରେ ସିଝୁଛି । ବିଶେଷ କରି ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଗରମ ବଢ଼ିବଢ଼ି ଚାଲିଛି । ଏପରିକି ୧୮ଟି ସହରରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଛି । କେବଳ ସୁବର୍ଣ୍ଣପୁରରେ ୪୫ ଡିଗ୍ରୀରେ ପହଂଚିଲାଣି । ଏପରିକି ଦିନ ବେଳେ ପ୍ରଚଣ୍ଡ ଗରମ ଯୋଗୁଁ ଲୋକେ ବାହାରକୁ ବାହାରୁ ନାହାଁନ୍ତି । ଅସହ୍ୟ ତାତି ଲାଗି ରହିଥିବା ବେଳେ ବହୁ ସ୍ଥାନରେ ବାରମ୍ବାର ବିଜୁଳି ବିଭ୍ରାଟ ଲୋକଙ୍କୁ ଅବସ୍ତବ୍ୟସ୍ତ କରି ଦେଇଛି । କେବେ ମୌସୁମୀ ଆସିବ ଓ ରୌଦ୍ରତାପ କମିବ ଏ ନେଇ ସମସ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବା ସ୍ୱାଭାବିକ । ପାଣିପାଗର ଆକଳନ ଯଦି ସତ୍ୟ ହେବ ତାହେଲେ ଚାଷୀକୂଳରେ ନିଶ୍ଚିତ ଭାବେ ଆନନ୍ଦ ଖେଳିଯିବ ଏଥିରେ ଦ୍ୱିମତ ହେବାର ନାହିଁ ।

# ଦୁର୍ନୀତି ମୁକ୍ତ ଭାରତ

◆ ଅଧ୍ୟାପକ ଗୋପବନ୍ଧୁ (ଅବସରପ୍ରାପ୍ତ, ଦର୍ଶନ ବିଭାଗ)



ଭାରତୀୟ ରାଜନୀତିରେ ଆମେ ଅନେକ କିଛିକୁ ମୁକ୍ତ କରିବା କଥା ଶୁଣୁ । ଯେମିତି ବିଜେପି ଡାକରା ଦିଏ କଂଗ୍ରେସ ମୁକ୍ତ ଭାରତ, ବିରୋଧି ଦଳମାନେ ଡାକରା ଦିଅନ୍ତି ବିଜେପି ମୁକ୍ତ ଭାରତ, ପୁଣି କେତେବେଳେ ଗରୀବି ମୁକ୍ତ ଭାରତର ଡାକରା ଦିଅନ୍ତି ତ କେତେବେଳେ ବେକାରୀ ମୁକ୍ତ ଭାରତ କଥା କୁହନ୍ତି । ଏହା ସହିତ ବିଦ୍ୟୁତ୍ ଦେୟ ମୁକ୍ତ, ପାଣି ଦେୟ ମୁକ୍ତ ପରି କଥା ମଧ୍ୟ ଆସେ । ବିଭିନ୍ନ ରାଜ୍ୟରେ ବିଭିନ୍ନ ଦଳରୁ ମୁକ୍ତି ପାଇବା କଥାବି ଆସେ । ହେଲେ ଭ୍ରଷ୍ଟାଚାରରୁ ମୁକ୍ତି ପାଇବା କଥା ରାଜନୈତିକ ଦଳମାନଙ୍କ ପକ୍ଷରୁ ଶୁଣିବାକୁ ମିଳେନାହିଁ । ଏହାକୁ ମୁଖ୍ୟ ବିନ୍ଦୁଭାବେ ଗ୍ରହଣ କରିବା କଥା ଶୁଣା ଯାଏ ନାହିଁ । ରାଜନୈତିକ ଦଳମାନେ ଆନ୍ଦୋଳନ ଓ ସାଧାରଣ ଲୋକଙ୍କ ଚାପରେ ପଡି ଯଦିଓ ଏହାକୁ ନିଜ ଇସ୍ତାହାରର ଅନ୍ତର୍ଗତ କରିଥାନ୍ତି, କିନ୍ତୁ ଏହାକୁ ଏତେ ଗୁରୁତ୍ୱର ସହିତ ନିଅନ୍ତି ନାହିଁ । ଉପରେ ଭ୍ରଷ୍ଟାଚାର ହଟାଇବା କଥା ଜୋରରେ କହନ୍ତି, କାମ ବେଳକୁ ଉପାଦେୟ ପଦକ୍ଷେପ ନିଅନ୍ତି ନାହିଁ । ଭ୍ରଷ୍ଟାଚାରର ପରିଭାଷା ଭିନ୍ନଭିନ୍ନ ପ୍ରକାରର । ବ୍ୟାପକ ଅର୍ଥରେ ଦୁର୍ନୀତି, ଅନୀତି, ଅନିୟମିତତା, ଅସାଧୁତା, ଅବ୍ୟବସ୍ଥା ଇତ୍ୟାଦିକୁ ଏହି ଅର୍ଥରେ ନିଆଯାଏ । ତେବେ ସଂକୀର୍ଣ୍ଣ ଅର୍ଥରେ ସାଧାରଣ ଜନତା ଏହାକୁ ଉକ୍ରୋଚ ନେବା ଓ ଦେବା ଅର୍ଥରେ ଗ୍ରହଣ କରନ୍ତି । କାରଣ ପ୍ରତ୍ୟକ୍ଷଭାବେ ସେମାନେ ଘୋଷଖୋରୀ କାରବାରର ଶୀକାର ହୁଅନ୍ତି । କୌଣସି ସରକାରୀ ଦପ୍ତରକୁ ଗଲେ ସେଠାରେ କିଛି ଉକ୍ରୋଚ ନଦେଲେ କିଛି କାମ ହେବନାହିଁ ବୋଲି ତାଙ୍କ ବିଶ୍ୱାସ । ଏପ୍ରକାର ବିଶ୍ୱାସ ଅକସ୍ମାତ୍ ନୁହେଁ । ଏହା ସମାଜର ସାଧାରଣ ଅଭିଜ୍ଞତାରୁ ପ୍ରାପ୍ତ । ଏହା ପଛରେ ସତ୍ୟତା ମଧ୍ୟ ରହିଛି । ଏବେବି ଭ୍ରଷ୍ଟାଚାର ଜନିତ ଅନେକ ସମ୍ବାଦ ଖବର କାଗଜର ପୃଷ୍ଠା ମଣ୍ଡନ କରୁଛି । ଜନ୍ମ ପ୍ରମାଣ ପତ୍ରପାଇଁ ଉକ୍ରୋଚ, ମୃତ୍ୟୁ ପ୍ରମାଣପତ୍ର ପାଇଁ ଉକ୍ରୋଚ, ଚାକିରୀ ପାଇଁ ଉକ୍ରୋଚ, ବିଭିନ୍ନ କାମପାଇଁ ଉକ୍ରୋଚ, ବିଭିନ୍ନ ଅଫିସରେ ଉକ୍ରୋଚ, ଏହିପରି ଅନେକ ଉକ୍ରୋଚ ନେବାର ସମ୍ବାଦ ପ୍ରକାଶ ପାଉଛି । କୌଣସି କାମପାଇଁ ଫାଇଲ ବିନା ଉକ୍ରୋଚରେ ଆଗକୁ ଯିବନାହିଁ । ଉକ୍ରୋଚ ସମ୍ବନ୍ଧୀୟ ଯେଉଁ କେତୋଟି ଖବର ସମ୍ମୁଖକୁ ଆସୁଛି ତାହା ପୋଖରୀ ପାଣିରୁ ଆଞ୍ଜୁଳାଏ ମାତ୍ର । ପରଦା ତଳେ ଅସଂଖ୍ୟ ଘଟଣା ଲୁଚି ଯାଉଛି । ଦେଶରେ ଯେତେସବୁ ବିକାଶମୂଳକ କାର୍ଯ୍ୟ ହେଉଛି, ସେ ଗୁଡିକରେ ମଧ୍ୟ ଦୁର୍ନୀତିର ଅଭିଯୋଗ କିଛି କମ ନୁହେଁ । ରାସ୍ତା କାମରେ ଦୁର୍ନୀତି, ପୋଲ ତିଆରିରେ ଦୁର୍ନୀତି, କୋଠା ତିଆରିରେ ଦୁର୍ନୀତି, ନିର୍ମାଣ କାର୍ଯ୍ୟରେ ନିମ୍ନମାନ ଉପକରଣର ବ୍ୟବହାର, ଟେଣ୍ଡରରେ ଦୁର୍ନୀତି, ସରକାରୀ କିଣା ବିକାରେ ଦୁର୍ନୀତି, ଏପରି ଦୁର୍ନୀତି ଅଭିଯୋଗର ଲମ୍ବା ଧାଡ଼ି ରହିଛି । ସରକାରଙ୍କ ତରଫରୁ ଜନସାଧାରଣଙ୍କୁ ସେବା ପ୍ରଦାନ କ୍ଷେତ୍ରରେ ଅନେକ ଅନିୟମିତତାର ଅଭିଯୋଗ ଆସେ । କର୍ମଚାରୀମାନେ ଠିକ୍ ସମୟରେ କାର୍ଯ୍ୟାଳୟକୁ ନଆସିବା, କାମ ନକରି ଲୋକଙ୍କୁ ବାରମ୍ବାର ଫେରାଇବା, ହିତାଧିକାରୀ ତାଲିକାରେ ହେରଫେର କରିବା, ଖାତାପେନରେ ଦର୍ଶାଇ କାମ ନକରି ବିଲ ଉଠାଇନେବା, ହାତଗୁଞ୍ଜା ନଦେଲେ କାମ ନକରିବା, ସମସ୍ତ ପ୍ରକାର ଜାଲିଆତି, ପରୀକ୍ଷାରେ କପି କରିବା ଓ କରାଇବା, ଫାଇଲକୁ ମାସ ମାସଧରି କେତେକ କ୍ଷେତ୍ରରେ ବର୍ଷ ବର୍ଷଧରି ପକାଇ ରଖିବା ଅଭିଯୋଗ କାହାକୁ ଅଛପା ନାହିଁ । ଶାସନ ଓ ପ୍ରଶାସନିକ ସ୍ତରରେ ଜାଣିଶୁଣି ଭୁଲ ସିଦ୍ଧାନ୍ତ ନେବା ମଧ୍ୟ ଏକ ପ୍ରକାରର ଭ୍ରଷ୍ଟାଚାର ଅଟେ । ପୁଞ୍ଜିପତିଙ୍କୁ ସୁହାଇଲା ଭଳି ଓ ସାଧାରଣ ଜନତାଙ୍କୁ ଶୋଷଣ କଲାଭଳି ନିୟମ ପାରିତ କରିବା, ନିୟମର ଗୋଳା ବାଟଦେଇ କାହାକୁ ଅଯଥା ଅନୁଗ୍ରହ ଦେଖାଇବା, ଲୋକମାନଙ୍କୁ ମିଛରେ ଭ୍ରମିତ କରିବା ଇତ୍ୟାଦି ଏହାର ଅନ୍ତର୍ଗତ ଅଟେ । ସମ୍ବିଧାନ ଅନୁସାରେ ଆମ ଶାସନ ଚାଲେ । ଆବଶ୍ୟକ ସ୍ଥଳେ ଏହାର ସଂଶୋଧନ ପାଇଁ ବ୍ୟବସ୍ଥା ରହିଛି । ସମ୍ବିଧାନର ଅବମାନନା ହେଉଛି ସବୁଠାରୁ ବଡ ଭ୍ରଷ୍ଟାଚାର । ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ନଦେବା ଏକ ପ୍ରକାରର ଭ୍ରଷ୍ଟାଚାର । ଭ୍ରଷ୍ଟାଚାର ଭାରତବର୍ଷର ଏକ ପ୍ରମୁଖ ସମସ୍ୟା । ଏହାକୁ ହଟାଇବା ପାଇଁ ରାଜନୈତିକ ଦଳମାନଙ୍କ ନିକଟରେ ବିଧିବଦ୍ଧ ଯୋଜନା ଓ ଆନ୍ତରୀକତା ଥିବାପରି ମନେହୁଏ ନାହିଁ । ଭ୍ରଷ୍ଟାଚାର ଯୋଗୁଁ ସାଧାରଣ ଜନତା ଅସ୍ତବ୍ୟସ୍ତ । ସାଧାରଣ ଜନତା ଏବେ ନିରୁପାୟ । ଭ୍ରଷ୍ଟାଚାର ବିରୋଧରେ ତାଙ୍କର ଦୃଢ଼ ସମର୍ଥନ ରହିଛି । ତେଣୁ ଯେତେବେଳେବି ଭ୍ରଷ୍ଟାଚାର ବିରୋଧରେ ଆନ୍ଦୋଳନ ଆରମ୍ଭ ହୋଇଛି । ଲୋକମାନେ ସ୍ୱତଃପ୍ରବୃତ ଭାବରେ ଯୋଗ ଦେଇଛନ୍ତି । ଏହା ସହିତ ରାଜନୈତିକ ପରିବର୍ତ୍ତନକୁ ମଧ୍ୟ ଖୋଲା ହୃଦୟରେ ସମର୍ଥନ କରିଛନ୍ତି । ଭ୍ରଷ୍ଟାଚାର ବିରୁଦ୍ଧରେ ୧୯୭୫ ମସିହାରେ ଆରମ୍ଭ ହୋଇଥିବା ଲୋକନାୟକ ଜୟପ୍ରକାଶ(ଜେପି) ଆନ୍ଦୋଳନ ଅଭୂତପୂର୍ବ ଥିଲା । ପରବର୍ତୀ ସମୟରେ ଏହା ସମ୍ପୂର୍ଣ୍ଣ କ୍ରାନ୍ତିକୁ ରୂପାନ୍ତରିତ ହୋଇଥିଲା । ଏହାର ଆଧାରରେ ସେ ସମୟରେ ଯେଉଁ ରାଜନୈତିକ ଦଳ ଗଠିତ ହୋଇଥିଲା ତାହାକୁ ପୂର୍ଣ୍ଣ ସମର୍ଥନ ମିଳିଥିଲା । ଯେଉଁ ଦଳର ନାମଥିଲା ଜନତା ପାର୍ଟି ଏବଂ ଏ ପାର୍ଟି ୧୯୭୭ ମସିହାରେ ପୂର୍ଣ୍ଣ ବହୁମତ ସହିତ କେନ୍ଦ୍ରରେ କ୍ଷମତାସୀନ ହୋଇଥିଲା । ସେହିପରି ଶ୍ରୀ ଭି ପି ସିଂ ବୋଫର୍ସ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତୋଳନ କରିଥିଲେ ଓ ୧୯୮୯ ମସିହାରେ ଜନତା ଦଳ ଗଠନକରି କେନ୍ଦ୍ର କ୍ଷମତାକୁ ଆସିଥିଲେ । ଚଳିତ ଶତାବ୍ଦୀର ଦ୍ୱିତୀୟ ଦଶକରେ ଆନ୍ନା ହଜାରେଙ୍କ ଭ୍ରଷ୍ଟାଚାର ବିରୋଧୀ ଆନ୍ଦୋଳନକୁ ନାହିଁ ନଥିବା ଜନ ସମର୍ଥନ ମିଳିଥିଲା । ଫଳରେ ତତକାଳୀନ କେନ୍ଦ୍ର କ୍ଷମତାସୀନ ୟୁପିଏ ସରକାର ୨୦୧୪ ସାଧାରଣ ନିର୍ବାଚନରେ ପରାଜିତ ହେଲା । ଏହା ସମ୍ଭବ ହେଲା ଲୋକଙ୍କ ମଧ୍ୟରେ ଭ୍ରଷ୍ଟାଚାର ବିରୋଧୀ ଜାଗରଣ ଯୋଗୁଁ । ଭ୍ରଷ୍ଟାଚାର କେବଳ ଏକ ପ୍ରମୁଖ ସମସ୍ୟା ନୁହେଁ, ଏହା ଏକ ମୁଖ୍ୟ ରାଜନୈତିକ ଇସ୍ୟୁ ମଧ୍ୟ । ଏହାକୁ ମୁଖ୍ୟ ରାଜନୈତିକ ପ୍ରସଙ୍ଗରୂପେ ଗ୍ରହଣକରି ଯେଉଁ ରାଜନୈତିକ ଦଳ ନିର୍ବାଚନକୁ ଓହ୍ଲାଇବ ସେ ସଫଳତା ପାଇବାର ଯଥେଷ୍ଟ ସମ୍ଭାବନା ରହିଛି, ଯାହା ଅତୀତରେ ହୋଇଛି ।ଭ୍ରଷ୍ଟାଚାର ବିକାଶର ପରିପନ୍ଥୀ । ଏହା ଜନସାଧାରଣଙ୍କ ଦୁଃଖ ଓ ଦୁର୍ଗତିର କାରଣ । ଯେଉଁମାନେ ଭ୍ରଷ୍ଟାଚାରୀ ସେମାନେ ଚାହିଁବେ ନାହିଁ ଏହା ହଟୁବୋଲି । ଦୁଃଖର କଥା କିଛି ରାଜନୈତିକ ଦଳ ଭ୍ରଷ୍ଟାଚାରର ଦୃଢ଼ ସମର୍ଥକ । ଉପରେ ଭ୍ରଷ୍ଟାଚାର ବିରୋଧୀ ଭାବମୂର୍ତି, କିନ୍ତୁ ଭିତରେ ଭିତରେ ଦେଶକୁ ଖୋଳ କରିସାରିଲେଣୀ । ରାଜନୀତିରେ ଭ୍ରଷ୍ଟାଚାରୀ ନେତାଙ୍କ ଭିଡ଼ ଜମୁଛି । ଗୋଟିଏ ଦଳର ଭ୍ରଷ୍ଟାଚାରୀ ନେତାଙ୍କୁ ଅନ୍ୟ ଦଳ ଖୁସିରେ ଗ୍ରହଣ କରିନେଇଛି । ଜଣେ ଭ୍ରଷ୍ଟାଚାରୀ ନେତା ଯାହା ବିରୁଦ୍ଧରେ ଅଭିଯୋଗର ଫର୍ଦ୍ଦ ରହିଛି ଓ ସେ ତଦନ୍ତର ପରିସରଭୁକ୍ତ ରହିଛି, ସେ ଯେତେବେଳେ ଶାସକ ଦଳକୁ ଚାଲିଯାଉଛି, ସେ ଗୋଟାପଣେ ସଚ୍ଚୋଟ ହୋଇଯାଉଛି । ତା ବିରୁଦ୍ଧରେ ଥିବା ସମସ୍ତ ଅଭିଯୋଗ ବାଏଁ ବାଏଁ ଉଡ଼ିଯାଉଛି, ସମସ୍ତ ତଦନ୍ତ ବନ୍ଦ ହୋଇଯାଉଛି । ରାଜନୀତି ଆଉ ସ୍ୱଚ୍ଛୋଟ ଲୋକଙ୍କ ପାଇଁ ନୁହେଁ । ଏଥିରେ ଭ୍ରଷ୍ଟାଚାରୀଙ୍କ ଭିଡ଼ ଜମୁଛି । ସବୁଠାରୁ ଅଧିକ ବିପଦଜନକ ବିଷୟ ହେଉଛି ଦେଶର ରାଜନୈତିକ ବ୍ୟବସ୍ଥା କ୍ରମେ ଦୁର୍ନୀତିଗ୍ରସ୍ତ ହୋଇଯାଉଛି । ଉପରେ ଭ୍ରଷ୍ଟାଚାର ଦମନର ସଲ୍‌ହାକୁସ୍ତି ହେଉଛି, କିନ୍ତୁ ଭିତରେ ବୁଝାମଣାରେ ସବୁ ଚାଲିଛି ।ଏପରି ପରିସ୍ଥିତିରେ ସାଧାରଣ ଜନତାଙ୍କୁ ଜାଗିବାକୁ ପଡିବ । ଯେ କୌଣସି ସରକାରକୁ ବାଧ୍ୟ କରିବାକୁ ପଡିବ ଭ୍ରଷ୍ଟାଚାର ହଟାଇବା ପାଇଁ ଓ ଫଳପ୍ରଦ ପଦକ୍ଷେପ ନେବାକୁ । ଏହା ନହେଲେ ତାଙ୍କୁ ପରାଜୟର ଦ୍ୱାର ଦେଖାଇବାକୁ ପଡିବ । ରାଜନୈତିକ ଦଳମାନଙ୍କୁ ମଧ୍ୟ ନିଜର ଆଭିମୁଖ୍ୟ ବଦଳାଇବାକୁ ପଡିବ । ରାଜନୈତିକ ଦଳମାନେ ଭ୍ରଷ୍ଟାଚାର ଅଭିଯୁକ୍ତଙ୍କୁ ବିଦା କରିବା ଓ ଏପରି ବ୍ୟକ୍ତିଙ୍କୁ ଦଳ ମଧ୍ୟରେ ପୁରାଇ ନଦେବା ପରି ପଦକ୍ଷେପ ନେବାକୁ ହେବ । 'ଭ୍ରଷ୍ଟାଚାର ମୁକ୍ତ ଭାରତ'କୁ ମୁଖ୍ୟ ସ୍ଲୋଗାନଭାବେ ଗ୍ରହଣକରି ଆନ୍ତରିକତା ପ୍ରଦର୍ଶନ କଲେ ନିଶ୍ଚୟ ସଫଳତା ମିଳିବ । ଭ୍ରଷ୍ଟାଚାର ମୁକ୍ତ ଭାରତ ପାଇଁ ସାମଗ୍ରୀକ ରାଜନୈତିକ ଉଦ୍ୟମ ଲୋଡ଼ା । ଏପରି ସଂକଳ୍ପ ଅନେକ ପରିବର୍ତ୍ତନ ଆଣିବ ।

*ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦*

# ପିତାମାତାଙ୍କ ସେବା ଏକ ଆଇନଗତ କର୍ତବ୍ୟ

◆ ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ପିଲାମାନଙ୍କ ଦ୍ୱାରା ଅବହେଳିତ, ନିର୍ଯ୍ୟତିତା ଜଣେ ବୃଦ୍ଧି ମାତାଙ୍କୁ ନିଜ ଘରେ ଏକ ସ୍ୱତନ୍ତ ପ୍ରକୋଷ୍ଠ, ସ୍ୱତନ୍ତ ଶୌଚାଳୟ ଏବଂ ଆବଶ୍ୟକୀୟ ସୁବିଧାସୁଯୋଗ ଯୋଗାଇ ଦେବା ପାଇଁ ନିକଟରେ ପଞ୍ଜାବ ଓ ହରିଆନା ହାଇକୋର୍ଟଙ୍କ ରାୟ କେବଳ ସମୟୋପଯୋଗୀ ନୁହେଁ, ଆଇନଗତ ଆଦେଶଠାରୁ ଅଧିକ ବୋଲି କୁହାଯାଇପାରିବ । ବୃଦ୍ଧ ପିତାମାତାଙ୍କ ସେବାଯତ୍ନ ପାଇଁ ଦେଶରେ କଠୋର ଆଇନଗତ ବ୍ୟବସ୍ଥା ଥିବା ସତ୍ତ୍ୱେ ଏବେ ବି ପିତାମାତାଙ୍କ ପ୍ରତି ଅବହେଳା ବୃଦ୍ଧି ପାଉଥିବା ଏହି ଅଭିଯୋଗ ସଂକେତ ପ୍ରଦାନ କରୁଛି । ଅଦାଲତ ତାଙ୍କ ରାୟରେ ଦେଶରେ ପ୍ରଚଳିତ 'ମାତୃଦେବୋ ଭବ' ନୀତିବାକ୍ୟ ସ୍ମରଣ କରାଇ ଦେଇ କହିଛନ୍ତି ଯେ, ବରିଷ୍ଠ ନାଗରୀକମାନଙ୍କ ପାଇଁ ଏହା ପରିବାର ବର୍ଗଙ୍କ ପାଇଁ ଏକ ସାଂସ୍କୃତିକ ଅଳଙ୍କାରିକ ଦାୟିତ୍ୱ ନୁହେଁ, ଏହା ଏକ ଆଇନଗତ ଏବଂ ମୌଳିକ କର୍ତବ୍ୟ । ଉଲ୍ଲେଖଯୋଗ୍ୟ ଯେ, ପିଲାମାନଙ୍କ ଦ୍ୱାରା ଅବହେଳାର ଶିକାର ହେବା ପରେ ଜଣେ ବୃଦ୍ଧ ନିଜ ଘରର କଣରେ ତାଙ୍କ ସ୍ୱାମୀଙ୍କ ଦ୍ୱାରା ନିର୍ମିତ କୋଠରୀରେ ରହିବା ଲାଗି ଅଦାଲତଙ୍କ ହସ୍ତକ୍ଷେପ ଲୋଡି ଏକ ପିଟିସନ ଦାୟର କରିଥିଲେ । ଏହା ନିସନ୍ଦେହ ଯେ, ଜଣେ ବୃଦ୍ଧା ମାତା ନିଜ ଘରେ ମର୍ଯ୍ୟଦାର ସହ ଆଶ୍ରୟ ନେବା ପାଇଁ ଅଦାଲତର ହସ୍ତକ୍ଷେପ ଲୋଡିବା ଆମ ଦେଶରେ ଯୌଥ ପାରିବାରିକ ବୈଶିଷ୍ଠ ଭାବଧାରା କ୍ଷୟର ପ୍ରତିଫଳନ । ପଞ୍ଜାବ-ହରିଆନା ହାଇକୋର୍ଟ ପୁଅର ଆବେଦନକୁ ଖାରଜ କରି ବୃଦ୍ଧା ମାତାଙ୍କୁ ସ୍ୱତନ୍ତ ଘର, ଶୌଚାଳୟ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବା ସହ ଭରଣ ପୋଷଣ ପାଇଁ ସମସ୍ତ ବ୍ୟୟ ଭାର ବହନ କରିବା ଲାଗି କଡା ନିର୍ଦ୍ଦେଶ ଦେଇଛନ୍ତି । କହିବା ବାହୁଲ୍ୟ ଯେ, ଆମ ଦେଶରେ ବୃଦ୍ଧ ପିତାମାତା ନିର୍ଯ୍ୟାତନା ଅବହେଳାର ଶିକାର ହେଉଥିବା ମାମଲା ଦିନକୁ ବୃଦ୍ଧି ପାଇବାରେ ଲାଗିଛି । ଜାତୀୟ ଅପରାଧ ବ୍ୟୁରୋ (ଏନସିଆରବି)ର ରିପୋର୍ଟ ଅନୁଯାୟୀ ଦେଶରେ ବୃଦ୍ଧ ପିତାମାତାଙ୍କ ପ୍ରତି ଅବହେଳା, ନିର୍ଯ୍ୟାତନା ନେଇ ବିଭିନ୍ନ ଅଦାଲତରେ ୩୨,୬୦୨ଟି ମାମଲା ବିଚାରଧୀନ ରହିଛି । ଟ୍ରିବ୍ୟୁନାଲ ଏବଂ ଉଚ୍ଚନ୍ୟାୟାଳୟ ଏ ସମ୍ପର୍କିତ ବହୁ ରୁଲିଂ ଦେଇ ଘରୁ ଅଭିଯୁକ୍ତ ପିଲାମାନଙ୍କୁ ବହିଷ୍କାର କରିଥିବାବେଳେ ବୃଦ୍ଧ ପିତାମାତା ଏବଂ ବରିଷ୍ଠ ନାଗରିକମାନଙ୍କ ଭାରଣ ପୋଷଣ ଏବଂ କଲ୍ୟାଣ ଆଇନ-୨୦୦୭ କୁ କଡାକଡି ଭାବେ କାର୍ଯ୍ୟକାରୀ କରିଛନ୍ତି । ପାରିବାରିକ କନ୍ଦଳ ଦ୍ୱାରା ଏହି ଆଇନର ଯେପରି ଅପବ୍ୟବହାର ନହୁଏ ଏବଂ ବରିଷ୍ଠଙ୍କ ସମ୍ପତିଗତ ଅଧିକାର ସୁନିଶ୍ଚିତ ରୁହେ, ସେଥିପ୍ରତି ଅଦାଲତ ଯତ୍ନବାନ ଥିବା ବହୁ ମାମଲା ସ୍ପଷ୍ଟ ସୂଚନା ଦିଏ । ନିକଟରେ ଆମ ରାଜ୍ୟର ପୁରୀ ଜିଲ୍ଲାରେ ଅନୁରୂପ ଏକ ଘଟଣାର ବିଚାର କରି ସ୍ଥାନୀୟ ଉପ-ଜିଲ୍ଲାପାଳ ବୃଦ୍ଧ ପିତାମାତାଙ୍କୁ ନିର୍ଯ୍ୟାତନା ଦେଇଥିବା ଦୁଇ ପୁଅଙ୍କୁ ଘରୁ ବହିଷ୍କାର ପାଇଁ ଆଦେଶ ଦେଇଥିଲେ । ଉପ-ଜିଲ୍ଲାପାଳଙ୍କ ଆଦେଶକୁ ସ୍ଥାନୀୟ ପୋଲିସ ତୁରନ୍ତ କାର୍ଯ୍ୟକାରୀ କରିଥିଲେ, ଯାହାକି ସ୍ଥାନୀୟ ଅଂଚଳରେ ଉଚ୍ଚ ପ୍ରଶଂସିତ ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି । ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶରେ ବୃଦ୍ଧ ପିତାମାତାଙ୍କ ଭରଣପୋଷଣ ଓ ସେବାଯତ୍ନ ଆଇନ-୨୦୦୭ ଅନୁଯାୟୀ ଅଭିଯୁକ୍ତ ପରିବାର ସଦସ୍ୟଙ୍କ ପାଇଁ ଉଭୟ ଜେଲ ଓ ଜରିମାନା ଦଣ୍ଡବିଧାନ ବ୍ୟବସ୍ଥା ରହିଛି । ତେବେ ସବୁଠୁ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି, କେବଳ ଅଦାଲତ ଦ୍ୱାରା ଏହାର ସମାଧାନ ହୋଇପାରିବ ନାହିଁ । ଦେଶରେ ଏବେ ବୟସ୍କ ଲୋକଙ୍କ ସଂଖ୍ୟା ଦୃତ ବେଗରେ ବୃଦ୍ଧି ପାଇବାରେ ଲାଗିଛି । ଯୌଥ ପରିବାରର କ୍ଷୟ ଏବଂ ସହରକୁ ସ୍ଥାନାନ୍ତର ଯୋଗୁଁ ବରିଷ୍ଠ ନାଗରୀକମାନେ ଏବେ ନିସଙ୍ଗତା, ଅସୁରକ୍ଷା, ଆର୍ଥୀକ ନିଭରଶୀଳତାର ସମ୍ମୁଖୀନ ହେଉଛନ୍ତି । ସରକାରୀ ରିପୋର୍ଟ ଅନୁଯାୟୀ ଦେଶରେ ଏବେ ବୟସ୍କ ନାଗରିକମାନଙ୍କ ସଂଖ୍ୟା ୧୪୯ ନିୟୁତ ରହିଥିବାବେଳେ ଆସନ୍ତା ୨୦୫୦ ମସିହାବେଳକୁ ସେମାନଙ୍କ ସଂଖ୍ୟା ୩୧୯ ମିଲିଅନରେ ପହଁଚିବ । ସେତେବେଳେ ପ୍ରତି ୫ଜଣ ଲୋକସଂଖ୍ୟାରେ ଜଣେ ବରିଷ୍ଠ ନାଗରିକ ଥିବେ ବୋଲି କୁହାଯାଏ । ଏହା ସତ୍ୟ ଯେ, ବରିଷ୍ଠ ନାଗରିକମାନଙ୍କୁ ଆଇନଗତ ସୁରକ୍ଷା ଅତ୍ୟନ୍ତ ଜରୁରୀ କିନ୍ତୁ ସାମାଜିକ ଆଭିମୁଖ୍ୟର ଆବଶ୍ୟକତା ଅଧିକ ରହିଛି । ଏଥିପାଇଁ ସଚେତନତା ଲୋଡା । ଭାରତୀୟ ସଂସ୍କୃତିରେ ବୃଦ୍ଧ ପିତାମାତା ହେଉଛନ୍ତି ଚଳନ୍ତି ଭଗବାନ । ସେହି ସଂସ୍କୃତିରେ ବୃଦ୍ଧ, ଅସହାୟ ପିତାମାତାଙ୍କୁ ପରିତ୍ୟାଗ ବା ଏକାକୀ ଛାଡି ଦିଆଯାଇପାରିବ ନାହିଁ । ବୟସ୍କଙ୍କୁ ପିତାମାତାଙ୍କୁ ସମ୍ମାନ, ସେବା ଓ ସୁରକ୍ଷା ପାଇଁ ନ୍ୟାୟାଳୟ ଆଦେଶର ଆବଶ୍ୟକତା ଅନୁଚିତ । ସମସ୍ତଙ୍କୁ ମନେ ରଖିବାକୁ ହେବ ଯେ, ଆମେ ଦିନେ ବୟସ୍କ ବା ବୃଦ୍ଧବୃଦ୍ଧା ହେବା ।

*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋ-୯୪୩୭୯୯୪୩୭୯*

ଦର୍ଜି ଦିବସ

# 'ଦରଜି ସେ ଦିନରୁ ଆଜି''

◆ ବିପିନ ବିହାରୀ ରାଉତ


ଆଜି ଦରଜି ଦିବସ । ଏହି ଦିବସ ପାଳନ ଅବସରରେ ଏହି ପେସାର ଇତିହାସ ବାବଦରେ କେତେକ ଜଣା ଅଜଣା କଥା ଜାଣିବା ହେଉ । ଲଜ୍ଜା ନିବାରଣ ବା ଗୋପନୀୟ ଅଙ୍ଗ ଢ଼ାଙ୍କିବା ପାଇଁ ତଥା ଖରା ତାତି ଓ ଥଣ୍ଡାରୁ ରକ୍ଷା ପାଇବା ଲାଗି ପୋଷାକର ବ୍ୟବହାର ବହୁତ ପ୍ରାଚୀନ । ପରେ ମଣିଷ ସୁନ୍ଦର ଦିଶିବା ପାଇଁ ପୋଷାକକୁ ବିଭିନ୍ନ ରୂପ ଦେବା ଆରମ୍ଭ କଲା । ପ୍ରଥମେ ମଣିଷ ନିଜ ପାଇଁ ନିଜେ ଏହି କାର୍ଯ୍ୟ କରୁଥିଲା । ତାହାପରେ ପେସାଦାରଙ୍କ ସୃଷ୍ଟି ହେଲା । ଆଧୁନିକ ପେସାଦାର ଦରଜିର ସୃଷ୍ଟି ଦ୍ୱାଦଶ ଶତାବ୍ଦୀର ଘଟନା । ଟେଲର ଶବ୍ଦ ୧୨୯୭ରେ ପ୍ରଥମ ଥର ଇଂରେଜୀ ଶବ୍ଦକୋଷରେ ସ୍ଥାନ ପାଇଥିଲା । ଏହା ମୂଳତଃ ଏକ ଆଙ୍ଗଲୋ ନର୍ମାନ ଫ୍ରେଂଚ ଶବ୍ଦ, ଯାହାର ଅର୍ଥ କର୍ତକ । ବିଶ୍ୱର ପ୍ରଥମ ଆଧୁନିକ ଦରଜି ଦୋକାନର ନାମ ଥିଲା ହେନରି ପୁଲ ଆଣ୍ଡ କୋ । ଷୋଡ଼ଶ ଶତାବ୍ଦୀରେ ପେସାଦାର ଦରଜି ବନିବା ପାଇଁ ସାତ ବର୍ଷ ତାଲିମ ନେବାକୁ ପଡୁଥିଲା । ଦରଜି ବିଦ୍ୟା ଉପରେ ପ୍ରଥମ ପୁସ୍ତକ ୧୭୯୬ରେ ପ୍ରକାଶ ପାଇଥିଲା ନାମ ଥିଲା ଦ ଟେଲର୍ସ କଂପଲିଟ ଗାଇଡ଼ । ତେବେ ବର୍ତ୍ତମାନର ଦୁନିଆର ରୀତିନୀତି ଓ ଆଦର କାଇଦାକୁ ଦେଖିଲେ ଜଣାଯାଏ ପୂର୍ବ ସମୟର ପାରମ୍ପରିକ ଦରଜି ପୋଷାକ ବହୁତ କମି ଆସିଲାଣି । ବଜାରରେ ବିରାଟ ବିରାଟ ବଡ଼ ସପିଂ ମଲରେ ନିଜ ମନ ପସନ୍ଦ, ରଙ୍ଗବେରଙ୍ଗ, ଚାହିଦା ମୁତାବକ ଓ ନିଜ ଅର୍ଥକୁ ଦେଖି ପ୍ରାୟତଃ ସାର୍ଟପ୍ୟାଂଟ, କୋର୍ଟ, ଝିଅ ଓ ସ୍ତ୍ରୀଲୋକମାନଙ୍କ ପୋଷାକ ସବୁ ବିକ୍ରି ହେଉଛି । ଲୋକେ ଏହାକୁ ଗୁରୁତ୍ୱ ଦେଉଛନ୍ତି ଓ ଗୋଟିଏ ବଜାରକୁ ହାତ ପାହାନ୍ତାରେ ପାଇଯାଉଥିବାରୁ ସେମାନେ ପୂର୍ବ ସମୟର ଲୁଗା ଦୋକାନକୁ ଯାଇ କପଡ଼ା କିଣି ଦରଜି ପାଖକୁ ଯିବାକୁ ଆଉ ସେତେଟା ଆଗ୍ରହ ରଖୁନାହାଁନ୍ତି । ସେହିପରି ହାତ ପାହାନ୍ତାରେ ସୂଚନା ପ୍ରଯୁକ୍ତିର ମୋବାଇଲ ଫୋନରେ ଅନ୍‌ଲାଇନ ଦ୍ୱାରା ଘରେ ନିଜର ସମସ୍ତ ବେଶପୋଷାକ ନିର୍ଦ୍ଧାରିତ ସମୟ ଓ ମୂଲ୍ୟ ଅନୁଯାୟୀ ସୁରକ୍ଷିତ ଭାବେ ପହଂଚି ଯାଉଥିବାରୁ ଦରଜିଙ୍କ ବେପାର ଅନେକାଂଶରେ କମି ଯାଇଛି । କେବଳ ସହର ନୁହେଁ ଗାଁ ଗଣ୍ଡାରେ ଯେଉଁଠି ଦିନେ ଦରଜି ପାଖରେ ନିଜ ପୋଷକା ବନାଇବା ପାଇଁ ଲୋକେ ଧାଡ଼ି ଲଗାଉଥିଲେ ଆଉ ବ୍ୟସ୍ତ ହୋଇ ନିଜ ପୋଷାକଟି ପାଇବା ପର୍ଯ୍ୟନ୍ତ ଅତ୍ୟନ୍ତ ଆଗ୍ରହ ଓ ଶ୍ରଦ୍ଧା ରଖୁଥିଲେ ତାହା ଆଉ ସେପରି ଦିଶୁନାହିଁ । ତେବେ ପ୍ରଶ୍ନ ଉଠେ ସେହି ଦରଜି ବୃତି କରୁଥିବା ଲୋକଟି ତା ଦାନାପାଣି କିପରି ପାଇପାରିବ ? ତଥାପି ଆଜି ସମୟରେ ଅନେକ ଲୋକ ଅଛନ୍ତି ଯେଉଁମାନେ ପାରମ୍ପରିକ କପଡ଼ା କିଣି ନିଜ ପୂର୍ବ ପରିଚିତ ଓ ଆଖପାଖର ଦରଜି ପାଖକୁ ଯାଇ ନିଜ ବେଶପୋଷାକ ତିଆରି କରୁଛନ୍ତି । ଅନ୍ତତଃ ଆମେ ମାନବିକ ଦୃଷ୍ଟିକୋଣରୁ କେବଳ ଜଣଙ୍କୁ ତା ପରିଶ୍ରମର ମୂଲ୍ୟ ନୁହେଁ ସେହି ପାରିଶ୍ରମିକ ତା ପରିବାର ଓ ଏହାସହ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଜଡ଼ିତ ରହୁଥିବା ଅନେକଙ୍କ ଦାନାପାଣି ସେମାନେ ଏହି ବୃତିରୁ ହିଁ ପାଇଥାନ୍ତି । ଭାରତର ଅନେକ ସହରରେ ଏବେ ବି ଅନେକ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ ନିଜ ବଂଶ ବୁନିଆଦିର ପରମ୍ପରାକୁ ବଜାୟ ରଖି ନିଜ ପୂର୍ବ ପରିଚିତ ଦରଜି ପାଖରେ ନିଜ ବେଶପୋଷାକ ତିଆରି କରୁଛନ୍ତି ଏହା ନିଶ୍ଚିନ୍ତ ଖୁସିର କଥା । ପଇସା ଦେଇ ମନ ପସନ୍ଦର ପୋଷାକ ସପିଂ ମଲ୍‌ରୁ କିଣାଯାଇପାରିବ ଏହାକୁ କିଏ ମନା କରୁନି କିନ୍ତୁ ହସ୍ତକର୍ମର ଯେଉଁ ପରମ୍ପରା ରହିଛି ତାହାକୁ କିଛିଟା ଅତୁଟ ରଖିବା ଦାୟିତ୍ୱ ଆମ ସମସ୍ତଙ୍କର । କରୋନା ପରି ମହାମାରୀ ଅନେକଙ୍କ ଦାନାପାଣି ବୁଡ଼ାଇ ଦେଇଛି । ଏହା ଭିତରୁ ଦରଜି ବୃତିଧାରୀ ମଧ୍ୟ ଅନ୍ୟତମ । ଆସନ୍ତୁ ଦରଜି ଦିବସ ଅବସରରେ ନିଜ ପୂର୍ବ ପରିଚିତ ଦରଜି ଭାଇଟିକୁ ଟିକିଏ ଆଦରିବା ଅନ୍ତତଃ କରୋନା ସମୟରେ ସେ ତ ଟିକିଏ ଦାନାପାଣି ପାଇ ପାରିବ । ଆମ ଭିତରେ ଏ ସାମାନ୍ୟ ମଣିଷ ପଣିଆ ସେହି ଲୋକଟି ଓ ତା ପରିବାର ମୁହଁରେ ହସ ଫୁଟାଇବା ସହ ପରିବାରଟି ଦାନାପାଣି ପାଇ ଯେଉଁ ଆନନ୍ଦର ଆର୍ଶୀବଚନ ଦେବେ ତାହା କ'ଣ ଆମ ପାଇଁ ଯଥେଷ୍ଟ ନୁହେଁ କି ?



*ଶ୍ରୀବିହାର କଲୋନୀ, କଟକ: ୯୪୩୭୬୬୬୪୫୩*

# ନବଧା ଭକ୍ତି

◆ ଡାକ୍ତର ଦିଲ୍ଲୀପ କୁମାର ମହାରଣା




ଭକ୍ତି ହେଉଛି ଭଗବାନଙ୍କୁ ପାଇବାର ଅନ୍ୟତମ ଶ୍ରେଷ୍ଠ ଉପାୟ । ଭକ୍ତର ଭକ୍ତି ଭାବରେ ଭଗବାନ ସବୁବେଳେ ବନ୍ଧା ପଡ଼ିଯାଆନ୍ତି । ତେଣୁ ଭକ୍ତି ମାର୍ଗକୁ ଭଗବତ୍ କୃପା ଲାଭ କରିବାର ଶ୍ରେଷ୍ଠ ଉପାୟ ବୋଲି କୁହାଯାଏ । ଏହା ଭକ୍ତକୁ ଭଗବାନଙ୍କ ନିକଟତର କରାଏ । ଆମର ଶାସ୍ତ୍ରରେ ନବଧା ବା ନଅ ପ୍ରକାରର ଭକ୍ତି ସଂପର୍କରେ ବର୍ଣ୍ଣନା କରାଯାଇଛି । ଏଗୁଡ଼ିକ ହେଉଛି : ଶ୍ରବଣ, କୀର୍ତନ, ସ୍ମରଣ, ପାଦସେବନ, ଅର୍ଚ୍ଚନ, ବନ୍ଦନ, ଦାସତ୍ୱ, ବନ୍ଧୁତ୍ୱ, ଆତ୍ମ ନିବେଦନ ଇତ୍ୟାଦି । ଭଗବାନଙ୍କ କଥା ଆଦିକୁ ଶୁଣିବାରେ ରୁଚି ରଖିବା ଓ ଭଗବାନଙ୍କ ପୂଜା ପାଠରେ ମନ ଦେବା ହେଉଛି ଭକ୍ତିର ଏକ ସ୍ୱରୂପ । ସେହିପରି ଭଗବାନଙ୍କ ଉପାସନା କରିବା ହେଉଛି ଭକ୍ତିର ଅନ୍ୟ ଏକ ମାର୍ଗ । ପୁରାଣର ବହୁ ଋଷି ମୁନିଙ୍କ ଅନୁସାରେ ଆତ୍ମାରେ ସ୍ନେହ ଭାବ ରହିବା ଭକ୍ତି ଅଟେ । 'ନାରଦ ଭକ୍ତିସୂତ୍ର' ଅନୁସାରେ ନିଜର ସବୁ କର୍ମକୁ ଭଗବାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିବା ଓ ଭଗବାନଙ୍କ ନାମ ସ୍ମରଣରେ ସନ୍ତୋଷ ଲାଭ ହିଁ ଭକ୍ତି ଅଟେ । ଶ୍ରୀମଦ୍ ଭାଗବତ୍ ଗୀତାରେ ପ୍ରଭୁ ଶ୍ରୀକୃଷ୍ଣ ଭକ୍ତିକୁ ପାପ ନାଶର ସବୁଠାରୁ ଶ୍ରେଷ୍ଠ ଉପାୟ ବୋଲି କହିଛନ୍ତି । ଏକ ଛୋଟ ନିଆଁ ଝୁଲ ମଧ୍ୟ ଧୀରେ ଧୀରେ ଜଳି ଏକ ବିରାଟ କାଠଗଦାକୁ ଜଳାଇ ଦେଇପାରେ । ସେହିପରି ଭଗବାନଙ୍କୁ ଭକ୍ତି କରୁଥିବା ବ୍ୟକ୍ତିର ପାପ ଧୀରେ ଧୀରେ ନାଶ ହୋଇଯାଏ । ସେହିପରି ଭଗବାନଙ୍କ ନିକଟରେ ସଂପୂର୍ଣ୍ଣ ଭାବେ ସମର୍ପଣ କରି ତାଙ୍କର ଦାସତ୍ୱ ସ୍ୱୀକାର କରିବା ମଧ୍ୟ ଭକ୍ତିର ଅନ୍ୟଏକ ଶ୍ରେଷ୍ଠ ମାର୍ଗ । ଏହି ମାର୍ଗକୁ ଅନୁସରଣ କରି ବୀର ହନୁମାନ ପ୍ରଭୁ ଶ୍ରୀରାମଙ୍କ କୃପା ଲାଭ କରିପାରିଥିଲେ । ତାଙ୍କର ଏହି ସମର୍ପଣ ଭାବ ପାଇଁ ତାଙ୍କୁ ଭକ୍ତଶ୍ରେଷ୍ଠ କୁହାଯାଏ । ସେହିପରି ଆଉ ଜଣେ ଭକ୍ତ ହେଉଛନ୍ତି ଅର୍ଜୁନ । ଭଗବାନ ଶ୍ରୀକୃଷ୍ଣଙ୍କୁ ସେ ନିଜର ପରମ ସଖା ଓ ମିତ୍ର ଭାବେ ଗ୍ରହଣ କରିଥିଲେ । ଆଉ ତାଙ୍କର ଏହି ମିତ୍ରତା ଭାବ ଓ ଆନୁଗତ୍ୟ ହିଁ ହେଉଛି ଭକ୍ତି । ଏହାକୁ ସାଖ୍ୟ ଭକ୍ତ ବୋଲି କୁହାଯାଏ । ଭକ୍ତି ମାର୍ଗ ମନୁଷ୍ୟକୁ ଭଗବତ୍ କୃପା ଲାଭ କରିବାରେ ସାହାଯ୍ୟ କରିବା ସହ ମନୁଷ୍ୟକୁ ଆତ୍ମସନ୍ତୋଷ ଦେଇଥାଏ ଓ ଆଧ୍ୟାତ୍ମିକ ଚେତନାର ବିକାଶ କରିଥାଏ ।

*ଶିଖରପୁର ଉପରସାହି, କଟକ: ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯*



# ଶିଶୁ ସଂସାର

## ମହାନ ବ୍ୟକ୍ତିଙ୍କ ଅଜଣା କଥା



- କଲାମ୍‌ଙ୍କର ଜୀବନଯାପନ ପ୍ରଣାଳୀ ଖୁବ୍ ସରଳ। ତାମିଲ କବିତା ରଚନା କରିବା ସହିତ ବୀଣା ବଜାଇବାକୁ ସେ ପସନ୍ଦ କରନ୍ତି। ସେହିପରି ପିଲାମାନଙ୍କୁ ସେ ଖୁବ୍ ଭଲ ପାଆନ୍ତି।
- ୧୫ ଅକ୍ଟୋବର ୧୯୩୧ରେ ରାମେଶ୍ୱରମ୍‌ରେ ଏକ ତାମିଲ ମୁସଲିମ ପରିବାରରେ ଜନ୍ମ ହୋଇଥିଲେ ଭାରତର ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ୍ କଲାମ।
- ସ୍କୁଲ ସମୟରେ ପାଠ ପଢ଼ାରେ ସେ ଏତେ ଭଲ ପ୍ରଦର୍ଶନ କରୁନଥିଲେ। ତେବେ ସେ ଖୁବ୍ ପରିଶ୍ରମୀ ଥିଲେ। ଗଣିତ ପ୍ରତି ତାଙ୍କର ଅହେତୁକ ଆଗ୍ରହ ଥିଲା। ଯାହାକି ପରବର୍ତ୍ତୀ ସମୟରେ ତାଙ୍କର ଭାଗ୍ୟ ନିର୍ଦ୍ଧାରଣ କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା।
- ପରିବାରର ଆର୍ଥିକ ପରିସ୍ଥିତି ଖରାପ ଥିବା ଯୋଗୁଁ ସ୍କୁଲ ଶିକ୍ଷା ଶେଷ ପରେ କିଛିଦିନ ଧରି ସେ ଖବରକାଗଜ ହକର୍ ଭାବେ କାମ କରିଥିଲେ।
- ସ୍ନାତକ ଶିକ୍ଷା ହାସଲ ପରେ 'ମାଡ୍ରାସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି'ରେ ସେ ଏରୋସ୍ପେସ୍ ଇଞ୍ଜିନିୟରିଂ ପଢ଼ିଥିଲେ। ଏହାପରେ ଭାରତୀୟ ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନରେ ଜଣେ ବୈଜ୍ଞାନିକ ଭାବେ ଯୋଗ ଦେଇଥିଲେ। ପରେ ୧୯୬୯ରେ ସେ ଇସ୍ରୋରେ ଯୋଗ ଦେଇଥିଲେ।
- ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ବିକାଶ ପାଇଁ ତାଙ୍କର ଉଲ୍ଲେଖନୀୟ ଅବଦାନ ଯୋଗୁଁ ତାଙ୍କୁ ଭାରତର 'ମିସାଇଲ୍ ମ୍ୟାନ୍' ବୋଲି ମଧ୍ୟ କୁହାଯାଏ।
- 'ଅଗ୍ନି' ଏବଂ 'ପୃଥ୍ୱୀ' କ୍ଷେପଣାସ୍ତ୍ରର ବିକାଶ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଭୂମିକା ରହିଛି। ସେହିପରି 'ପୋଖରାନ୍-୨' ଆଣବିକ ପରୀକ୍ଷଣ ସମୟରେ ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।
- ୨୦୦୨ରେ ସେ ଦେଶର ରାଷ୍ଟ୍ରପତି ହେବାର ସୌଭାଗ୍ୟ ଲାଭ କରିଥିଲେ। ପ୍ରଥମ ବୈଜ୍ଞାନିକ ଏବଂ ଅବିବାହିତ ବ୍ୟକ୍ତି ଭାବେ କଲାମ୍ ଏହି ପଦବୀରେ ଆସୀନ ହୋଇଥିଲେ।
- 'ପିପୁଲ୍‌ସ ପ୍ରେସିଡେ□' ଭାବେ ସେ ପରିଚିତ। ଯୁବବର୍ଗଙ୍କ ମଧ୍ୟରେ ତାଙ୍କର ଲୋକପ୍ରିୟତା ଯଥେଷ୍ଟ ଅଧିକ। ଖାସ୍ ସେଇଥିପାଇଁ ୨୦୦୩ ଏବଂ ୨୦୦୬ରେ ସେ ଏମ୍‌ଟିଭି ୟୁଥ୍ ଆଇକନ୍ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ।
- ଡିଆର୍‌ଡିଓ ଏବଂ ଇସ୍ରୋରେ ତାଙ୍କର କାର୍ଯ୍ୟ ପାଇଁ ୧୯୮୧ରେ ତାଙ୍କୁ ପଦ୍ମଭୂଷଣ ଏବଂ ୧୯୯୦ରେ ପଦ୍ମବିଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା।
- ୧୯୯୭ରେ ସେ ଭାରତରତ୍ନ ସମ୍ମାନରେ ଭୂଷିତ ହୋଇଥିଲେ। ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ (୧୯୫୪) ଏବଂ ଡ. ଜାକିର୍ ହୁସେନ୍ (୧୯୬୩)ଙ୍କ ପରେ ସେ ହେଉଛନ୍ତି ଦେଶର ତୃତୀୟ ରାଷ୍ଟ୍ରପତି ଯେ କି ଦେଶର ପ୍ରଥମ ନାଗରିକ ପଦ ଅଳଙ୍କୃତ କରିବା ପୂର୍ବରୁ ଏହି ସମ୍ମାନ ପାଇଥିଲେ।
- ତାଙ୍କର ଆତ୍ମଜୀବନୀ 'ୱିଙ୍ଗ୍‌ସ ଅଫ୍ ଫାୟାର'କୁ ନେଇ ସେ ବେଶ୍ ଚର୍ଚ୍ଚିତ। ଦେଶର ଅଗଣିତ ଯୁବପିଢ଼ିଙ୍କ ପାଇଁ ଏହା ପ୍ରେରଣାର ଉତ୍ସ।

## ଜଣା ଅଜଣା

● ବିଶ୍ୱର ପ୍ରଥମ ସ୍ନାନାଗାର ପ୍ରାୟ ୪୫୦୦ ବର୍ଷ ପୂର୍ବେ ଭାରତରେ ନିର୍ମିତ ହୋଇଥିଲା।

● ଭାରତରେ ପ୍ରାୟ ୨୦୦ ମିଲିୟନରୁ ଅଧିକ ଗାଈ ଅଛନ୍ତି।

● ପୃଥିବୀ ପୃଷ୍ଠରେ ପ୍ରାୟ



୫୦ ପ୍ରକାରର କଙ୍ଗାରୁ ଅଛନ୍ତି।

● ଚିନିର ବ୍ୟବହାର ପ୍ରଥମ ଥର ପାଇଁ ଭାରତରେ ହୋଇଥିଲା।

● ଷ୍ଟାର୍ ଫିସ୍‌ର ମସ୍ତିଷ୍କ ନାହିଁ।

● ମଣିଷଙ୍କ ପରେ ପେଙ୍ଗୁଇନ୍ ହେଉଛନ୍ତି ଏକମାତ୍ର ପ୍ରଜାତି ଯେଉଁମାନେ ଖୁସି ପାଇଁ ସେକ୍ସ କରନ୍ତି।

● ପ୍ରଜାପତି ତା'ର ପାଦରେ ସ୍ୱାଦ ଚାଖିଥାଏ।


● କିଛି କିଛି ସିଂହ ଅଛନ୍ତି ଯେଉଁମାନେ ଦିନକୁ ପ୍ରାୟ ୫୦ ଥର ମିଳନରେ ଲିପ୍ତ ରହନ୍ତି।

● ଅଷ୍ଟ୍ରିଚ୍‌ର ଆଖି ତା'ର ମସ୍ତିଷ୍କଠାରୁ ବଡ଼।



● ଗୋଟିଏ କ୍ୟାଟି ଫିସ୍‌ର ୨୭,୦୦୦ରୁ ଅଧିକ ଟେଷ୍ଟ ବଡ୍ ଅଛି।

● ଗୋଟିଏ ଅସରପା ମୁଣ୍ଡ ବିହୀନ ଭାବେ ଦୀର୍ଘ ୯ ଦିନ ବଂଚିପାରେ।



● ଜିରାଫ ତା'ର କାନ ସଫା କରିବା ପାଇଁ ଜିଭର ବ୍ୟବହାର କରିଥାଏ।

● କିଛି ପ୍ରଜାତିର ଜିଆ ଅଛନ୍ତି ଯେଉଁମାନେ ଖାଦ୍ୟ ବିନା ନିଜ ଶରୀରର କିଛି ଅଂଶ ଖାଇ ଯାଆନ୍ତି।

● ପ୍ରତିବର୍ଷ ମହୁମାଛି



କାମୁଡ଼ାରେ ମରୁଥିବା ଲୋକଙ୍କ ସଂଖ୍ୟା ସାପ କାମୁଡ଼ାରେ ମରୁଥିବା ଲୋକଙ୍କ ତୁଳନାରେର ଅଧିକ।

● ହିଟ୍‌ଲର ଜଣେ ଶାକାହାରୀ ଥିଲେ।

● ଘର ଭିତରର ଧୂଳିକଣା ମଧ୍ୟରୁ ଅଧିକାଂଶ ଶରୀରର ମୃତ କୋଷରୁ ହିଁ ଜାତ ହୋଇଥାଏ।

● ପେଚା ହେଉଚି



ଏକମାତ୍ର ପକ୍ଷୀ ଯିଏକି ନୀଳ ରଙ୍ଗ ବାରିପାରେ।

● ଡାହାଣହାତୀ ଲୋକ ମାନେ ବାମହାତୀ ଲୋକଙ୍କ ତୁଳନାରେ ୯ବର୍ଷ ଅଧିକ ବଂଚନ୍ତି।

***

# ଫୁଲ ଚୋର

◆ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ

ବସନ୍ତ ଋତୁ। ଚାରିଆଡ଼େ ନିର୍ମଳ। ପ୍ରକୃତିରାଣୀ ରୂପ ବେଶ୍ ମନଲୋଭା। ବିଭିନ୍ନ ଫୁଲର ମହକରେ ଚାରିଦିଗ ପୁରିଛି। ଆମ୍ବତୋଟାରେ ଆମ୍ବ କଷିର ବାସ୍ନାକୁ ବଉଳର ବନ ମତାଣିଆ ସୁରଭିରେ ମନ ଖୁସି ହୋଇଯାଇଛି। ତା' ସାଙ୍ଗକୁ ବସନ୍ତର ଦୂତ କୋଇଲିର କୁହୁତାନ ମନକୁ ହରଣ କରିନେଉଛି। ପ୍ରଭାତରୁ ପ୍ରତିଦିନ ପକ୍ଷୀମାନଙ୍କର କାକଳି ଶୁଣିବାକୁ ତ ମିଳେ ତା' ସାଙ୍ଗକୁ ରଙ୍ଗବେରଙ୍ଗର ଫୁଲମାନଙ୍କ ସୁଗନ୍ଧରେ ନାସାଭରେ। ପ୍ରଭାତରେ ଶଯ୍ୟା ଛାଡ଼ି ପାଠକରେ ପପୁ। ତା'ର ପଂଚମ। ସ୍କଲାର୍ସିପ୍ ପରୀକ୍ଷା। ପାହାନ୍ତିଆ ପାଠ ଖୁବ୍ ମନେ ରହେ। କାରଣ ବ୍ରାହ୍ମମୁହୂର୍ତ୍ତ ଦେବତାମାନଙ୍କ ଆରାଧନା କରିବାର ସମୟ। ପପୁର ଜେଜୀମା' ବାଡ଼ିରେ ଗୋଟେ ବଗିଚା କରିଥାନ୍ତି। ସେଥିରେ ମନ୍ଦାର, ଟଗର, ରଜନୀଗନ୍ଧା, ସୁଗନ୍ଧରାଜ, ମଲ୍ଲୀ, ଯୁଇ, ଜାଇ, ହେନା, କାଂଚନ, କରବୀର, ଗୋଲାପ, ତମାଳ ଏମିତି କେତେ ପ୍ରକାରର ଫୁଲ। ସାତରଙ୍ଗ ସାଙ୍ଗକୁ ମନମତାଣିଆ ଗନ୍ଧ ସେମାନଙ୍କର। ସେ ବଗିଚାଟା ଠିକ୍ ପପୁର ପଢ଼ାଘର ପାଖକୁ ଅଛି। ଝରକା ଖୋଲିଦେଲେ





ପବନ ଦେବତା ବହି ଆଣୁଛନ୍ତି ବାସ୍ନାକୁ। ଏମିତି ଏକ ସ୍ୱର୍ଗୀୟ ପରିବେଶରେ ସରସ୍ୱତୀ ଓ ଗଣପତି ଉଭୟ ଦେବାଦେବୀ ପପୁ ପଢ଼ାଘରେ ପହଂଚି ନଯିବେ କାହିଁକି ? ଆଉଗୋଟେ କଥା ହେଲା ପପୁ ପ୍ରତିଦିନ ଶ୍ରେଣୀରେ ମନଯୋଗ ଦେଇ ଗୁରୁ ଓ ଗୁରୁମା'ମାନଙ୍କର କଥା ଶୁଣେ। ସେଇଠି ତା'ର ସବୁ ମନେ ରହିଯାଏ। ତେଣୁ ସେ ପ୍ରତିବର୍ଷ ପରୀକ୍ଷାରେ ହରଗୌରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ହୁଏ। ତୃତୀୟରେ ବି ବୃତି ପାଇଛି। ପଂଚମରେ ତ ନିଶ୍ଚେ ପାଇବ। ତା'ର ପାଠ ସାଙ୍ଗକୁ ଭଲ ଗୀତ ହୁଏ। ପ୍ରଭୁଙ୍କ ଦୟାରୁ ତା'ର କଣ୍ଠଟା କୋଇଲି ପରି। ସେ ଗାଇଲେ ଗଛଲତା, ପଶୁପକ୍ଷୀ କାନ ଡେରନ୍ତି। ମଣିଷ କଥା କ'ଣ କହିବା ? ଜେଜୀମା ତା'ର ଖୁବ୍ ଧର୍ମପରାୟଣ ମହିଳା। ସେ ସକାଳ ସନ୍ଧ୍ୟାରେ ଦୁଇଘ□ା ପୂଜାପାଠ କରନ୍ତି। ସକାଳୁ ଅଗାଧୁଆରେ ଫୁଲ ତୋଳି ତା'ପରେ ଗାଧୋଇ ବୃନ୍ଦାବତୀ ଚଉରା ମୂଳେ ଫୁଲପାଣି ଦେଇ ସୂର୍ଯ୍ୟ ଦେବତାଙ୍କୁ ମୁଣ୍ଡିଆ ମାରିବା ପରେ ଅଁଳା ଗଛରେ ପାଣିଦେଇ ପିତୃପୁରୁଷଙ୍କୁ ପ୍ରଣାମ କରନ୍ତି। ତୁଳସୀ ଗଛରେ ପାଣି ଢାଳି ୭ଟି ପତ୍ର ଛିଣ୍ଡାଇ ଖାଆନ୍ତି ଆଉ ତା'ପରେ ପୂଜା, ମାଳାଜପ, ଏମିତି ଦୁଇଘଂଟା ପୂଜା ପରେ ସେ ଯାହା ମୁହଁରେ ଦିଅନ୍ତି। ତା'ର ପ୍ରଭାବ ପପୁ ଉପରେ ପଡ଼ିଛି। ସେ ତା' ପଢ଼ା ଘରେ ସରସ୍ୱତୀ, ଗଣେଶ, ହନୁମାନ, ଶଙ୍କର ଭଗବାନ ଏମିତି ଫଟୋଗୁଡ଼ିଏ ରଖି ଫୁଲ ଧୂପ ଦେଇ ଜଗତ ମଙ୍ଗଳ ନିମି□ ପ୍ରାର୍ଥନା କରେ। ସେଦିନ ଶନିବାର। ସନ୍ଧ୍ୟାବେଳକୁ ଗୋଟେ କାର୍ ଆଉ ଟ୍ରକ୍‌ରେ କିଛି ନୂଆ ଲୋକ ତାଙ୍କ ଘର ପାଖର ନନ୍ଦମଉସାଙ୍କ ଘରକୁ ଆସିଲେ। ଭଡ଼ାରେ ରହିବେ। ସହର ଭିତରେ ଶାସନ ସାହିଏ। ବହୁ ବ୍ରାହ୍ମଣ ପରିବାର ଏଠି ଅଛନ୍ତି। ସେ ବି ବ୍ରାହ୍ମଣ। ଏଣୁ ଏ ସାହିରେ ଘର ନେବାକୁ ପସନ୍ଦ କରିବାର ଏଇଟି ଏକ ମୁଖ୍ୟ କାରଣ। ପପୁ ରବିବାର ସକାଳୁ ଦେଖିଲା ତାଙ୍କ ବଗିଚାର ଫୁଲସବୁ ଉଭାନ। ତା'ର ଚିନ୍ତା ହେଲା ଜେଜୀମା' ଓ ସେ ଆଜି କିପରି ପୂଜା କରିବେ ? ପୁଣି ଫୁଲ ନେଲା କିଏ ? ଆଜିଯାଏ ତ ଏମିତି କେବେ ହୋଇନାହିଁ। ପପୁ ତ ରାତି ୫ଟାରୁ ଉଠି ପଢୁଛି। ଫୁଲ କିଏ ନେଲା ? ପପୁର ଜେଜୀମା' ମଧ୍ୟ ବଡ଼ବ୍ୟସ୍ତ ହେଲେ। ଆଙ୍କୁଡ଼ି ଲଗାଇ ସବା ଉପର ଡାଳରେ ଥିବା ଫୁଲ କେଇଟା ଆରି ପୂଜା କଲେ ସେ। ନାତିକୁ କହିଲେ, "ବାବୁରେ, ଏ ରହସ୍ୟର ସନ୍ଧାନ କର। ତୋର ପଢ଼ା ଘର ଝରକା ଖୋଲିଲେ ତ ବଗିଚାଟା ପରିଷ୍କାର ଦିଶେ। ଆଜି ଟିକେ ଶୀଘ୍ର ଉଠିବୁ। ଦେଖିବା ଫୁଲ କିଏ ନେଉଛି ? ପପୁ ସେଦିନ ୪ଟାରେ ଉଠିଥାଏ। ପଢ଼ାଘରର ଝରକା ଖୋଲି ଝରକା ପାଙ୍କରେ ଚାହିଁଥାଏ। ଚାନ୍ଦିନୀ ଆଲୁଅରେ ଦେଖିଲା ବୁଢ଼ାଜଣେ ବଗିଚାରେ ପଶି ଫୁଲ ତୋଳୁଛନ୍ତି। ପପୁ ତାଙ୍କ ପାଖକୁ ଧାଇଁଯାଇ ପଚାରିଲା, "ଆପଣ ବିନା ଅନୁମତିରେ ଏ ଭିତରକୁ ଆସିଲେ କିପରି ? ଯଦିବା ଆସିଲେ ସବୁ ଫୁଲ ତୋଳି ନେଉଛନ୍ତି କାହିଁକି ?" ବୁଢ଼ା ଜଣକ କହିଲେ, "ମୁଁ ଠାକୁର ପୂଜା କରିବି। ସେଥିପାଇଁ ଫୁଲ ନେଉଛି। ଆଉ ଫୁଲ ନେବା ପାଇଁ ଅନୁମତିର ଦରକାର କ'ଣ ?" ପପୁ କହିଲା, ଆପଣ କିନ୍ତୁ ଠିକ୍ କଲେ ନାହିଁ। କାହାରି ବିନା ଅନୁମତିରେ ବାଡ଼ିରେ ପଶିବା ଅନୁଚିତ। ପୁଣି ଗଛ ଲଣ୍ଡା କରି ତୋଳିବା ତ ଅତି ଖରାପ କଥା। ବୁଢ଼ାଜଣକ ବିରକ୍ତ ହୋଇ କହିଲେ, ମୁଁ ଠାକୁରଙ୍କୁ ଲାଗି କରିବା ପାଇଁ ଫୁଲ ଦିଟା ନେଲି ଯେ, ଏତେ କଥା ? ହଁ ଏ ଫୁଲତ ସେ ଈଶ୍ୱରଙ୍କର ଦାନ। ତା'ପରେ ରବିନାରାୟଣ ବ୍ରତ ହେତୁ ଫୁଲଦିଟା ଅଧିକ ନେଇଥିଲି। ପପୁ କହିଲା ଆପଣ ନିଜ ବାଡ଼ିରେ ଫୁଲଗଛ ଲଗାଇ ତା'ର ଯତ୍ନ ନେଇ ଫୁଲ ତୋଳନ୍ତୁ। ପରବାଡ଼ିରେ ପଶିବା ଦରକାର ନାହିଁ। ଗଛର ବି ଜୀବନ ଅଛି। ଦେବତାଙ୍କ ପୂଜା ପାଇଁ ନିହାତି ଯେତିକି ଦରକାର ସେତିକି ଛିଡ଼ାଇବା କଥା। ଠାକୁରଙ୍କୁ ଫୁଲରେ ପୋତି ପକାଇଲେ ଠାକୁର ତ ପ୍ରସନ୍ନ ହେବେନି ବରଂ ତାଙ୍କ ରୂପ ଦର୍ଶନରୁ ଆମେ ବଂଚିତ ହେବା। ପୁଣି ଗଛରେ ଫୁଲ ନରହିଲେ ଗଛ ଶୋଭା ପାଇବ ନାହିଁ। ଫୁଲ ଗଛଟା ଫୁଲ ବିହୀନ ଯାହା, ଫୁଲ ଫୁଟି ନଥିବା ଗଛ ତାହା। ବୁଢ଼ାଜଣକ ଟିକେ ଭାବି କହିଲେ, ହଁ, ପୁଅ ! ତୁ ଠିକ୍ କହିଛୁ। ମୁଁ କ'ଣ ଏତେ କଥା ଭାବିଥିଲି କି ? ଏଣିକି ମୁଁ ଅଳ୍ପ ଫୁଲ ତ ନେବି, ସେ ଅନୁମତି ମୋତେ ଦିଅ, ଆଉ ମାସେ ଭିତରେ ମୋ ପୁଅକୁ କହି ମୁଁ ବଗିଚାଟିଏ ନହେଲେ ବି ମାଟି କୁଣ୍ଡରେ ଫୁଲ ଗଛ କେଇଟା ଉତାରି ଦେବି ଯେ, ପୂଜାକୁ ହୋଇ ଘରର ସୌନ୍ଦର୍ଯ୍ୟ ବଢ଼ାଇ ପାରିବ। ପପୁ କହିଲା, ହଁ ଆପଣ ଏବେ ମାସେ ଖଣ୍ଡେ ଅଳ୍ପ ଫୁଲ ନିଅନ୍ତୁ। ମୋର ଆପତି ନାହିଁ। ବୁଢ଼ା ଓ ପପୁଙ୍କ କଥା ଜେଜିମା ଶୁଣୁଥିଲେ। ସେ କହିଲେ, ଆପଣ ଯେ ଏ କଥାଟି ବୁଝିଲେ ସେଥିରେ ଆମେ ଖୁସି। ଈଶ୍ୱର ଆପଣଙ୍କର ମଙ୍ଗଳ କରନ୍ତୁ।

# ହସ

କବିଗୁରୁ କୃଷ୍ଣଚନ୍ଦ୍ର ପଣ୍ଡା



ପାଖୁଡ଼ା ମେଲି ନରମ ଓଠେ  
ହସି ଦେଉଛି ପିଲା  
ସେହି ହସଟି ଖେଳାଇଦିଏ  
ମନେ ସରଗତାରା।  
ଚେନାଏ ହସ ଓଠରେ ଝରି  
ଚନ୍ଦ୍ର କିରଣ ବି□  
ସେହି ହସରେ ଦୁଃଖ ଓ କଷ୍ଟ  
ଚନ୍ଦନ ଲେପି ଘୁ□।  
ଛୋଟ ହସଟି ଘୋସାରି କରେ  
ପରକୁ ଆପଣାରେ  
ଯେଉଁ ହସରୁ ମାୟା ମମତା  
ପ୍ରୀତିର ଝର ଝରେ।  
ଛୋଟିଆ ହସ ପଚାରି ବୁଝେ  
କେମିତି ଅଛ ଭାଇ ?  
ବଦଳ ହସ ବୁଝାଇ ଦିଏ  
ଭଲରେ ଅଛି ରହି।  
ମୁହଁର ହସ ବଢ଼ାଇ ଥାଏ  
ସୌନ୍ଦର୍ଯ୍ୟଭରା ଜ୍ୟୋତି  
ହସ ସଂସାରେ ଏ ମଣିଷକୁ  
ଦିଅଇ ସୁଖଶାନ୍ତି।  
ସବୁରି ତୁଣ୍ଡେ ଫୁଟିଲେ ହସ  
ହିଂସା ରାଗ ଯାଏ ଦୂରେ  
ଏତିକି ଆଶା କର ପୂରଣ  
ପ୍ରଭୁଙ୍କୁ ବିନୟ କରେ।

**ମୁଖ୍ୟ ସମ୍ପାଦକ, ଅନ୍ୱେଷା ସାହିତ୍ୟ ସଂସଦ ବଇଁଚା, ଶେରଗଡ଼, ବାଲେଶ୍ୱର**

# କର୍ମର ମହତ୍ୱ

◆ ହେମନ୍ତ କୁମାର ସାହୁ



ଜଣେ ଶିଷ୍ୟ ସହ ଗୌତମ ବୁଦ୍ଧ ପ୍ରବଚନ ଦେବା ଲାଗି ଗୋଟିଏ ଗାଁକୁ ଗଲେ। ଶିଷ୍ୟଟି ଥିଲା ଚାଷୀ। ସେହି ଗାଁର ଅଧିକାଂଶ ବ୍ୟକ୍ତିଙ୍କ ବେଉସା ଚାଷ ହୋଇଥିବାରୁ ବୁଦ୍ଧ ଏପରି ଜଣେ ଶିଷ୍ୟ ସହ ଯିବାକୁ ବାଛିଥିଲେ। ଗାଁରେ ପହଂଚିବା ପରେ ଶିଷ୍ୟ ପ୍ରବଚନ ପାଇଁ ଆୟୋଜନ କଲା। ନିର୍ଦ୍ଧାରିତ ସମୟରେ ପ୍ରବଚନ ଆରମ୍ଭ ହେଲା। ଗାଁର ସବୁ ଲୋକ ଉପସ୍ଥିତ ଥିଲେ। ମାତ୍ର ତାଙ୍କ ଶିଷ୍ୟକୁ କେଉଁଠି ଦେଖିବାକୁ ମିଳୁନଥିଲା। ଉପସ୍ଥିତ ଅନ୍ୟମାନେ କହୁଥିଲେ ଏ ଶିଷ୍ୟ ଜଣକ କେମିତିକା କେଜାଣି। ପ୍ରବଚନ ଆୟୋଜନ କଲା; ଅଥଚ ନିଜେ ଉଭାନ। ପ୍ରବଚନ ସରିବା ପରେ ବୁଦ୍ଧ ଏକାକୀ ଆଶ୍ରମ ଫେରିଲେ। ରାତିରେ ଶିଷ୍ୟ ଫେରିବା ପରେ ବୁଦ୍ଧ ପଚାରିଲେ ପ୍ରବଚନ ସ୍ଥଳୀରୁ କୁଆଡ଼େ ଚାଲିଗଲ ? ଗାଁ ଲୋକେ ତୁମକୁ ଖୋଜୁଥିଲେ। ଶିଷ୍ୟ କହିଲା ପ୍ରବଚନ ପାଇଁ ସବୁ ବନ୍ଦୋବସ୍ତ ସରିବା ପରେ ମୁଁ ଘରକୁ ଚାଲିଗଲି। ମୋର ବଳଦଟି ଅସୁସ୍ଥ ଥିଲା। ଜଣେ ପଶୁ ଚିକିତ୍ସକଙ୍କ ନିକଟକୁ ନେବାକୁ ପଡ଼ିଲା। ବିଳମ୍ବ ହୋଇଥିଲେ ତା'ର ମୃତ୍ୟୁ ଘଟିଥାନ୍ତା। ଆପଣଙ୍କ ପ୍ରବଚନ ତ ମୁଁ ପରେ ଶୁଣିପାରିବି ପରଦିନ ସେହି ଗାଁର କିଛି ଲୋକ ବୁଦ୍ଧଙ୍କ ନିକଟକୁ ଆସିଲେ। ତାଙ୍କ ସହ ଯାଇଥିବା ଶିଷ୍ୟର ଦାୟିତ୍ୱହୀନତା ଓ ଦୁର୍ଗୁଣ ବଖାଣିଲେ। ପ୍ରକୃତ ଘଟଣା ସମ୍ପର୍କରେ ବୁଦ୍ଧ ସେମାନଙ୍କୁ ବୁଝାଇ କହିଲେ ଶିଷ୍ୟଟି ପ୍ରବଚନ ବଦଳରେ ନିଜ କର୍ମକୁ ମହତ୍ୱ ଦେଇଛି; ଯାହା ଗତକାଲି ମୋ ପ୍ରବଚନର ସାରତତ୍ୱ ଥିଲା। କେଉଁ କାର୍ଯ୍ୟ ପ୍ରଥମେ କରିବା ଜରୁରୀ, ଏଥିପାଇଁ ନିଜ ବିବେକ ଓ ବୁଦ୍ଧି ପ୍ରୟୋଗ କରିବା ଉଚିତ। ଶିଷ୍ୟଟି ପ୍ରବଚନ ଶୁଣିଥିଲେ ହୁଏ ତ ବଳଦଟିର ପ୍ରାଣ ଚାଲି ଯାଇଥାନ୍ତା। ମୋର ପ୍ରବଚନ ବ୍ୟର୍ଥ ହୋଇଥାନ୍ତା। ତେଣୁ ସବୁ କିଛି ତ୍ୟାଗ କର, ମାତ୍ର ପ୍ରାଣୀଙ୍କ ଜୀବନ ରକ୍ଷା କର। ଗାଁଲୋକେ ବୁଦ୍ଧଙ୍କ ପ୍ରବଚନର ସାର ବୁଝିପାରିଲେ। ଆମେ ଅନେକ ସମୟରେ କର୍ମର ଅନ୍ତର୍ନିହିତ ତାତ୍ପର୍ଯ୍ୟ ବୁଝିନଥାଉ। ଜୀବନରେ କର୍ମ ହିଁ ମାନବବାଦର ଶ୍ରେଷ୍ଠ ଧର୍ମ। ଜଣେ ନିଜ ପାଇଁ, ନିଜ ପରିବାର ପାଇଁ, ନିଜ କର୍ମ ସଂସ୍ଥାନ ପାଇଁ ସର୍ବୋପରି ସମାଜ ପାଇଁ ମଧ୍ୟ ତାର ଶ୍ରେଷ୍ଠ କର୍ମର ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ରହିଛି ଏହାକୁ ମନେରଖିବା ଉଚିତ।

*ଚାରୁ ଅନନ୍ତ ଭବନ, ସିଡିଏ, କଟକ, ଦୂରଭାଷ : ୯୭୭୮୧୫୩୯୪୬*

# ବୁଦ୍ଧି ପରୀକ୍ଷା

୧. ଦକ୍ଷିଣ ମେରୁରେ ପହଂଚିଥିବା ପ୍ରଥମ ବ୍ୟକ୍ତି କିଏ ?

୨. ଆଧୁନିକ ଇଟାଲୀର ଜନକ କାହାକୁ କୁହାଯାଏ ?

୩. ବିଶ୍ୱ ସାକ୍ଷରତା ଦିବସ କେବେ ପାଳିତ ହୁଏ ?

୪. ମଧ୍ୟରାତ୍ରି ସୂର୍ଯ୍ୟର ଦେଶ ବୋଲି କିଏ ପରିଚିତ ?

୫. ବିଶ୍ୱର ଛାତ ବୋଲି କାହାକୁ କୁହାଯାଏ ?

୬. ଚୀନ୍ ଗଣତନ୍ତ୍ରର ପ୍ରତିଷ୍ଠାତା କିଏ ?

୭. ନୋବେଲ୍ ପୁରସ୍କାର ପାଇଥିବା ପ୍ରଥମ ପାକିସ୍ତାନୀ ବ୍ୟକ୍ତି କିଏ ?

୮. ବ୍ରିଟେନ୍‌ର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ କିଏ ?

୯. ମିଳିତ ଜାତିସଂଘର ପ୍ରଥମ ସଚିବ କିଏ ହୋଇଥିଲେ ?


୧୦. 'ଷ୍ଟାଚ୍ୟୁ ଅଫ୍ ଲିବର୍ଟି' କିଏ ନିର୍ମାଣ କରିଥିଲେ ?

### ଉତର

୧. କ୍ୟାପ୍‌ଟେନ୍ ରୋନାଲ୍ଡ ଆମଣ୍ଡସନ, ୨. ଗାରିବାଲଡି, ୩. ସେପ୍ଟେମ୍ବର ମାସ ୮ତାରିଖ, ୪. ନରୱେ, ୫. ତିବ୍ବତ, ୬. ସନ୍‌ୟାତ ସେନ୍, ୭. ଅବଦୁଲ୍ ସଲାମ, ୮. ମାର୍ଗାରେଟ ଥାଚର, ୯. ଟ୍ରିଗ୍‌ଭଲି, ୧୦.ଫ୍ରେଡେରିକ୍ ଅଗଷ୍ଟ ବାର୍ଥୋଲଡି।

+++


# ହସକଥା



ରୀନା ତା' ଜାତକ ନେଇ ଜ୍ୟୋତିଷଙ୍କ ପାଖକୁ ଗଲା।  
ରୀନା : ବାବା, ଆଶୀର୍ବାଦ କରନ୍ତୁ ଯେ ମୋ ବାହାଘର ବୁଝିଲା ସୁଝିଲା ପିଲା ସହ ହୋଇଯାଉ।  
ଜ୍ୟୋତିଷ : ମା'ରେ ଏ କଥା ସମ୍ଭବ ନୁହେଁ। ବୁଝିଲା ସୁଝିଲା ପିଲା ବିବାହ ପାଇଁ ଶୀଘ୍ର ରାଜି ହେବେନି।

# ପିଏମ୍ ସ୍ୱନିଧି: କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ସଶକ୍ତିକରଣ ଓ ଆର୍ଥିକ ସ୍ୱାବଲମ୍ବନର ନୂଆ ଦିଗ

ଭାରତରେ ସହରୀକରଣ ପ୍ରକ୍ରିୟା ଅତି ଦ୍ରୁତ ଗତିରେ ଆଗେଇ ଚାଲିଛି । ଏକ ଆକଳନ ଅନୁଯାୟୀ, ୨୦୫୦ ମସିହା ସୁଦ୍ଧା ଦେଶର ପ୍ରାୟ ୫୦ ପ୍ରତିଶତ ଜନସଂଖ୍ୟା ସହରାଂଚଳରେ ବାସ କରିବେ । ବର୍ତ୍ତମାନ ସମୟରେ, ସହରୀ କାର୍ଯ୍ୟବଳର ପ୍ରାୟ ୬୬ ପ୍ରତିଶତ ଲୋକ ଅଣସଂଗଠିତ କ୍ଷେତ୍ରରେ ନିୟୋଜିତ ଅଛନ୍ତି, ଯାହା ସହରୀ ଅର୍ଥନୀତିର ଏକ ପ୍ରମୁଖ ସ୍ତମ୍ଭ ସଦୃଶ । ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କ ମଧ୍ୟରେ ଷ୍ଟ୍ରିଟ୍ ଭେଣ୍ଡର ବା ରାସ୍ତାକଡ଼ର ବ୍ୟବସାୟୀମାନେ ଏକ ବିଶେଷ ଭୂମିକା ଗ୍ରହଣ କରିଛନ୍ତି । ଫଳ, ପନିପରିବା, ଚା', ଜଳଖିଆ, ପୋଷାକ ଏବଂ ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ବିକ୍ରି କରୁଥିବା ଏହି ଲକ୍ଷ ଲକ୍ଷ ବ୍ୟବସାୟୀ କେବଳ ଯେ ନାଗରିକମାନଙ୍କ ଜୀବନଯାତ୍ରାକୁ ସହଜ କରୁଛନ୍ତି ତାହା ନୁହେଁ, ବରଂ ସହରୀ ଅର୍ଥନୀତିକୁ ମଧ୍ୟ ସମୃଦ୍ଧ କରିବାରେ ବହୁଳ ମାତ୍ରାରେ ସହଯୋଗ କରୁଛନ୍ତି । ସେମାନଙ୍କର ଏଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ସତ୍ତ୍ୱେ, ରାସ୍ତାକଡ଼ର ଏହି ବିକ୍ରେତାମାନେ ପାରମ୍ପରିକ ଭାବରେ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ବ୍ୟାଙ୍କିଙ୍ଗ ଏବଂ ଋଣ ସୁବିଧାର ସୀମିତ ପ୍ରବେଶ ସୁଯୋଗ ପାଇଥିଲେ । କ୍ରେଡିଟ୍ ଇତିହାସର ଅନୁପସ୍ଥିତିରେ ସେମାନେ ପ୍ରାୟତଃ ଉଚ୍ଚ ସୁଧ ହାରରେ ଆର୍ଥିକ ଅନୌପଚାରିକ ଉତ୍ସ ଉପରେ ନିର୍ଭରଶୀଳ ଥିଲେ, ଯାହା ଫଳରେ ସେମାନଙ୍କ ଉପାର୍ଜନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଋଣ ପରିଶୋଧରେ ହିଁ ବ୍ୟୟ ହେଉଥିଲା । ୨୦୨୦ ମସିହାରେ କୋଭିଡ୍-୧୯ ବୈଶ୍ୱିକ ମହାମାରୀ ସେମାନଙ୍କର ଚ୍ୟାଲେଞ୍ଜକୁ ଆହୁରି ତୀବ୍ର କରିଦେଇଥିଲା, ଯାହା ସେମାନଙ୍କ ବ୍ୟବସାୟକୁ ଗୁରୁତର ଭାବରେ ପ୍ରଭାବିତ କରିଥିଲା । ଏହି ଅଭୂତପୂର୍ବ ଅସୁବିଧାର ସ୍ଥାୟୀ ସମାଧାନ ନିମନ୍ତେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ପଥପାର୍ଶ୍ୱ ବିକ୍ରେତାଙ୍କ ଆତ୍ମନିର୍ଭର ନିଧି (ପି.ଏମ.-ସ୍ୱନିଧି) ଯୋଜନା ୨୦୨୦ ମସିହା ଜୁନ୍ ମାସରେ ଆରମ୍ଭ କରାଯାଇଥିଲା । ଏହା ଷ୍ଟ୍ରିଟ୍ ବିକ୍ରେତାଙ୍କ ପାଇଁ ଭାରତର ପ୍ରଥମ ବ୍ୟାପକ କ୍ଷୁଦ୍ର- ଋଣ ଯୋଜନା, ଯାହା ସେମାନଙ୍କୁ ପ୍ରଥମ ଥର ପାଇଁ ଆନୁଷ୍ଠାନିକ ଆର୍ଥିକ ସୁବିଧା ନିମନ୍ତେ ସରଳ, ମର୍ଯ୍ୟାଦାପୂର୍ଣ୍ଣ ଏବଂ ସଂସ୍ଥାଗତ ପ୍ରବେଶର ସୁଯୋଗ ପ୍ରଦାନ କରିଥିଲା । ଏହି ଯୋଜନା ଅଧୀନରେ, ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ୧୫,୦୦୦ ଟଙ୍କା, ୨୫,୦୦୦ ଟଙ୍କା ଏବଂ ୫୦,୦୦୦ ଟଙ୍କା ତିନୋଟି ପର୍ଯ୍ୟାୟରେ କୋଲାଟରାଲ -ମୁକ୍ତ କାର୍ଯ୍ୟକାରୀ ପୁଞ୍ଜି ଋଣ ପ୍ରଦାନ କରନ୍ତି । ସମୟାନୁସାରେ ପରିଶୋଧକୁ ଉତ୍ସାହିତ କରିବା ନିମନ୍ତେ, ସମୟାନୁସାରେ ସେମାନଙ୍କର ଋଣ ପରିଶୋଧ କରୁଥିବା ହିତାଧିକାରୀମାନେ ୭% ସୁଧ ସବସିଡି ମଧ୍ୟ ପାଇଥାଆନ୍ତି । ଗତ ଛଅ ବର୍ଷ ମଧ୍ୟରେ, ପି.ଏମ.-ସ୍ୱନିଧି ଯୋଜନା ପ୍ରାୟ ୭୬ ଲକ୍ଷ ଷ୍ଟ୍ରିଟ୍ ବିକ୍ରେତାଙ୍କୁ ଏଭଳି ଲାଭ ପ୍ରଦାନ କରିଆସୁଛି ଏବଂ ଏହାର ତିନୋଟି ଋଣ ଚକ୍ରରେ ଏବେ ସୁଦ୍ଧା ୧୭,୮୦୦ କୋଟି ଟଙ୍କାରୁ ଅଧିକ ଋଣ ପ୍ରଦାନ କରାଯାଇ ପାରିଛି । ପରିବର୍ତ୍ତିତ ବିଶ୍ୱ ପରିସ୍ଥିତି ଏବଂ ଆର୍ଥିକ ବାଧା ମଧ୍ୟରେ ଭାରତୀୟ ପଥପାର୍ଶ୍ୱ ବିକ୍ରେତାମାନେ ସେମାନଙ୍କର ସ୍ଥିରତା ଏବଂ ଦୃଢ଼ତା ପାଇଁ ଜଣାଶୁଣା । ପି.ଏମ.- ସ୍ୱନିଧି ଯୋଜନା ସେମାନଙ୍କ ଉଦ୍ୟୋଗୀ ମନୋଭାବରେ ନୂତନ ଶକ୍ତି ପ୍ରଦାନ କରିବାରେ ସକ୍ଷମ ହୋଇପାରିଛି । ଏହି ଯୋଜନା କେବଳ ଋଣ ପ୍ରଦାନ କରିବାଠାରୁ ଢେର୍ ଆଗକୁ ବଢ଼ିଛି; ଏହା ମର୍ଯ୍ୟାଦା, ସ୍ୱୀକୃତି ଏବଂ ନୂତନ ସୁଯୋଗ ପାଇଁ ଏକ ଶକ୍ତିଶାଳୀ ମାଧ୍ୟମରେ ପରିଣତ ହୋଇଛି । ଏହି ଯୋଜନାର ସଫଳତା ପଛରେ ଏକ ପ୍ରମୁଖ କାରଣ ହେଉଛି 'ସମ୍ପୂର୍ଣ୍ଣ ସରକାରୀ ଆଭିମୁଖ୍ୟ', ଯାହା କେନ୍ଦ୍ର ସରକାର, ରାଜ୍ୟ ସରକାର, ସହରାଂଚଳ ସ୍ଥାନୀୟ ସଂସ୍ଥା ଏବଂ ବ୍ୟାଙ୍କିଙ୍ଗ୍ ପ୍ରତିଷ୍ଠାନଗୁଡ଼ିକର ସମନ୍ୱିତ ପ୍ରୟାସକୁ ଏକତ୍ରିତ କରିଛି । ଏହି ସହଯୋଗୀ ଢାଂଚା ପି.ଏମ. ସ୍ୱନିଧି ଯୋଜନାକୁ ସାରା ଦେଶରେ ଅଭୂତପୂର୍ବ ପହଂଚ ଏବଂ ଉଲ୍ଲେଖନୀୟ ଫଳାଫଳ ହାସଲ କରିବାରେ ସକ୍ଷମ କରିଛି । ପି.ଏମ.- ସ୍ୱନିଧି ଯୋଜନା ଅଧୀନରେ, ଲକ୍ଷ ଲକ୍ଷ ରାସ୍ତାକଡ଼ର ବିକ୍ରେତାଙ୍କ ବ୍ୟାଙ୍କ୍ ଆକାଉଂଟ ସକ୍ରିୟ ହୋଇଥିଲା, ସେମାନଙ୍କର ଆର୍ଥିକ କାରବାର ରେକର୍ଡ ହେବା ଆରମ୍ଭ ହୋଇଥିଲା ଏବଂ ପ୍ରଥମ ଥର ପାଇଁ, ସେମାନଙ୍କ ନିମନ୍ତେ ଏକ ଆନୁଷ୍ଠାନିକ କ୍ରେଡିଟ୍ ପରମ୍ପରା ପ୍ରତିଷ୍ଠା କରାଯାଇଥିଲା । ଏହା ଭବିଷ୍ୟତରେ ସେମାନଙ୍କ ପାଇଁ ବଡ଼ ଋଣ ଏବଂ ଅନ୍ୟାନ୍ୟ ଆର୍ଥିକ ସେବା ପାଇବା ପ୍ରକ୍ରିୟାକୁ ସହଜ କରିଥିଲା ଏବଂ ଆଜି ସେମାନେ ସମ୍ମାନିତ ବ୍ୟାଙ୍କ୍ ଗ୍ରାହକ ଏବଂ ଉଦ୍ୟୋଗୀ ଭାବରେ ସର୍ବ ସମକ୍ଷରେ ଉଭା ହୋଇଛନ୍ତି । ଏହି ଯୋଜନାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଡିଜିଟାଲ ସଶକ୍ତିକରଣ । ୟୁ.ପି.ଆଇ. ଏବଂ କ୍ୟୁ.ଆର. କୋଡ୍- ଆଧାରିତ ଡିଜିଟାଲ ପେମେଂଟକୁ ପ୍ରୋତ୍ସାହିତ କରିବା ପାଇଁ କ୍ୟାସବ୍ୟାକ ପ୍ରୋତ୍ସାହନ ପ୍ରଚଳନ କରାଯାଇଛି । ଏହି ପଦକ୍ଷେପ ମାଧ୍ୟମରେ, ୫୫ ଲକ୍ଷରୁ ଅଧିକ ବିକ୍ରେତାଙ୍କୁ ଡିଜିଟାଲ ଅର୍ଥନୀତିରେ ସମାଯୋଜିତ କରାଯାଇଛି, ଯାହା ସେମାନଙ୍କର ବ୍ୟାବସାୟିକ କାରବାରକୁ ଅଧିକ ସ୍ୱଚ୍ଛ କରିଛି ଏବଂ ସେମାନଙ୍କର ଆର୍ଥିକ ବିଶ୍ୱସନୀୟତାକୁ ମଧ୍ୟ ମଜଭୁତ କରିପାରିଛି । ଏହି ଯୋଜନାର ଦୃଷ୍ଟିକୋଣ ବ୍ୟବସାୟିକ ସହାୟତାଠାରୁ ଅଧିକ ବିସ୍ତାରିତ । 'ସ୍ୱନିଧି ସେ ସମୃଦ୍ଧି ତକ୍' ପଦକ୍ଷେପ ମାଧ୍ୟମରେ, ହିତାଧିକାରୀ ଏବଂ ସେମାନଙ୍କ ପରିବାର ଭାରତ ସରକାରଙ୍କ ଆଠ ଗୋଟି ପ୍ରମୁଖ କଲ୍ୟାଣକାରୀ ଯୋଜନା ସହିତ ଯୋଡ଼ି ହୋଇଛନ୍ତି । ଏପର୍ଯ୍ୟନ୍ତ ୫୦ ଲକ୍ଷରୁ ଅଧିକ ପଥପାର୍ଶ୍ୱ ବିକ୍ରେତା ପରିବାରଙ୍କ ପ୍ରୋଫାଇଲ୍ କରାଯାଇଛି ଏବଂ ଏହି ଯୋଜନାଗୁଡ଼ିକ ଅଧୀନରେ ୧.୫୨ କୋଟିରୁ ଅଧିକ ଟଙ୍କାର ଲାଭ ମଞ୍ଜୁର କରାଯାଇଛି । ପେନସନ, ବୀମା, ସ୍ୱାସ୍ଥ୍ୟ ସେବା ଏବଂ ସାମାଜିକ ସୁରକ୍ଷା ଲାଭ ପାଇବାକୁ ସହଜ କରି, ଏହି ପଦକ୍ଷେପ ପଥପାର୍ଶ୍ୱ ବିକ୍ରେତା ଏବଂ ସେମାନଙ୍କ ପରିବାର ପାଇଁ ଏକ ବ୍ୟାପକ ସାମାଜିକ ସୁରକ୍ଷା ବ୍ୟବସ୍ଥା ଭାବରେ ଉଭା ହୋଇଛି । ଏହା ବ୍ୟତୀତ, ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫ.ଏସ.ଏସ.ଏ.ଆଇ) ସହ ମିଳିତ ସହଯୋଗରେ ଖାଦ୍ୟ ସୁରକ୍ଷା ଏବଂ ସ୍ୱଚ୍ଛତା ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇପାରିଛି । ଏହା ବିଶେଷ କରି ଖାଦ୍ୟ ବିକ୍ରି କରୁଥିବା ଷ୍ଟ୍ରିଟ୍ ଭେଣ୍ଡରମାନଙ୍କୁ ଗୁଣାତ୍ମକ ମାନ, ସ୍ୱଚ୍ଛତା ଅଭ୍ୟାସ ଏବଂ ଗ୍ରାହକଙ୍କ ଆସ୍ଥା ବୃଦ୍ଧି କରିବାରେ ବେଶ୍ ସହାୟକ ହୋଇଛି । ଏହି ଯୋଜନା ମହିଳା ସଶକ୍ତିକରଣରେ ମଧ୍ୟ ଏକ ଉଲ୍ଲେଖନୀୟ ଅବଦାନ ଦେଇଛି । ସମସ୍ତ ହିତାଧିକାରୀଙ୍କ ମଧ୍ୟରୁ ମହିଳାମାନଙ୍କ ସଂଖ୍ୟା ପ୍ରାୟ ୪୬% । ଫଳସ୍ୱରୂପ, ସେମାନଙ୍କର ଆୟ ସ୍ତର, ସାମାଜିକ ସ୍ଥିତି ଏବଂ ପରିବାର ନିଷ୍ପତ୍ତି ଗ୍ରହଣରେ ଅଂଶଗ୍ରହଣରେ ଉଲ୍ଲେଖନୀୟ ଉନ୍ନତି ଘଟିଛି । ୨୦୨୩ ମସିହା ଠାରୁ ୨୦୨୫ ମସିହା ପର୍ଯ୍ୟନ୍ତ କରାଯାଇଥିବା ସ୍ୱାଧୀନ ପ୍ରଭାବ ମୂଲ୍ୟାଙ୍କନ ଯୋଜନାର ସୁଦୂରପ୍ରସାରୀ ପ୍ରଭାବକୁ ଆହୁରି ବୈଧ କରିଛି । ପ୍ରାୟ ୯୫% ହିତାଧିକାରୀ ସେମାନଙ୍କ ଜୀବନରେ ପ୍ରଥମ ଥର ପାଇଁ ଆନୁଷ୍ଠାନିକ ଋଣ ପାଇଥିଲେ, ଯାହା ଆର୍ଥିକ ଅନ୍ତର୍ଭୁକ୍ତି କରଣରେ ଏକ ଐତିହାସିକ ସଫଳତା । ଏହା ବ୍ୟତୀତ, ପ୍ରାୟ ୩୦% ହିତାଧିକାରୀ ପରବର୍ତ୍ତୀ ସମୟରେ ଅନ୍ୟ ଆନୁଷ୍ଠାନିକ ଆର୍ଥିକ ପ୍ରତିଷ୍ଠାନରୁ ଋଣ ପାଇବାରେ ସଫଳ ହୋଇଥିଲେ, ଯାହା ବର୍ଦ୍ଧିତ ଆର୍ଥିକ ଆତ୍ମବିଶ୍ୱାସ ଏବଂ ଦୃଢ଼ କ୍ରେଡିଟ୍ ପ୍ରୋଫାଇଲକୁ ପ୍ରତିଫଳିତ କରେ । ହିତାଧିକାରୀମାନେ ସେମାନଙ୍କ ଆୟରେ ପ୍ରାୟ ୨୦% ହାରାହାରି ବାର୍ଷିକ ବୃଦ୍ଧି ଘଟିଥିବା ରିପୋର୍ଟ କରିଛନ୍ତି । ବାସସ୍ଥାନର ସ୍ଥିତି, ପୁଷ୍ଟିସାର ଯୁକ୍ତ ଖାଦ୍ୟ, ସ୍ୱାସ୍ଥ୍ୟସେବା ଉପଲବ୍ଧତା ଏବଂ ସେମାନଙ୍କ ପିଲାମାନଙ୍କ ଶିକ୍ଷାରେ ମଧ୍ୟ ଉନ୍ନତି ପରିଲକ୍ଷିତ ହୋଇଛି । ୨୦୨୩ ଠାରୁ ୨୦୨୫ ମଧ୍ୟରେ, ହିତାଧିକାରୀଙ୍କ ମଧ୍ୟରେ ୟୁ.ପି.ଆଇ.- ଆଧାରିତ କାରବାରର ବ୍ୟବହାର ପ୍ରାୟ ୪୫% ରୁ ୮୩% ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଯୋଜନାର ବ୍ୟାପକ ଏବଂ ସକାରାତ୍ମକ ପ୍ରଭାବକୁ ସ୍ୱୀକାର କରି, କେନ୍ଦ୍ର କ୍ୟାବିନେଟ୍ ୨୦୨୫ ମସିହା ଅଗଷ୍ଟ ମାସରେ, ପୁନଃଗଠିତ ଆକାରରେ ମାର୍ଚ୍ଚ ୨୦୩୦ ପର୍ଯ୍ୟନ୍ତ ଏହାର ଅବଧି ବୃଦ୍ଧିକୁ ଅନୁମୋଦନ ପ୍ରଦାନ କରିଛନ୍ତି । ପୁନଃ-ସଂଶୋଧିତ ଯୋଜନା ଅନ୍ତର୍ଗତ, ରାସ୍ତାକଡ଼ ବିକ୍ରେତାମାନଙ୍କ ପାଇଁ ଋଣ ସୀମା ବୃଦ୍ଧି କରାଯାଇଛି ଏବଂ ଏହାର ପରିସରକୁ ସହରାଂଚଳ ସ୍ଥାନୀୟ ସଂସ୍ଥା ବାହାରେ ବିସ୍ତାରିତ କରାଯାଇଛି ଯାହା ଦ୍ୱାରା ସହର ଏବଂ ଆଖପାଖ ସହରାଂଚଳର ଜନସଂଖ୍ୟାକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇ ପାରିବ । ବିକ୍ରେତାମାନଙ୍କୁ ଆର୍ଥିକ ଆବଶ୍ୟକତା ଅନୁଯାୟୀ ସେମାନଙ୍କର ଉଦ୍ୟୋଗଗୁଡ଼ିକୁ ସୁଦୃଢ଼ ଏବଂ ଅନୁକୂଳ କରିବାରେ ସହାୟକ ହେବା ନିମନ୍ତେ କ୍ଷମତା ନିର୍ମାଣ ଉପରେ ମଧ୍ୟ ଅଧିକ ଗୁରୁତ୍ୱ ଦିଆଯାଉଛି । ଏହି ଦିଗରେ, ସ୍ୱନିଧି କ୍ରେଡିଟ୍ କାର୍ଡ ପ୍ରଚଳନ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି କାର୍ଡ ବିକ୍ରେତାମାନଙ୍କୁ ତୁରନ୍ତ ଆର୍ଥିକ ଏବଂ ବ୍ୟକ୍ତିଗତ ଆବଶ୍ୟକତା ପୂରଣ କରିବା ପାଇଁ ସ୍ୱଳ୍ପକାଳୀନ, ସୁଧମୁକ୍ତ ଋଣ ପ୍ରଦାନ କରୁଛି । ପି.ଏମ. ସ୍ୱନିଧି ଯୋଜନା ରାସ୍ତାକଡ଼ ବିକ୍ରେତାଙ୍କ ଆର୍ଥିକ ସଶକ୍ତିକରଣକୁ ଉଲ୍ଲେଖନୀୟ ଭାବରେ ଅଗ୍ରଗତି କରିଥିବା ବେଳେ, ସେମାନଙ୍କ ମଧ୍ୟରୁ ଅନେକଙ୍କୁ ସହରାଂଚଳ ଯୋଜନା ଢାଂଚାର ଏକ ଅବିଚ୍ଛେଦ୍ୟ ଅଂଶ ଭାବରେ ପର୍ଯ୍ୟାପ୍ତ ମାତ୍ରାରେ ସ୍ୱୀକୃତି ପ୍ରଦାନ କରାଯାଇନାହିଁ । ସେମାନେ ନିର୍ଦ୍ଦିଷ୍ଟ ଭେଣ୍ଡିଂ ସ୍ଥାନର ଅଭାବ ପରି ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି । ସଂଗଠିତ ଭେଣ୍ଡିଂ ଜୋନର ଅନୁପସ୍ଥିତି ସେମାନଙ୍କର ଜୀବିକା ଏବଂ ଗ୍ରାହକଙ୍କ ସୁଗମତା ଉଭୟକୁ ପ୍ରଭାବିତ କରେ । ଏହି ଚ୍ୟାଲେଞ୍ଜର ମୁକାବିଲା କରିବା ନିମନ୍ତେ, ରାଜ୍ୟ ସରକାର ଏବଂ ସହରାଂଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ଆଗାମୀ ବର୍ଷଗୁଡ଼ିକରେ ସହରାଂଚଳ ଯୋଜନା ଢାଂଚାରେ ପଥପାର୍ଶ୍ୱ ବିକ୍ରେତାମାନଙ୍କୁ ଏକୀକୃତ କରିବା ଦିଗରେ କାର୍ଯ୍ୟ କରିବା ଉଚିତ । ଏହି କ୍ଷେତ୍ରରେ ଏକ ପ୍ରତିଶ୍ରୁତିବଦ୍ଧ ପଦକ୍ଷେପ ହେଉଛି ଷ୍ଟ୍ରିଟ୍ ଫୁଡ୍ ହବର ବିକାଶ, ଯାହା ବିକ୍ରେତାମାନଙ୍କୁ ସଂଗଠିତ ଏବଂ ସୁଗମ ବ୍ୟବସାୟିକ ସ୍ଥାନ ପ୍ରଦାନ କରିବ । ଏପରି ପ୍ରୟାସ କେବଳ ସେମାନଙ୍କର ଜୀବିକାକୁ ସୁଦୃଢ଼ କରିବ ନାହିଁ ବରଂ ସ୍ୱଚ୍ଛ, ଅଧିକ ସଂଗଠିତ ଏବଂ ଅଧିକ ସ୍ପନ୍ଦନଶୀଳ ସହରାଂଚଳ ପରିବେଶରେ ମଧ୍ୟ ଯୋଗଦାନ ଦେବ । ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା ତୃଣମୂଳ ସ୍ତରରେ ଆତ୍ମନିର୍ଭର ଭାରତ ଏବଂ ଭୋକାଲ୍ ଫର୍ ଲୋକାଲର ଦୃଷ୍ଟିକୋଣକୁ ପ୍ରତିପାଦିତ କରେ । ଏହାର ସଫଳତା ଦର୍ଶାଏ ଯେ ସମାବେଶୀ ବିକାଶର ଲାଭ ସମାଜର ସବୁଠାରୁ ଦୁର୍ବଳ ବର୍ଗଙ୍କ ନିକଟରେ ପହଂଚୁଛି । ଏହି ଯୋଜନା ପଥପାର୍ଶ୍ୱ ବିକ୍ରେତାମାନଙ୍କ ପାଇଁ ଆର୍ଥିକ ସମାଯୋଜନ ଏବଂ ସାମାଜିକ ସୁରକ୍ଷାର ଏକ ପ୍ରଭାବଶାଳୀ ମଡେଲ୍ ପ୍ରତିଷ୍ଠା କରିଛି । ଆଶା କରାଯାଉଛି ଯେ ଆଗାମୀ ବର୍ଷମାନଙ୍କରେ, ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା ଲକ୍ଷ ଲକ୍ଷ ବିକ୍ରେତାଙ୍କୁ ସଶକ୍ତ କରିବ, ପରିବର୍ତ୍ତନର ନୂତନ କାହାଣୀ ସୃଷ୍ଟି କରିବ ଏବଂ ଏକ ବିକଶିତ ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଜାରି ରଖିବେ ।



ଶ୍ରୀ ମନୋହର ଲାଲ

***(ଲେଖକ କେନ୍ଦ୍ର ସରକାରରେ ଆବାସ ଏବଂ ସହରାଂଚଳ ବ୍ୟାପାର ମନ୍ତ୍ରୀ ଭାବରେ ଅବସ୍ଥାପିତ)***

# କେସି କ୍ଲବ୍ ଆନୁକୂଲ୍ୟରେ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ



ନୟାଗଡ଼(ନିପ୍ର): ନୟାଗଡ଼ ଜିଲ୍ଲାର ଅଗ୍ରଣୀ ତଥା ସର୍ବପୁରାତନ ସାମାଜିକ ଅନୁଷ୍ଠାନ 'କେସି କ୍ଲବ୍' ପରିସରରେ ଏକ ମେଗା ମାଗଣା ସ୍ୱାସ୍ଥ୍ୟ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ରାଜ୍ୟର କେତେକ ପ୍ରତିଷ୍ଠିତ ଓ ସୁନାମଧନ୍ୟ ବିଶେଷଜ୍ଞ ଡାକ୍ତର ଯୋଗଦେଇ ରୋଗୀମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା ଓ ପରାମର୍ଶ ସେବା ଯୋଗାଇ ଦେଇଥିଲେ । ଶିବିରରେ ଭୁବନେଶ୍ୱରର ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ଡା. ଶ୍ରୀତମ ଆଚାର୍ଯ୍ୟ, ସ୍ନାୟୁଶଲ୍ୟ ବିଶେଷଜ୍ଞ ଡା. ସତ୍ୟବ୍ରତ ସାହୁ, ମୂତ୍ରରୋଗ ବିଶେଷଜ୍ଞ ଡା. ଆଦିତ୍ୟନନ୍ଦ ମହାପାତ୍ର ଏବଂ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ପୁରୁଷୋତମ ସ୍ୱାଇଁ ପ୍ରମୁଖ ଯୋଗଦେଇ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକୀୟ ଡାକ୍ତରୀ ପରାମର୍ଶ ଦେଇଥିଲେ । ଏଥି ସହ ରୋଗୀ ମାନଙ୍କର ମାଗଣାରେ ରକ୍ତ ଶର୍କରା ଏବଂ ଇସିଜି ପରୀକ୍ଷା ମଧ୍ୟ କରାଯାଇଥିଲା । କେସି କ୍ଲବ୍‌ର ସଭାପତି ଭାଗିରଥି ଦାସ ଓ ସମ୍ପାଦକ ସଂଗ୍ରାମ କେଶରୀ ଗୁମାନସିଂହଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ସ୍ଥାନୀୟ ଅଂଚଳର ମୋଟ ୧୧୫ ଜଣ ରୋଗୀ ଉପସ୍ଥିତ ରହି ସେବା ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ କ୍ଲବ୍‌ର ଉପସଭାପତି ଭବାନୀ ଶଙ୍କର ଦାସ, ସହ ସମ୍ପାଦକ ଚନ୍ଦନ ମହାପାତ୍ର, କୋଷାଧ୍ୟକ୍ଷ ଶାରଦା ପ୍ରସାଦ ମହାପାତ୍ରଙ୍କ ସମେତ ବରିଷ୍ଠ ସାମ୍ବାଦିକ ତଥା କ୍ଲବ୍ ସଦସ୍ୟ ରାମକୃଷ୍ଣ ରଥ, ସନ୍ତୋଷ ପଟ୍ଟନାୟକ, ପୂର୍ଣ୍ଣେନ୍ଦୁ ମାନସିଂହ, ଉମାଶଙ୍କର ମିଶ୍ର, ଦେବୀପ୍ରସାଦ ସାହୁ ଓ ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । କେସି କ୍ଲବ୍ ?ର ଏଭଳି ଜନହିତକର ଓ ଅଭିନବ ପ୍ରୟାସକୁ ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ଉଚ୍ଚ ପ୍ରଶଂସା କରାଯାଇଛି ।

# ବରିଷ୍ଠ ବିଜେଡି ନେତାଙ୍କ ପରଲୋକରେ ଶୋକର ଛାୟା

ସୋର(ନିପ୍ର): ସୋରର ବରିଷ୍ଠ ବିଜେଡ଼ି ନେତା ଡାକ୍ତର ପ୍ରଭାତ କୁମାର ଚକ୍ରବର୍ତ୍ତୀଙ୍କର ଆଜି ପୂର୍ବାହ୍ଣ ୧୦ଟା ସମୟରେ ହୃଦଘାତ କାରଣରୁ ତାଙ୍କୁ ବାଲେଶ୍ୱର ମେଡ଼ିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇ ଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା । ଖବର ପ୍ରସାରିତ ହେବା ପରେ ସୋର ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସେ ଅବସର ନେବା ପରେ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜନତା ଦଳ ଓ ପରବର୍ତ୍ତୀ ସମୟରେ ବିଜୁ ଜନତା ଦଳରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରି ଜୀବନର ଶେଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ସେ ବିଜେଡିରେ ସୋର ବ୍ଲକର ସଭାପତି ଭାବେ ୨ଥର ଦାୟିତ୍ୱ ଗ୍ରହଣ କରି କାର୍ଯ୍ୟ ତୁଲାଇଥିଲେ ଏବଂ ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭାବେ କାର୍ଯ୍ୟ କରିଥିଲେ । ଖବର ପାଇ ସୋର ବିଧାୟକ ମାଧବ ଧଡ଼ା, ବିଜେଡି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, କମଳାକାନ୍ତ ଘଡାଇ, ପ୍ରଦୀପ୍ତ ଦାଶ, ରବୀନ୍ଦ୍ର ବେହେରା, ସୁକାନ୍ତ ମିଶ୍ର, ଜିତେନ୍ଦ୍ର ଉପାଧ୍ୟାୟ, ମୁକ୍ତିକାନ୍ତ ମହାପାତ୍ର ତାଙ୍କ ବାସ ଭବନରେ ପହଂଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ରାତିରେ ତାଙ୍କ ମରଶରୀରକୁ ଶୋଭା ଯାତ୍ରାରେ ନିଆଯାଇ ସୋର ସ୍ୱର୍ଗଦ୍ୱାରରେ ଅନ୍ତକ ସତ୍କାର କରାଯାଇଛି । ତାଙ୍କର ତିନି ଝିଅ ଓ ଜ୍ୱାଇଁ ନାତି ନାତୁଣୀ ଉପସ୍ଥିତ ରହିଥିଲେ ।

# ୭ମାସ ପରେ ବସିଲା ଖଇରା ପଂଚାୟତ ସମିତି ବୈଠକ




ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସଭାଗୃହରେ ପଂଚାୟତ ସମିତିର ତ୍ରୟୋଦଶ ଅଧିବେସନ ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ ଅଧ୍ୟକ୍ଷା ଙ୍କ ପୌରହିତ୍ୟରେ ଆୟୋଜିତ ଏହି ବୈଠକରେ ପୂର୍ବପାଠର ଆଲୋଚନାରେ ୨ଘଂଟାରୁ ଉର୍ଦ୍ଧ ସମୟ ବିତିଥିଲା । ୨ମାସ ବ୍ୟବଧାନ ପରେ ବୈଠକ ବସିବାର ନିୟମ ଥିବା ବେଳେ ୭ମାସ ପରେ ବୈଠକ ବସିବାକୁ ନେଇ ରାଜେନ୍ଦ୍ର ପ୍ରସାଦ ଦାସଙ୍କ ସମେତ ବହୁ ଲୋକପ୍ରତିନିଧି ଉଦବେଗ ପ୍ରକାଶ କରିଥିଲେ । ସେହି ବିବରଣୀରେ ଲେଖାରେ ବହୁ ତୃଟି ଥିବା ନେଇ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ଓ ଜଳଦା ସମିତି ସଭ୍ୟ ରମାକାନ୍ତ ମହାନ୍ତି ଅସନ୍ତୋଷ ପ୍ରକାଶ କରିଥିଲେ । ଗ୍ରାଂଟ-ଇନ-ଏଡ ପାଣ୍ଠିରେ ନିର୍ମିତ ହେଉଥିବା ପ୍ରକଳ୍ପ ପାଇଁ ସମିତିସଭ୍ୟଙ୍କୁ ସୁଚନା ଦିଆଯାଉନଥିବା ନେଇ ରଟିଣା ସମିତିସଭ୍ୟ ଛବିଲତା ମହାପାତ୍ର ଅଭିଯୋଗ କରିଥିଲେ । ପାନୀୟ ଜଳ ଓ ପରିମଳ ପ୍ରସଙ୍ଗରେ ଆସନ୍ତା ୧୦ତାରିଖ ଦିନ ଅନ୍ୟଏକ ବୈଠକ ଡକାଯିବାକୁ ସ୍ଥିର କରାଯାଇ ଥିଲା । ବିଧାୟକ ପଦ୍ମଲୋଚନ ପଣ୍ଡା କୃଷି, ଉଦ୍ୟାନ ଓ ବିକଶିତ ଗାଁ ବିକଶିତ ଓଡିଶା ଭଳି ବିଭିନ୍ନ ବିଷୟ ଉପରେ ନିଜ ମତ ରଖିବା ପରେ କୁପାରୀ ଠାରେ ୩୦କୋଟି ଟଙ୍କା ବ୍ୟୟରେ ଏକ ବସ ଟର୍ମିନାଲ ନିର୍ମାଣ ହେବା ନେଇ ଟେଣ୍ଡର ପ୍ରକ୍ରିୟା ଚାଲିଛି ଓ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ ପାଇଁ ନିମନ୍ତ୍ରଣ କରାଯିବା ବୋଲି କହିଥିଲେ । ଉକ୍ତ ବୈଠକରେ ଏମପି ଅଭିମନ୍ୟୁ ସେଠୀ ଅନୁପସ୍ଥିତ ଥିବା ବେଳେ ବିଡିଓ ନାରାୟଣ ସାହୁ, ତହସିଲଦାର ଅନୁପ କୁମାର ବେହେରା, ଅବକାରୀ ଥାନା ଅଧିକାରୀ ପ୍ରହଲ୍ଲାଦ ସାମଲ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅମିର କୁମାର ସେଠୀ, ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ପ୍ରଭାକର ମିଶ୍ରଙ୍କ ସମେତ ସମସ୍ତ ଜିଲା ପରିଷଦ ସଭ୍ୟ, ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଆଇଏମଏଫଏଲ୍ ଦୋକାନ ବଂଟନ ଲଟେରି ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ

ଯାଜପୁର(ନିପ୍ର): ଅବକାରୀ ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲାରେ ଆଇଏମଏଫଏଲ୍ ଅଫ୍ ଏବଂ କଂଟ୍ରି ଲିକ୍ୟୁର ଦୋକାନଗୁଡ଼ିକର ବଂଟନ ନିମନ୍ତେ ଆଜି ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଲଟେରି ପ୍ରକ୍ରିୟା ସଫଳତାର ସହ ଏବଂ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଯାଇଛି । ଚଳିତ ବର୍ଷ ଜିଲ୍ଲାର ମୋଟ ୪୨ ଟି ଆଇଏମଏଫଏଲ୍ 'ଅଫ୍' ଦୋକାନ ପାଇଁ ମୋଟ ୯୦୫ ଜଣ ଆବେଦନକାରୀ ଏବଂ ୧୬ ଟି କଂଟ୍ରି ଲିକ୍ୟୁର ଦୋକାନ ପାଇଁ ମୋଟ ୪୮୭ ଜଣ ଆବେଦନକାରୀ ଥିଲେ । ଲଟେରି ପ୍ରକ୍ରିୟା ବିଭିନ୍ନ ପର୍ଯ୍ୟାୟରେ ସମ୍ପନ୍ନ କରାଯାଇଥିଲା । ପ୍ରତ୍ୟେକ ଆବେଦନକାରୀଙ୍କୁ ଟୋକନ ନମ୍ବର ଦିଆଯାଇଥିଲା । ଆବେଦନକାରୀ ମାନଙ୍କ ଉପସ୍ଥିତିରେ ଟୋକନଗୁଡ଼ିକୁ ଏକ ବାକ୍ସରେ ଭର୍ତ୍ତି କରାଯାଇଥିଲା । ପ୍ରକ୍ରିୟାରେ ନିରପେକ୍ଷତା ଏବଂ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ଅଧିକାରୀମାନେ ଆଖିରେ କଳାପଟି ପିନ୍ଧି ବାକ୍ସ ଭିତରୁ ଟୋକନ ଉଠାଇଥିଲେ । ବାକ୍ସରୁ ବାହାରିଥିବା ଟୋକନ ନମ୍ବର ଅନୁଯାୟୀ ବିଜେତାଙ୍କ ନାମ ଘୋଷଣା କରାଯାଇଥିଲା । ପ୍ରତ୍ୟେକ ପର୍ଯ୍ୟାୟ ଶେଷରେ ସମ୍ପୃକ୍ତ ଦୋକାନ ପାଇଁ ଅସ୍ଥାୟୀ ଭାବେ ମନୋନୀତ ଆବେଦନକାରୀଙ୍କ ନାମ ଘୋଷଣା କରାଯାଇଥିଲା । ଲଟେରିରେ ମନୋନୀତ ଆବେଦନକାରୀଙ୍କ ଆବେଦନ ପତ୍ର ଓ ଅନ୍ୟାନ୍ୟ ଦଲିଲପତ୍ରର ଯାଂଚ ପରେ ଏବଂ ନିର୍ଦ୍ଧାରିତ ଶୁଳ୍କ ପୈଠ କରିବା ପରେ ଲାଇସେନ୍ସ ପ୍ରଦାନ କରାଯିବ । ଲଟେରିର ଫଳାଫଳ ଇ-ଅବକାରୀ ପୋର୍ଟାଲରେ ମଧ୍ୟ ଅପଲୋଡ୍ କରାଯାଇଛି । ଲଟେରି ପ୍ରକ୍ରିୟାର ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ପ୍ରବେଶ ଦ୍ୱାରରେ କଡ଼ା ସୁରକ୍ଷା ଯାଂଚ ଏବଂ ସଂସ୍କୃତି ଭବନ ପରିସରରେ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଥିବା ବେଳେ କେବଳ ଆବେଦନକାରୀଙ୍କୁ ସଭାଗୃହ ଭିତରକୁ ପ୍ରବେଶ ଅନୁମତି ଦିଆଯାଇଥିଲା । ଆବେଦନକାରୀଙ୍କ ପାଇଁ ଆବଶ୍ୟକୀୟ ସୁବିଧାର ବ୍ୟବସ୍ଥା କରାଯାଇଥିଲା । ଏହାସହ ସମଗ୍ର ଲଟେରି ପ୍ରକ୍ରିୟାର ଭିଡିଓ ରେକର୍ଡିଂ କରାଯାଇ ସ୍ୱଚ୍ଛତାକୁ ସୁନିଶ୍ଚିତ କରାଯାଇଥିଲା । ଲଟେରି ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଓ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ ହୋଇଥିବାରୁ ଜିଲ୍ଲାପାଳ ଶ୍ରୀ କର ସମସ୍ତ ଆବେଦନକାରୀ, ପ୍ରଶାସନିକ ଅଧିକାରୀ ଓ ଅବକାରୀ ବିଭାଗର କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅବକାରୀ ଅଧିକ୍ଷକ ଅଜୟ କୁମାର ବେହେରା, ଅତିରିକ୍ତ ଏସପି ଶିତିକଣ୍ଠ କାନୁନଗୋ, ଅତିରିକ୍ତ ଏସପି ଶଙ୍କର୍ଷଣ ସ୍ୱାଇଁ, ଅତିରିକ୍ତ ଏସପି ଲକ୍ଷ୍ମୀଧର ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ସଞ୍ଜିତ କୁମାର ନାୟକ, ନିଜାରତ ଅଧିକାରୀ ମନୀଷା ସାହୁ, ଜିଲ୍ଲା ଇ-ଗଭର୍ଣ୍ଣସ ମ୍ୟାନେଜର ଶାରଦା ପ୍ରସାଦ ଜେନା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ଡେପୁଟି ଅଧିକ୍ଷକ ଅନିତା ଓଝା, ଅବକାରୀ ଇନ୍ସପେକ୍ଟର ସସ୍ମିତା ହୋତା, ଟାଉନ୍ ଥାନା ଆଇଆଇସି ଶରତ ନାୟକଙ୍କ ସମେତ ଜିଲ୍ଲା ପ୍ରଶାସନ, ପୋଲିସ ଏବଂ ଅବକାରୀ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ସାଂସଦ ଡଃ ପ୍ରଦୀପ କୁମାର ପାଣିଗ୍ରାହୀ

ବ୍ରହ୍ମପୁର(ନି.ପ୍ର.) : ବ୍ରହ୍ମପୁର ଲୋକସଭା ଆସନର ସାଂସଦ ଡଃ ପ୍ରଦୀପ କୁମାର ପାଣିଗ୍ରାହୀ ଆଜି ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଚିଠି ଲେଖି ଦେଶର ବୈଦେଶିକ ଅର୍ଥନୈତିକ ସ୍ଥିରତା ଏବଂ ଭାରତୀୟ ମୁଦ୍ରା (ଟଙ୍କା)ର ସୁରକ୍ଷା ପାଇଁ କେତେକ ବାସ୍ତବବାଦୀ ଓ କାର୍ଯ୍ୟକାରୀ ପ୍ରସ୍ତାବ ଦେଇଛନ୍ତି । ସାଂସଦ ଡଃ ପାଣିଗ୍ରାହୀ ତାଙ୍କ ଚିଠିରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଜଲଓ) ଏବଂ ଅଜିମ ପ୍ରେମଜୀ ୟୁନିଭର୍ସିଟିର 'ସେଂଟର ଫର୍ ଦି ଷ୍ଟଡି ଅଫ୍ ଦି ଇଣ୍ଡିଆନ ଇକୋନୋମି' (ଉଡଓର) ର ରିପୋର୍ଟ ଆଧାରରେ ଉଲ୍ଲେଖ କରିଛନ୍ତି ଯେ, ବର୍ତ୍ତମାନ ବିଶ୍ୱସ୍ତରୀୟ ଅସ୍ଥିରତା ଯୋଗୁଁ ଦେଶକୁ ଆସୁଥିବା ବୈଦେଶିକ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଉଡଓ) ଏବଂ ଫୋର୍ଟଫୋଲିଓ ନିବେଶ (ରଡଓ) ହ୍ରାସ ପାଇବାରେ ଲାଗିଛି । ୨୦୨୨ ରୁ ୨୦୨୫ ମଧ୍ୟରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ପ୍ରାୟ ୧୨% ହ୍ରାସ ପାଇଛି ।

ଏଭଳି ସ୍ଥିତିରେ ବିଦେଶରେ ରହୁଥିବା ଭାରତୀୟ ଶ୍ରମିକ ଓ ପ୍ରବାସୀମାନଙ୍କ ଦ୍ୱାରା ଦେଶକୁ ପଠାଯାଉଥିବା ଅର୍ଥ ଆମ ଅର୍ଥନୀତି ପାଇଁ ସବୁଠାରୁ ବଡ଼ ଢାଲ ସାଜିଛି । ୨୦୨୪ ମସିହାରେ ପ୍ରବାସୀ ଭାରତୀୟମାନେ ଦେଶକୁ ରେକର୍ଡ ସଂଖ୍ୟକ ୧୩୮ ବିଲିୟନ ଆମେରିକୀୟ ଡଲାର ପଠାଇଛନ୍ତି ଯାହା ଭାରତକୁ ବିଶ୍ୱରେ ଶୀର୍ଷ ସ୍ଥାନରେ ରଖିଛି । ଏହି ପଠାଯାଉଥିବା ଅର୍ଥ ଭାରତର ମୋଟ ଘରୋଇ ଉତ୍ପାଦ (ଏଡଚ) ର ପ୍ରାୟ ୩% ଅଟେ ଏବଂ ଏହା ଦେଶର ସମଗ୍ର ବାଣିଜ୍ୟିକ ନିଅଂଟ କୁ ସନ୍ତୁଳିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି । ପ୍ରଧାନମନ୍ତ୍ରୀଙ୍କୁ ଦିଆଯାଇଥିବା ଚିଠିରେ ଡଃ ପାଣିଗ୍ରାହୀ ୪ଟି ପ୍ରମୁଖ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି: ୧. ପ୍ରବାସୀ ସଭରେନ ବଣ୍ଡ ର ପ୍ରଚଳନ: ବିଦେଶରୁ ଆସୁଥିବା ଏହି ଅର୍ଥକୁ କେବଳ ଘରୋଇ ଖର୍ଚ୍ଚରେ ସୀମିତ ନ ରଖି, ଦେଶର ବଡ଼ ବଡ଼ ଭିତ୍ତିଭୂମି ବିକାଶ ଯୋଜନା (ଯେପରିକି ପିଏମ୍ ଗତି ଶକ୍ତି) ରେ ବିନିଯୋଗ କରିବା ପାଇଁ ସ୍ୱତନ୍ତ୍ର ସଭରେନ ବଣ୍ଡ ଜାରି କରାଯାଉ । ୨. ଟଟଓ ସେବାକୁ ବିଶ୍ୱସ୍ତରୀୟ କରି ଅର୍ଥ ପଠାଇବା ଖର୍ଚ୍ଚ ହ୍ରାସ କରିବା: ଗଲ୍ଫ (ଏଉଉ) ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକ ସହିତ ଭାରତର ଟଟଓ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଯୋଡ଼ି ଦିଆଯାଉ, ଯାହାଦ୍ୱାରା ଗରିବ ଓ ମଧ୍ୟବିତ୍ତ ଶ୍ରମିକମାନେ ବିନା କୌଣସି ଅଧିକ ବ୍ୟାଙ୍କ ଫି'ରେ ସହଜରେ ଦେଶକୁ ଟଙ୍କା ପଠାଇପାରିବେ । ୩.ଶ୍ରମିକ କଲ୍ୟାଣ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣ : ବିଦେଶରେ ଝାଳବୁହା ଧନ ପଠାଉଥିବା ଶ୍ରମିକମାନଙ୍କ ପାଇଁ 'ରେମିଟ୍-ଟୁ-ଓନ୍' ଯୋଜନା ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଚଗଲଣ), ଶସ୍ତା ବିମା ଏବଂ ଅଟଳ ପେନସନ ଯୋଜନା ଭଳି ସୁବିଧା ପ୍ରଦାନ କରାଯାଉ । ୪.ଅର୍ଥନୈତିକ ନୀତିରେ ପରିବର୍ତ୍ତନ: କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଓ ନୀତି ଆୟୋଗ କେବଳ ଋଡଓ କିମ୍ବା ଋଟଓ ଉପରେ ନିର୍ଭର ନ ରହି, ପ୍ରବାସୀଙ୍କ ରେମିଟାନ୍ସକୁ ଦେଶର ମୁଖ୍ୟ



ଆର୍ଥିକ ଶକ୍ତି ଭାବରେ ସରକାରୀ ନୀତିରେ ସ୍ଥାନ ଦିଅନ୍ତୁ ।ସାଂସଦ ଡଃ ପାଣିଗ୍ରାହୀ ଆଶା ପ୍ରକାଶ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ପ୍ରବାସୀ ଭାରତୀୟଙ୍କର ଏହି ଅବଦାନକୁ ଯଦି ସଠିକ୍ ଭାବେ ଉପଯୋଗ କରାଯାଏ, ତେବେ ଏହା 'ଆତ୍ମନିର୍ଭର ଭାରତ' ଗଠନ ଦିଗରେ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ । ଏହି ଚିଠିର ଅନୁଲିପି କେନ୍ଦ୍ର ଅର୍ଥମନ୍ତ୍ରୀ, ବୈଦେଶିକ ବ୍ୟାପାର ମନ୍ତ୍ରୀ, ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଏବଂ ନୀତି ଆୟୋଗର ଉପାଧ୍ୟକ୍ଷଙ୍କୁ ମଧ୍ୟ ଅବଗତି ଓ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରିଛନ୍ତି ।

# ଅନ୍ତଃ ଜିଲ୍ଲା ସି.ଏମ୍.ଟ୍ରଫି ବ୍ରହ୍ମପୁର ଜୋନର ତୃତୀୟ ଦିନ

ବ୍ରହ୍ମପୁର (ନି.ପ୍ର.): ଅନ୍ତଃ ଜିଲ୍ଲା ସି.ଏମ କପ ବ୍ରହ୍ମପୁର ଜୋନ ରେ ଆଜି ଅନ୍ତଃ ୧୪ ବର୍ଷୀୟ ବାଳିକା ବର୍ଗ ରେ କୋରାପୁଟ ଓ ଗଞ୍ଜାମ ଜିଲ୍ଲା ମଧ୍ୟରେ ଖେଳା ଯାଇଥିଲା, ଗଞ୍ଜାମ ବାଳିକା ଦଳର ଖେଳାଳି କିଶୋରିକା ପାଢ଼ୀ ପ୍ରଥମେ ଗୋଲ କରିଥିଲେ ଏବଂ ଗଞ୍ଜାମ ୧-୦ ଗୋଲ କରି ବିଜୟ ହାସଲ କରିଛି । ଏହି ମ୍ୟାଚ ରେ ଅତିଥି ଭାବେ ଯୋଗ ଦେଇଥିଲେ ଶ୍ରୀ ପ୍ରମୋଦ କୁମାର ମହାରଣା ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ଏଥଲେଟିକ ସମ୍ପାଦକ । ସେହି ପରି ଦ୍ୱିତୀୟ ମ୍ୟାଚ ବାଳିକା ବର୍ଗ ରେ ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲା ମଧ୍ୟରେ ଖେଳା ଯାଇଥିଲା, ନବରଙ୍ଗପୁର ବାଳିକା ଦଳ ୫-୦ ଗୋଲ କରି ବିଜୟୀ ହାସଲ କରିଥିଲେ । ଅତିଥି ଭାବେ ଯୋଗ ଦେଇଥିଲେ ଶ୍ରୀ କେଦାରନାଥ ଚୌଧୁରୀ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘର ଉପ -ସଭାପତି । ମ୍ୟାଚ ପରିଚାଳନା



କରିଥିଲେ ବନିତା ହେମରିକା, ରାହାନ୍ତି ସରକାର, ରେବତୀ ପାଡ଼ିଷିକା, ରୋହିଲା ଭର୍ତ୍ତା ଏବଂ ମ୍ୟାଚ କମିଶନର ସୁଜିତ କୁମାର ପାତ୍ର ଓ ମନୋଜ କୁମାର ନାୟକ । ଅନ୍ତଃ ୧୪ ବାଳକ ବର୍ଗ ରେ ତୃତୀୟ ଦିନ ର ପ୍ରଥମ ମ୍ୟାଚ ଗଞ୍ଜାମ ଓ କୋରାପୁଟ ଦଳ ମଧ୍ୟରେ ଖେଳାଯାଇ ଥିଲା । କୋରାପୁଟ ୨-୦ ଗୋଲ ରେ ବିଜୟ ହାସଲ କରିଛନ୍ତି । ବାଳକ ବର୍ଗ ର ଦ୍ୱିତୀୟ ମ୍ୟାଚ ମାଲକାନଗିରି ଓ ନବରଙ୍ଗପୁର ଦଳ ମଧ୍ୟରେ ଖେଳା ଯାଇଥିଲା । ନବରଙ୍ଗପୁର ଦଳ ୨-୦ ଗୋଲ କରି ବିଜୟ ହାସଲ କରିଥିଲେ । ଆଜି ର ମ୍ୟାଚ ରେ ଅତିଥି ଭାବେ ଯୋଗ ଦେଇଥିଲେ ଶ୍ରୀ ଆର. କେ ମଣ୍ଡଳ ଏନ. ଆଇ. ଏସ ପ୍ରଶିକ୍ଷକ ଏବଂ ଦ୍ୱିତୀୟ ମ୍ୟାଚ ରେ ଅତିଥି ଭାବେ ଯୋଗ ଦେଇଥିଲେ ଅଭିଜିତ ପୌଲ ଓଡିଶା ଓଲମ୍ପିକ ସଙ୍ଘ ସମ୍ପାଦକ ।ଏଥି ସହ ଗଞ୍ଜାମ ଜିଲ୍ଲା ର ସଦସ୍ୟ ଶ୍ରୀ କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଡ଼ି. ଡ଼ି ଗନ୍ତାୟତ, ବିଜୟ କୁମାର ପଟନାୟକ, ଜି. ଏମ ବାବୁ, ସୀତାରାମ ବ୍ୱୋର୍ତ୍ତା, ରାଜେନ୍ଦ୍ର ପ୍ରସାଦ ଗନ୍ତାୟତ, ଡ଼ି. ଆପ୍ପା ରାଓ, ଦୁର୍ଗା ପଟନାୟକ, ରାଜ ନାରାୟଣ ପାତ୍ର, ପ୍ରମୋଦ ମହାରଣା ଏବଂ ଜିଲ୍ଲା ର ବରିଷ୍ଠ ଫୁଟବଲ ଖେଳାଳି ମାନେ ମଧ୍ୟରେ ଉପସ୍ଥିତ ଥିଲେ । ଏହି ମ୍ୟାଚ ଗୁଡ଼ି କୁ ପରିଚାଳନା କରିଥିଲେ ଗରିବ ବେହେରା, ସମୀର ପ୍ରଧାନ, ବିଚିତ୍ର ଜେନା, ଖଗପତି ଖରା ଏବଂ ମ୍ୟାଚ କମିଶନର ସୁଜିତ କୁମାର ପାତ୍ର । ମନୋଜ କୁମାର ନାୟକ ବୋଲି ଜେ. କାମେଶ୍ୱର ରାଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସମ୍ପାଦକ ସୂଚନା ଦେଇଛନ୍ତି ।

# ବିଜେଡି ପକ୍ଷରୁ ବିଶାଳ ରାଲି

କୋରାପୁଟ (ନି.ପ୍ର.)ଜିଲ୍ଲା ନନ୍ଦପୁର ବ୍ଲକରେ ଚାଲିଥିବା ରାଜନୈତିକ ଛକାପଞ୍ଝା ତୀବ୍ର ରୂପ ନେଇ ବୁଧବାର ଦିନ ଘେରାଉ ଆନ୍ଦୋଳନରେ ପରିଣତ ହୋଇଛି । ବିଜେଡି ଜିଲ୍ଲା ସଂଗଠନ ତରଫରୁ ଏହି ବ୍ଲକ ଅଫିସକୁ ଘେରାଇ କରି ପଟାଙ୍ଗି ବିଧାୟକଙ୍କ ବିରୁଦ୍ଧରେ ଦୃଢ଼ ପ୍ରତିବାଦ କରାଯାଇଛି ।ପଟାଙ୍ଗି ବିଧାୟକଙ୍କ ବିରୋଧରେ ଅଦୃଷ୍ଟମୂଳକ ଆଚରଣ ଓ ବିକାଶକାର୍ଯ୍ୟରେ ଅବହେଳାର ଅଭିଯୋଗ ଆସିଛି । ଇତିମଧ୍ୟେ ନିର୍ବାଚିତ ପଂଚାୟତ ପ୍ରତିନିଧିମାନେ ସାମୂହିକ ଇସ୍ତଫାର ଧମକ ମଧ୍ୟ ଦେଇଛନ୍ତି । ଏକ ସରପଂଚଙ୍କ ସ୍ୱାମୀଙ୍କୁ ବିଧାୟକଙ୍କ ଦ୍ୱାରା ଧକ୍କା ମାରିବାର ଘଟଣା ଏବେ ବହୁତ ଚର୍ଚ୍ଚା ର ବିଷୟ ପାଲଟିଛି । ଗତ ଶନିବାର ସମିତିସଭ୍ୟ ଓ ସରପଂଚ ପ୍ରତିନିଧିମାନେ ବିଧାୟକଙ୍କୁ ବିଖ୍ୟାତ ଖୋଲା ଚିଠି ପ୍ରଦାନ



କରିଥିଲେ । ରବିବାର ବିଧାୟକ ଅଭିଯୋଗ ପତ୍ରର ସ୍ୱାକ୍ଷର ନକଲି ବୋଲି ଦାବି କରିଥିଲେ । ସୋମବାର ଜିଲ୍ଲା ବିଜେଡି ସଂଗଠନ ତରଫରୁ ବିଧାୟକଙ୍କ ବିରୋଧରେ ଆନୁଷ୍ଠାନିକ ଅଭିଯୋଗ ଦାଖଲ କରାଯାଇଥିଲା । ବିଧାୟକ ଏହାକୁ ଅଣଦେଖା କରୁଥିବା ଯୋଗୁଁ ବୁଧବାର ସ୍ଥାନୀୟ ସର୍ବେଶ୍ୱର ମନ୍ଦିରଠାରୁ ବିଜେଡି କର୍ମୀମାନଙ୍କର ବିଶାଳ ରାଲି ବାହାର ହୋଇ ନନ୍ଦପୁର ବ୍ଲକ ଅଫିସକୁ ଘେରାଉ କରାଯାଇଥିଲା । ଶତାଧିକ ପାର୍ଟି କର୍ମୀ ବିଧାୟକଙ୍କ ଗୁଣ୍ଡାଗିରି ବନ୍ଦ କରିବା ଓ ବ୍ଲକ ବିଡିଓଙ୍କ ବଦଳିର ଦାବି ରଖିଥିଲେ । ଏହି ଘେରାଉ ଆନ୍ଦୋଳନରେ ବିଜେଡି ଜିଲ୍ଲା ସଭାପତି ଝିନ୍ନ ହିକକା, ପୂର୍ବତନ ବିଧାୟକ ରଘୁରାମ ପଡ଼ାଳ, ପ୍ରଫୁଲ୍ଲ ପାଙ୍ଗି,ପ୍ରୀତମ ପାଢ଼ୀ, କାର୍ଯ୍ୟକାରୀ ସଭାପତି ପ୍ରସାଦ ବିଡିକା, ଜିଲ୍ଲାପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ଏବଂ ଅନ୍ୟାନ୍ୟ ବରିଷ୍ଠ ନେତାଙ୍କ ସହ ଅସଂଖ୍ୟ ବିଜେଡି ପାର୍ଟି ସଦସ୍ୟ ଉପସ୍ଥିତ ଥିଲେ । ଏହି ଘେରାଉ ଆନ୍ଦୋଳନର ନେତୃତ୍ୱ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି ଓ ପ୍ରୀତମ ପାଢ଼ି ନେଇଥିଲେ । ଘେରାଉ ସମୟରେ ନନ୍ଦପୁର ଠାରେ ସାପ୍ତାହିକ ହାଟ ଚାଲିଥିବା ହେତୁ ନନ୍ଦପୁର ବୋଲି ପୁଲିସ ବ୍ୟାପକ ନିରାପତା ବନ୍ଦୋବସ୍ତ ଓ ଜନସମାବେଶକୁ ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ କରିଥିଲେ ।

# ଭଦ୍ରକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ (ନି.ପ୍ର.) ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ, କଟକ ଙ୍କ ପ୍ରଦତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ପରାଶିଙ୍ଘା ଗ୍ରାମ ପଂଚାୟତ ସଭା ଗୃହ, ଏରେଇଁ, ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ଆଇନ୍ ?ସେବା ପ୍ରାଧିକରଣର ସଚିବ ଶ୍ରୀ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ଉଦ୍ ?ବୋଧନ ଦେଇ ପରିଚାଳନା କରିଥିଲେ । ଅତିଥିମାନଙ୍କ ମଧ୍ୟରେ ବହ୍ନିଶିଖା ବିଶ୍ୱାଳ, ପ୍ରତିପକ୍ଷ ଓକିଲ, ଏଲ.ଏ.ଡ଼ିସ୍ ?.ଏସ୍ ?. ଏବଂ ନ୍ୟାୟ ରକ୍ଷକ ଭଦ୍ରକ, ଶ୍ରୀ ଦୀପ୍ତିରଞ୍ଜନ ସାହୁ, ଶ୍ରମ ଅଧିକାରୀ,



ଭଦ୍ରକ, ଶ୍ରୀମତୀ ଅନୁସୟା ସେଠୀ , ସରପଂଚ, ତଥା ୭୦ ରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମ ଜରିଆରେ ପ୍ରବାସୀ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ସମ୍ବନ୍ଧୀୟ ଏବଂ ମୌଳିକ କର୍ତବ୍ୟ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ତଥା ଲୋକ ଅଦାଲତ ବିଷୟରେ, ମଧ୍ୟସ୍ଥତା ମାଧ୍ୟମରେ କିପରି ବିଚାରାଧିନ ଥିବା କେସ୍ ଗୁଡ଼ିକର ଅତି ସରଳ ଓ ସହଜରେ ସେମାନଙ୍କୁ ମିଳାମିଶା କରାଯାଇପାରେ ଏବଂ ଜିଲ୍ଲା ଆଇନ ସେବା ପ୍ରଧୀକରଣ ଜରିଆରେ ଗରିବ ତଥା ନିଷ୍ପେସିତ ଲୋକମାନେ ଶୀଘ୍ର ଏବଂ ତ୍ୱରିତ ନ୍ୟାୟ ପାଇପାରିବେ ବୋଲି ଉପସ୍ଥିତ ଥିବା ଅତିଥିଗଣ ମତବ୍ୟକ୍ତ କରିଥିଲେ । ଶ୍ରୀ ରଥ ୧୫୧୦୦ ଦେୟମୁକ୍ତ ନମ୍ବର ବାବଦରେ ମଧ୍ୟ ଜଣାଇଥିଲେ । ଶ୍ରମ ଅଧିକାରୀ ମଧ୍ୟ ଜିଲ୍ଲା ଶ୍ରମ କାର୍ଯ୍ୟ ।ଳୟ ଦ୍ୱାରା ସାଧାରଣ ଲୋକଟିଏ ବହୁତ ଗୁଡିଏ ସୁବିଧା ପାଇପାରିବା ସେ ସମ୍ବନ୍ଧରେ ମଧ୍ୟ ଆଲୋକପାତ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ର କର୍ମୀଗଣ ଏହି କାର୍ଯକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

# ଝାରସୁଗୁଡ଼ା ହକି ଷ୍ଟାଡିୟମର ଉନ୍ନତିକରଣ ପାଇଁ ଆଲୋଚନା

ଝାରସୁଗୁଡ଼ା(ନି.ପ୍ର.)- ଗତ କାଲି ରାଜ୍ୟ ସରକାରଙ୍କ କ୍ରୀଡ଼ା ଏବଂ ଯୁବ ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଓ ବରିଷ୍ଠ ଖେଲୋ ଇଣ୍ଡିଆ ବିଭାଗର ଅଧିକାରୀ ଧୀରଜ କୁମାର ପଟ୍ଟନାୟକ ଓ ଅନ୍ୟ ଅଧିକାରୀ ଙ୍କ ସହିତ ଭବନେଶ୍ୱର ଠାରେ ହକି ଓଡିଶାର ଉପସଭାପତି ଜୀବନ ମହାନ୍ତି ଝାରସୁଗୁଡ଼ା ହକି ଷ୍ଟାଡିୟମର ଉନ୍ନତୀକରଣ ଓ ଆଗାମୀ ଦିନର କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଆସନ୍ତା ଜୁଲାଇ ପ୍ରଥମ ସପ୍ତାହରେ ଜିଲ୍ଲାରେ ଆନ୍ତଃ ସ୍କୁଲ ପ୍ରତିଯୋଗିତା, କ୍ଲବ ପ୍ରତିଯୋଗିତା ଓ ଦ୍ୱିତୀୟ ଆନ୍ତଃ ରାଜ୍ୟ ବାଳିକା ସବ-ଜୁନିୟର ୫-ଏ ସାଇଡ଼ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ନିର୍ଦ୍ଧାରିତ କରାଯାଇଛି



ବୋଲି ପ୍ରକାଶ କରି ଥିଲେ । ଅତିରିକ୍ତ ସଚିବ ଶ୍ରୀ ସ୍ୱାଇଁ ଝାରସୁଗୁଡ଼ା ହକି ଆସୋସିଏସନର କାର୍ଯ୍ୟର ପ୍ରଶଂସା କରି ପ୍ରକାଶ କରିଥିଲେ ଯେ ଜିଲ୍ଲାରେ ବିଭିନ୍ନ ସ୍କୁଲରେ ହକି ପ୍ରଶିକ୍ଷଣ ଓ ଜିଲ୍ଲାର ୩୮ ଟି ସ୍କୁଲକୁ ହକି ଖେଳିବା ପାଇଁ ଆଲ୍ଟ୍ରା କମ୍ପାନୀର ସମସ୍ତ ସରଞ୍ଜାମ ଯୋଗାଇ ଥିବାରୁ ଝାରସୁଗୁଡ଼ା ହକି ଆସୋସିଏସନକୁ ପ୍ରଚାର ପ୍ରସାର ପଦକ୍ଷେପ ପାଇଁ ପ୍ରଶଂସା କରିଥିଲେ । ଶ୍ରୀ ମହାନ୍ତି ଗତ ୪ ବର୍ଷ ମଧ୍ୟରେ ୧୨୦୦ ବାଳକ ବାଳିକା ଜିଲ୍ଲାରେ ହକି ଖେଳ ପ୍ରତି ଆଗ୍ରହ ଓ ହକି ଆସୋସିଏସନର ଆଗାମୀ ଦିନର କାର୍ଯ୍ୟକ୍ରମ ବିଷୟରେ ସୁଚନା ଦେଇଥିଲେ ।

ଏଠାରେ ସୁଚନା ଯୋଗ୍ୟ ଯେ ଗତ ଏପ୍ରିଲ ମାସରେ ଅତିରିକ୍ତ ସଚିବ ଶ୍ରୀ ସ୍ୱାଇଁ ନିଜେ ଝାରସୁଗୁଡ଼ା ହକି ଷ୍ଟାଡିୟମକୁ ଆସି ନିରିକ୍ଷଣ କରିଥିଲେ । ହକି ଆସୋସିଏସନ ନିଜସ୍ୱ ଚେଷ୍ଟାରେ ଟର୍ଫ ର ଶେଷ ପର୍ଯ୍ୟାୟରେ ନିର୍ମାଣ କାର୍ଯ୍ୟ ପହଂଚି ପାରିଛି ।

# ବାଲୁକା କଳାରେ ବ୍ରିକ୍ସ ସମ୍ମିଳନୀ ପ୍ରଦର୍ଶିତ

ପୁରୀ(ନି.ପ୍ର.)ପୁରୀ ରେ ଆୟୋଜିତ ହେଉଛି ୩ ଦିନିଆ ବ୍ରିକ୍ସ ସମ୍ମିଳନୀ ।ଏହା ଆଜି ଠାରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି ।ଏହି ଅବସରରେ ନୀଳାଦ୍ରି ବିଚ ଠାରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଙ୍କ ଦ୍ୱାରା ଏକ ବାଲୁକା କଳା ପ୍ରଦର୍ଶିତ ହୋଇଥିଲା ।ଏଥିରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ର ସଚିବ ନିଲକଣ୍ଠ ଏସ ଆଭାଦ,ଗୃହ ବ୍ୟାପାର ମନ୍ତ୍ରଣାଳୟ ର ଯୁଗ୍ମ ସଚିବ ଏମ




ରାମଚନ୍ଦ୍ରଡୁ,ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ ।

# 'ମୋ ଗାଁରେ ମୋ ତହସିଲ' କ୍ୟାମ୍ପ

## ଜମି ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଜନସାଧାରଣଙ୍କ ଭିଡ଼

ଧାମନଗର (ନି.ପ୍ର.): ଧାମନଗର ତହସିଲ ପକ୍ଷରୁ ନଦୀଗାଁ ରାଜସ୍ୱ ବିଭାଗ ଅଧୀନରେ ଜନସାଧାରଣଙ୍କ ସୁବିଧା ପାଇଁ ଆୟୋଜିତ ହୋଇଥିବା 'ମୋ ଗାଁରେ ମୋ ତହସିଲ' କ୍ୟାମ୍ପ କୋର୍ଟରେ ବୁଧବାର ସ୍ଥାନୀୟ ଭଟସାହି ସ୍ଥିତ ବିଦ୍ୟାଳୟ ରେ ଅଂଚଳବାସୀଙ୍କ ବହୁ ସମସ୍ୟାର ସମାଧାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଲୋକ ନିଜର ଜମି ଜନିତ ସମସ୍ୟା ନେଇ ପହଂଚିଥିଲେ । ପ୍ରାୟ ୧୬୦ ଜଣ ଲୋକ ନିଜର ଅଭିଯୋଗ ନେଇ କ୍ୟାମ୍ପରେ ପହଂଚି ଥିବାବେଳେ ସେମାନଙ୍କ ମଧ୍ୟରୁ ୩୦ ଜଣଙ୍କୁ ଖତିଆନ ପ୍ରଦାନ କରାଯାଇଛି । କ୍ୟାମ୍ପରେ ବିଶେଷ ଭାବେ ଜମି ଖାତା ସଂଶୋଧନ ଏବଂ ବେବନ୍ଦୋବସ୍ତ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକ ଗ୍ରହଣ କରାଯାଇଥିଲା ।ଏହି ଅବସରରେ ଅତିରିକ୍ତ ତହସିଲଦାର ସାଇ ସିଲୋନା ଓ ପଲି ଭାରତ ମହାଲିକ, ସୁପର ଭାଇଜର ଧର୍ମ ପଦ ସାହୁ ଏବଂ ଆର.ଆଇ.ବିକ୍ରମ ଦାସ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଶୁଣିଥିଲେ । ଉଲ୍ଲେଖଯୋଗ୍ୟ ଯେ, 'ମୋ ଗାଁରେ ମୋ ତହସିଲ' ମାଧ୍ୟମରେ ଜମିର ମାନଚିତ୍ର ସଂଶୋଧନ, ଜମି ଚିହ୍ନଟ ପଞ୍ଜୀକରଣ, ବିବାଦୀୟ ଜମିର ସମାଧାନ, ଆପତି ବିହୀନ ଖତିଆନ ପ୍ରଦାନ ଏବଂ ରାଜସ୍ୱ ସମ୍ବନ୍ଧୀୟ ସମସ୍ତ ସମସ୍ୟାର ସମାଧାନ ପାଇଁ ଲୋକଙ୍କୁ ସୁବିଧା ଯୋଗାଇ ଦିଆଯାଉଛି । ଏଭଳି ପ୍ରୟାସ ଦ୍ୱାରା ତହସିଲ ଅଫିସ ନ ଦୌଡ଼ି ଲୋକେ ନିଜ ନିକଟସ୍ଥ ଅଂଚଳରେ ସମସ୍ୟାର ସମାଧାନ ପାଇ ପାରୁଛନ୍ତି ।

# ବିଜେପି ନେତା ସ୍ୱର୍ଗତ ଦେବେନ୍ଦ୍ର କୁହ୍ଲାରୀଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ

ବାଲିଆପାଳ,(ନି.ପ୍ର)ବାଲିଆପାଳ ବ୍ଲକର ବହୁ ପୁରାତନ ବିଜେପି ନେତା ତଥା ବ୍ଲକର ପୂର୍ବତନ ଉପସଭାପତି ସ୍ୱର୍ଗତ ଦେବେନ୍ଦ୍ର କୁହ୍ଲାରୀଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି ସଭା ମଙ୍ଗଳବାର ତାଙ୍କ ଅଳାଡିହା ସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି ।ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଶିକ୍ଷକ ନେତା ସୁଧାସିନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ତଥା ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଅଜୟ କୁମାର ସାହୁ,ବିଜେପି ପୂର୍ବତନ ବ୍ଲକ ସଭାପତି ରବିନ୍ଦ୍ର ଦତ,ଜିଲ୍ଲା ଉପସଭାପତି ଅରବିନ୍ଦ ବେହେରା,ପୂର୍ବତନ ବ୍ଲକ ସଭାପତି ସୁବଳ ଚନ୍ଦ୍ର ଦାସ,ବିଜେପି ବସ୍ତା ନିର୍ବାଚନ



ମଣ୍ଡଳୀ ନେତା ରବିନ୍ଦ୍ର ଅଣ୍ଡିଆ,କାଳିପଦା ମଣ୍ଡଳ ସଭାପତି ଦେବାନନ୍ଦ ପିଳା,ଯୁବନେତା ଜୟନ୍ତ ଦାସ,ହିମାଂଶୁ କୁହ୍ଲାରୀ,ଗଙ୍ଗାଧର କୁହ୍ଲାରୀ,ମାୟାଧର କୁହ୍ଲାରୀ,ସୃଷ୍ଟିଧର କୁହ୍ଲାରୀ,ରତ୍ନାକର କୁହ୍ଲାରୀ,ମାୟାଧର ପରିଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦେବେନ୍ଦ୍ର କୁହ୍ଲାରୀଙ୍କ ବହୁମୁଖୀ ଗୁଣାବଳୀ ଉପରେ ଆଲୋକ ପାତ କରିବା ସହିତ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।ପୁତ୍ର ଅଶୋକ କୁହ୍ଲାରୀ,ଅମର କୁହ୍ଲାରୀ,ଟୁଟୁ କୁହ୍ଲାରୀ,ଝିଅ ଝୁନା ମଣିଙ୍କ ସହିତ ପରିବାରର ସମସ୍ତ ସଦସ୍ୟ ଗ୍ରାମବାସୀ ଆତ୍ମୀୟ ସ୍ୱଜନ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ମୁଣ୍ଡ ଟେକୁଛି ବିଜୁ ସ୍ୱାଭିମାନ ମଂଚ

ରାୟଗଡା(ନି.ପ୍ର.) ରାୟଗଡ ଜିଲ୍ଲାରେ ଜିଲ୍ଲା ବିଜେଡିର ଅନ୍ତଃକନ୍ଦଳ ଓ ଦୁଇ ବରିଷ୍ଠ ନେତା ଭାସ୍କର ରାଓ ଓ ସୁଧୀର ଗୋଷ୍ଠୀର ମତାନ୍ତର ଯୋଗୁଁ ବିଜେଡି ଭାଙ୍ଗି ଦୁଇ ଫାଳ ହେବା ପରେ ଜନ୍ମ ନେଇଥିଲା ଏକ ସାମାଜିକ ସଂଗଠନ 'ବିଜୁ ସ୍ୱାଭିମାନ ମଂଚ' । ଯାହାର ମୁଖ୍ୟ ପୁରୋଧା ତଥା ପ୍ରତିଷ୍ଠାତା ହେଉଛନ୍ତି ବିଗତ ଦିନର ବିଜେଡିର ପୁରୁଖା ନେତା ତଥା ପୂର୍ବତନ ରାଜ୍ୟ ସଭା ସାଂସଦ ଏନ୍ ଭାସ୍କର ରାଓ । ହେଲେ ବର୍ତ୍ତନ ୨୦୨୭ ପଂଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଯେଉଁ ଭଳି ଭାବରେ ବିଜୁ ସ୍ୱାଭିମାନ ମଂଚ ନିଜର ଆଭିମୁଖ୍ୟ ଗ୍ରହଣ କରୁଛି ତାକୁ ଅନୁମାନ କଲେ ଯେ କେହି ବି କହିବେ ବିଜେଡି ପାଇଁ କଂଟା ସାଜିବ । ଭସ୍କରଙ୍କ ନେତୃତ୍ୱ ତଥା ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ଲାଲବିହାରୀ ହିମିରିକାଙ୍କ ଭଳି ପୁରୁଖା ଅଭିଜ୍ଞ ନେତାଙ୍କ ଅଭିଜ୍ଞତା ନିଶ୍ଚିତ ଭାବେ ପଂଚାୟତ ନିର୍ବାଚନରେ ରଙ୍ଗ ଆଣିବ ବୋଲି ଚର୍ଚ୍ଚା ଜୋର୍ ଧରିଛି । ଜିଲ୍ଲାର ପ୍ରତି ବ୍ଲକରେ ଏହାର କାର୍ଯ୍ୟକ୍ରମ କରିବା




ସହ ଲୋକଙ୍କ ନିକଟତର ହେବାକୁ ପ୍ରୟାସ କରୁଛି ବିଜୁ ସ୍ୱାଭିମାନ ମଂଚ । ଜିଲ୍ଲାର ୧୧ଟି ବ୍ଲକରେ ଭାସ୍କରଙ୍କ ଦବଦବା ରହିଥିବା ବେଳେ ଆଗକୁ ଦେଖିବାକୁ ବାକି ରହିଲା ଜିଲ୍ଲାବାସୀ ବିଜୁ ସ୍ୱାଭିମାନ ମଂଚକୁ କିଭଳି ଭାବେ ଗ୍ରହଣ କରୁଛନ୍ତି ତାହା ନିର୍ବାଚନ ପରେ ଜଣେ ପଡିବ ବୋଲି ରାଜନୈତିକ ସମୀକ୍ଷକ ମାନେ ମତପୋଷଣ କରିଛନ୍ତି । ୨୦୨୪ ସାଧାରଣ ନିର୍ବାଚନରେ ୨୪ ବର୍ଷ ଶାସନ ଗାଦିରେ ଥିବା ବିଜେଡି ଶାସନ ଗାଦିରୁ ଓହ୍ଲାଇବା ପରେ ବିଜେଡି ଧୀରେ ଧୀରେ ଦଳର ପୁରୁଖା ନେତାଙ୍କୁ ଅଣଦେଖା କରିଥିଲା । ସେହି ବ୍ୟବସ୍ଥାରେ ରାଜ୍ୟ ନେତୃବୃନ୍ଦଙ୍କ ଦୃଷ୍ଟିରୁ ଜିଲ୍ଲାର ବିଜୁ ଜନତା ଦଳର ପ୍ରତିଷ୍ଠା ସଦସ୍ୟ ଭାସ୍କର ମଧ୍ୟ ଅଣଦେଖାର ଶିକାର ହୋଇଥିଲେ । ଯାହା ଫଳରେ ସେ ଜିଲ୍ଲାବାସୀଙ୍କ ସେବା କରିବା ଲକ୍ଷ୍ୟ ରଖି ପ୍ରତିଷ୍ଠା କରିଥିଲେ ବିଜୁ ସ୍ୱାଭିମାନ ମଂଚ । ଯେଉଁ ମଂଚରେ ଅନେକ ବରିଷ୍ଠ ନେତା ତଥା କର୍ମୀ ବିଜେଡି ଛାଡ଼ି ଏହି ମଂଚରେ ସାମିଲ ହୋଇଥିଲେ । ଯାହାର ମୁଖ୍ୟ ଲକ୍ଷ୍ୟ ଆଗକୁ ଥିବା ପଂଚାୟତ ନିର୍ବାଚନରେ ନିଜର ସମସ୍ତ ପ୍ରାର୍ଥୀ ଦେବାକୁ ଲକ୍ଷ୍ୟ ରଖିଥିବା ବେଳେ ଏହା ନିଶ୍ଚିତ ଭାବେ ଜିଲ୍ଲା ବିଜେଡିକୁ ଏକ ଶକ୍ତ ଧକ୍କା ହେବା ଥୟ । ବର୍ତ୍ତମାନ ରାଜ୍ୟରେ ଶାସନ ଗାଦିରେ ବିଜେପି ରହିଥିବା ବେଳେ ଜିଲ୍ଲାରେ ବିଜେପିର ଦୁର୍ବଳ ସଂଗଠନ ନିଶ୍ଚିତ ଭାବେ କେତେକାଂଶରେ ବିଜୁ ସ୍ୱାଭିମାନ ମଂଚଙ୍କୁ ମୁଣ୍ଡ ଟେକିବାକୁ ସହାୟକ ହେବ ବୋଲି ରାଜନୀତିଜ୍ଞ ମାନେ ମତ ପୋଷଣ କରିଛନ୍ତି ।

# ସାଇକେଲିଂକୁ ଆପଣାଇ ସୁସ୍ଥ, ସ୍ୱଚ୍ଛ ଓ ସବୁଜ ଓଡ଼ିଶା ଗଢ଼ନ୍ତୁ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ବିଶ୍ୱ ସାଇକେଲ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇ ସାଇକେଲ ଚାଳନାକୁ ସୁସ୍ଥ ଜୀବନ, ସ୍ୱଚ୍ଛ ପରିବେଶ ଏବଂ ସ୍ଥାୟୀ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ, ସାଇକେଲ ଚଳାଇବା କେବଳ ସ୍ୱାସ୍ଥ୍ୟକୁ ଉନ୍ନତ କରେ ନାହିଁ, ବରଂ ପରିବେଶ ସୁରକ୍ଷା ଏବଂ ପ୍ରଦୂଷଣ ନିୟନ୍ତ୍ରଣରେ ମଧ୍ୟ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେ ଦୈନନ୍ଦିନ ଜୀବନରେ ସାଇକେଲ ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହ ଏକ ଫିଟ୍, ସବୁଜ ଏବଂ ସ୍ୱଚ୍ଛ ଓଡ଼ିଶା ଗଠନରେ ସହଯୋଗ କରିବାକୁ ଲୋକମାନଙ୍କୁ ଆହ୍ୱାନ ଜଣାଇଛନ୍ତି ।

# ଏଲନିନୋ ପ୍ରଭାବରେ ଚଳିତ ବର୍ଷ କମ୍ ବର୍ଷା ସମ୍ଭାବନା



ଭୁବନେଶ୍ୱର: ଚଳିତ ବର୍ଷ ମୌସୁମୀରେ ଏଲ୍ ନିନୋର ପ୍ରଭାବ ସମ୍ଭାବନା ରହିଛି । ଏହାର ପ୍ରଭାବରେ ଭାରତରେ ମୌସୁମୀଜନିତ ବର୍ଷା କମ୍ ରହିବ । ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ସାଧାରଣ ଯେତିକି ବର୍ଷା ହୁଏ ତାଠାରୁ କମ୍ ରହିବ । ଉତ୍ତର ଓଡ଼ିଶାରେ ସାଧାରଣଠୁ କମ୍ ବର୍ଷା ନେଇ ପୂର୍ବାନୁମାନ ହୋଇଛି । ଦକ୍ଷିଣ ଓ କେନ୍ଦ୍ରୀୟ ଓଡ଼ିଶାରେ ସାମାନ୍ୟ କିମ୍ବା ତାହାଠୁ ଟିକେ ଅଧିକ ବର୍ଷା ହେବ । ଚଳିତ ବର୍ଷ ସ୍ୱାଭାବିକଠାରୁ କମ୍ ବା ପ୍ରାୟ ୯୦ ପ୍ରତିଶତ ବର୍ଷା ହେବ । ଚଳିତ ବର୍ଷ ଏକ ଶକ୍ତିଶାଳୀ ଏଲ ନିନୋ ସାରା ବିଶ୍ୱର ପାଣିପାଗ ଚକ୍ରକୁ ଗଡ଼ବଡ଼ କରିପାରେ ବୋଲି ସତର୍କ କରାଇ ଦେଇଛି ବିଶ୍ୱ ପାଣିପାଗ ସଂଗଠନ, WMO । କହିଛି ଯେ ଏଲନିନୋ ସୃଷ୍ଟି ହେବା ନେଇ ଅନୁକୂଳ ସ୍ଥିତି ସୃଷ୍ଟି ହେଉଛି । ଯାହାର ପ୍ରଭାବରେ ଏହି ବର୍ଷ ସାରା ବିଶ୍ୱରେ ଅତି ଖରାପ ପାଗ ଅନୁଭୂତ ହେବ । ଜଳବାୟୁ ପରିବର୍ତ୍ତନକୁ ଗୁରୁତର କରିପାରେ ଏହି ଶକ୍ତିଶାଳୀ ଏଲନିନୋ । ବିଶ୍ୱ ପାଣିପାଗ ସଂଗଠନ କହିଛି ଯେ ଜୁନ୍ ଏବଂ ଅଗଷ୍ଟ ମଧ୍ୟରେ ଏଲନିନୋ ସୃଷ୍ଟି ହେବା ନେଇ ୮୦ ପ୍ରତିଶତ ସମ୍ଭାବନା ରହିଛି । ଏହା ଅତି କମରେ ନଭେମ୍ବର ପର୍ଯ୍ୟନ୍ତ ଜାରି ରହିପାରେ । ବିଶେଷଜ୍ଞମାନେ କହିଛନ୍ତି ଯେ ଚଳିତ ବର୍ଷ ଏକ ଶକ୍ତିଶାଳୀ ଏଲନିନୋ ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି କରିବାର ଆଶଙ୍କା ରହିଛି । ଏହା କିଛି ସ୍ଥାନରେ ଫ୍ଲାସ୍ ଫ୍ଲଡ କିମ୍ବା କିଛି ସ୍ଥାନରେ ମରୁଡ଼ି ସ୍ଥିତି ସୃଷ୍ଟି କରିପାରେ । ଏହାର ପ୍ରଭାବ ଭାରତ ଉପରେ ମଧ୍ୟ ପଡ଼ିପାରେ ।



ୱାର୍ଲଡ଼ ଓଡିଶା ସୋସାଇଟି (ୱା.ଓ.ସୋ) ର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ସୁଦକ୍ଷ ଆଇ.ଏ.ଏସ. ଅଧିକାରୀ ତଥା ଭଦ୍ରକର ଜିଲ୍ଲାପାଳ ଡ଼ଃ ଦିଲୀପ ରାଉତରାୟଙ୍କୁ ତାଙ୍କର ପାରଦର୍ଶୀ ପ୍ରଶାସନିକ ସେବା ପାଇଁ ୱା.ଓ.ସୋ.ତରଫରୁ ୨୦୨୬ ମସିହାର ରତ୍ନଶ୍ରୀ ପୁରସ୍କାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଦାନ କରୁଛନ୍ତି ।



# ଦିଲ୍ଲୀ ମାଳଭିୟ ନଗର ରେଷ୍ଟୁରାଂଟରେ ନିଆଁ ଲାଗି ୨୧ରୁ ଊର୍ଦ୍ଧ୍ୱ ମୃତ



ନୂଆଦିଲ୍ଲୀ :ଦେଶର ରାଜଧାନୀ ଦିଲ୍ଲୀରେ ଅଗ୍ନିକାଣ୍ଡର ମାମଲା ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହି କ୍ରମରେ ଦିଲ୍ଲୀର ସବୁଠାରୁ ବ୍ୟସ୍ତବହୁଳ ଏବଂ ପଶ୍ ଅଂଚଳ କୁହାଯାଉଥିବା ମାଲଭିୟ ନଗରର ଏକ ପ୍ରତିଷ୍ଠିତ ରେଷ୍ଟୁରାଂଟରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଏହି ଦୁର୍ଘଟଣା ଯୋଗୁଁ ସମଗ୍ର ଅଂଚଳରେ ଆତଙ୍କ ଖେଳିଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨୧ ଜଣଙ୍କ ମୃତ୍ୟୁ ହୋଇଥିବା ନେଇ ବଡ଼ ସୂଚନା ସାମ୍ନାକୁ ଆସିଛି । ଏହି ଘଟଣାରେ ୨୫ରୁ ଊର୍ଦ୍ଧ୍ୱ ଜଣ ଆହତ ହୋଇଥିବା ଜଣାପଡ଼ିଛି । ଘଟଣାର ସୂଚନା ପାଇବା ମାତ୍ରେ ହିଁ ଦମକଳ ବାହିନୀ ଏବଂ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଂଚି ଯୁଦ୍ଧକାଳୀନ ଭିତିରେ ରିଲିଫ୍ ଓ ରେସକ୍ୟୁ ଅପରେସନ ଆରମ୍ଭ କରିଛନ୍ତି । ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ବହୁ ସଂଖ୍ୟାରେ ଲୋକ ବିଲ୍ଡିଂର ବେସମେଂଟରେ ଫସି ରହିଛନ୍ତି, ଯେଉଁଥିପାଇଁ ଆଗକୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ନେଇ ଆଶଙ୍କା ପ୍ରକାଶ କରାଯାଉଛି । ଏହି ସାଙ୍ଘାତିକ ଦୁର୍ଘଟଣା ସମ୍ପର୍କରେ ସୂଚନା ଦେଇ ଦକ୍ଷିଣ ଜିଲ୍ଲାର ଏସଡିଏମ ଜିତେନ୍ଦ୍ର କୁମାର କହିଛନ୍ତି ଯେ, 'ଅଗ୍ନିକାଣ୍ଡ ସମ୍ପର୍କରେ ଖବର ମିଳିବା ମାତ୍ରେ ହିଁ ଆମେ ତୁରନ୍ତ ଡିଡିଏମଏ ସେଲ୍‌କୁ ସକ୍ରିୟ କରିଦେଇଥିଲୁ । ସୂଚନା ମୁତାବକ, ଉକ୍ତ କୋଠାର ଗ୍ରାଉଣ୍ଡ ଫ୍ଲୋରରେ ଏହି ରେଷ୍ଟୁରାଂଟଟି ଚାଲୁଥିଲା । ତେବେ କେଉଁ କାରଣରୁ ନିଆଁ ଲାଗିଲା, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ।' ସେ ଆହୁରି ମଧ୍ୟ କହିଛନ୍ତି, 'ବର୍ତ୍ତମାନ ସୁଦ୍ଧା ଘଟଣାସ୍ଥଳରୁ ୪ଟି ମୃତଦେହ ଉଦ୍ଧାର କରାଯାଇଛି ଏବଂ ଆହତଙ୍କ ସମେତ ପ୍ରାୟ ୪୭ ଜଣଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ନିଆଁର ଭୟାବହତା ଏତେ ଅଧିକ ଥିଲା ଯେ, କୋଠାର ଉପର ମହଲାରେ ଫସିଥିବା କିଛି ଲୋକ ନିଜ ଜୀବନ ବଂଚାଇବା ପାଇଁ ସ୍ଥାନୀୟ ଲୋକଙ୍କ ଦ୍ୱାରା ରାସ୍ତାରେ ବିଛାଯାଇଥିବା ଗଦି ଉପରକୁ ଡେଇଁଥିଲେ ।' ଅଗ୍ନିଶମ ବାହିନୀର ସୂଚନା ଅନୁଯାୟୀ, କୋଠାର ବେସମେଂଟରେ ପ୍ରବଳ ଧୂଆଁ ଜମି ରହିଥିବାରୁ ଉଦ୍ଧାରକାରୀ ଦଳକୁ ଭିତରକୁ ପ୍ରବେଶ କରିବାରେ ବେଶ୍ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଅକ୍ସିଜେନ ମାସ୍କ ସାହାଯ୍ୟରେ ଜବାନମାନେ ଭିତରେ ଫସିଥିବା ଲୋକମାନଙ୍କୁ ବାହାରକୁ ଆଣିବା ପାଇଁ ନିରନ୍ତର ଚେଷ୍ଟା ଚଳାଇଛନ୍ତି । ଦିଲ୍ଲୀରେ ଗତ କିଛି ଦିନ ହେବ ପରପୂର୍ବ ଆଶ୍ଚର୍ଯ୍ୟଜନକ ଭାବେ ଅଗ୍ନିକାଣ୍ଡ ମାମଲା ସାମ୍ନାକୁ ଆସୁଛି, ଯାହା ପ୍ରଶାସନର ଚିନ୍ତା ବଢ଼ାଇ ଦେଇଛି । ଜୁନ୍ ୨ ମୁକୁନ୍ଦପୁର ଗ୍ୟାସ ସିଲିଣ୍ଡର ବିସ୍ଫୋରଣ: ଏହି ଅଂଚଳରେ ଏକ ଏଲପିଜି ସିଲିଣ୍ଡର ବିସ୍ଫୋରଣ ହେବା ଯୋଗୁଁ ସମ୍ପୂର୍ଣ୍ଣ ଘରଟି ଭୁଶୁଡ଼ି ପଡ଼ିଥିଲା, ଯେଉଁଥିରେ ୧୦ ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଥିଲେ ।

## ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ଦକ୍ଷିଣ ଦିଲ୍ଲୀର ମାଲବ୍ୟ ନଗର ଅଂଚଳରେ ମଙ୍ଗଳବାର ସକାଳେ ଏକ ରେଷ୍ଟୁରାଂଟରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଘଟଣାରେ ଏପର୍ଯ୍ୟନ୍ତ ୨୧ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ୧୭ ବିଦେଶୀ ନାଗରିକ ରହିଥିବା ଜଣାପଡିଛି । ଲାଇବେରିଆ, ନାଇଜେରିଆ, ମୋଜାମ୍ବିକ୍, ବାଂଲାଦେଶ ନାଗରିକଙ୍କର ମୃତ୍ୟୁ ହୋଇଥିବା ଖବର ମିଳିଛି । ଅନ୍ୟପଟେ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏଥିସହିତ ପ୍ରଧାନମନ୍ତ୍ରୀ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ମୃତକଙ୍କ ସମ୍ପର୍କୀୟଙ୍କୁ ପ୍ରଧାନମନ୍ତ୍ରୀ ରିଲିଫ୍ ଫଣ୍ଡରୁ ପ୍ରତ୍ୟେକ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ଆହତଙ୍କ ପାଇଁ ୫୦ ହଜାର ଲେଖାଏ ସହାୟତା ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ । ସୂଚନା ଥାଉକି, ଦିଲ୍ଲୀର ମାଲଭିୟ ନଗରର ୫ ମହଲା ବିଶିଷ୍ଟ ଏକ ରେଷ୍ଟୁରାଂଟରେ ବୁଧବାର ନିଆଁ ଲାଗି ଯାଇଥିଲା । ନିଆଁ ଲାଗିବା ପରେ କିଛି ଲୋକ ତଳକୁ ଡେଇଁ ପଡ଼ି ଆହତ ହୋଇଛନ୍ତି । ଏବେ ବି ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରୁଛି । ରେଷ୍ଟୁରାଂଟରେ ଲଜ୍ ବ୍ୟବସ୍ଥା ଥିବାରୁ ୨୫ଟି ରୁମ୍ ଥିଲା । ପ୍ରାୟ ୪୦ ଜଣ ଏହି ଲଜ୍‌ରେ ରହୁଥିଲେ । ଅନେକ ଗୁରୁତରଙ୍କୁ ସ୍ଥାନୀୟ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିବାବେଳେ ସର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି ।

# ବଡ଼ ଭାଇଙ୍କ ଶେଷ କୃତ୍ୟରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ

## ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଦେଲେ ପରିବାର ଲୋକ



କେନ୍ଦୁଝର : ମୁଖ୍ୟମନ୍ତ୍ରୀଙ୍କ ଭାଇଙ୍କ ପରଲୋକ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବଡ଼ବାପା ପୁଅ ଭାଇ ଦୀନବନ୍ଧୁ ମାଝୀଙ୍କର ପରଲୋକ ହୋଇଯାଇଛି । ଦୀନବନ୍ଧୁ ଭୁବନେଶ୍ୱରର ଲୋୟର ପିଏମଜିରେ ସରକାରୀ ବାସଭବନରେ ରହୁଥିଲେ । ଗତକାଲି ବିଳମ୍ବିତ ରାତିରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍‌ପିଟାଲ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହା ପରେ ଦୀନବନ୍ଧୁଙ୍କ ପାର୍ଥିବ ଶରୀରକୁ କେନ୍ଦୁଝର ଜିଲ୍ଲାରେ ଅବସ୍ଥିତ ତାଙ୍କ ଜନ୍ମମାଟି ରାଇକଳା ନିଆଯାଇଥିଲା । ତାଙ୍କ ଅନ୍ତିମ ସଂସ୍କାରରେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ରାଇକଳାରେ ପହଂଚି ତାଙ୍କର ଅନ୍ତେଷ୍ଟି କ୍ରିୟାରେ ସାମିଲ ହୋଇଥିଲେ । ଏ ଖବର ପହଂଚିବା ପରେ ବୁଧବାର ରାଇକଳା ଗ୍ରାମ ତଥା ଆଖପାଖ ଅଂଚଳ ସହିତ ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ଅନ୍ତେଷ୍ଟି କ୍ରିୟାରେ ସାମିଲ ହେବା ପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ଦଳୀୟ କର୍ମୀଙ୍କ ପ୍ରବଳ ଭିଡ ଜମିଥିଲା । ସମସ୍ତେ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଦେଇଥିଲେ ।

# ପୁରୀ ରେଳ ଷ୍ଟେସନର ଆଧୁନିକୀକରଣ ପାଇଁ ଟ୍ରେନ ଚଳାଚଳରେ ପରିବର୍ତ୍ତନ



ଭୁବନେଶ୍ୱର : ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ରୋଡ୍ ଡିଭିଜନରେ ଚାଲିଥିବା ନିରାପତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ, ଜୁନ୍ ୨୦୨୬ ରେ କିଛି ଏକ୍ସପ୍ରେସ୍ ଓ ପାସେଞ୍ଜର ଟ୍ରେନ ଚଳାଚଳରେ ଅସ୍ଥାୟୀ ପରିବର୍ତନ କରାଯାଇଛି । ଭିତିଭୂମିର ଉନ୍ନତି ଏବଂ ଭବିଷ୍ୟତରେ ଅଧିକ ନିରାପଦ ଓ ସୁବିଧାଜନକ ରେଳ ପରିଚାଳନା ପାଇଁ ଏହି ପଦକ୍ଷେପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଟ୍ରାଫିକ୍ ଏବଂ ପାୱାର ବ୍ଲକ୍ ବ୍ୟବସ୍ଥାର ଅଂଶବିଶେଷ ଭାବରେ, ନିର୍ଦ୍ଦିଷ୍ଟ ତାରିଖଗୁଡ଼ିକରେ ଅନେକ ଟ୍ରେନକୁ ପୁରୀ ବଦଳରେ ମାଲତିପାଟପୁରଠାରେ ସର୍ଟ-ଟର୍ମିନେଟ୍ (ଯାତ୍ରା ଶେଷ) କରାଯିବ ଏବଂ ସେହି ଟ୍ରେନଗୁଡ଼ିକ ପୁରୀ ପରିବର୍ତେ ମାଲତିପାଟପୁର ଠାରୁ ଯାତ୍ରା ଆରମ୍ଭ (ସର୍ଟ-ଅରିଜିନେଟ୍) କରିବେ । ପ୍ରଭାବିତ ଟ୍ରେନଗୁଡ଼ିକର ତାଲିକା ନିମ୍ନରେ ଦିଆଗଲା: ଟ୍ରେନ୍ ନଂ ୧୨୧୪୬ ପୁରୀ–ଲୋକମାନ୍ୟ ତିଳକ ଟର୍ମିନସ୍ ସୁପରଫାଷ୍ଟ ଏକ୍ସପ୍ରେସ୍ ୯ ଓ ୧୬ ଜୁନ୍ ୨୦୨୬ରେ ମାଲତିପାଟପୁରଠାରୁ ଯାତ୍ରା ଆରମ୍ଭ କରିବ ଏବଂ ଟ୍ରେନ୍ ନଂ ୧୨୧୪୫ ଲୋକମାନ୍ୟ ତିଳକ ଟର୍ମିନସ୍–ପୁରୀ ସୁପରଫାଷ୍ଟ ଏକ୍ସପ୍ରେସ୍ ୭ ଓ ୧୪ ଜୁନ୍ ୨୦୨୬ରେ ମାଲତିପାଟପୁର ଠାରେ ଯାତ୍ରା ଶେଷ କରିବ । ଟ୍ରେନ୍ ନଂ ୧୨୯୯୩ ଗାନ୍ଧୀଧାମ–ପୁରୀ ଏକ୍ସପ୍ରେସ୍ ୫ ଓ ୧୨ ଜୁନ୍ ୨୦୨୬ରେ ମାଲତିପାଟପୁର ଠାରେ ଯାତ୍ରା ଶେଷ କରିବ ଏବଂ ଟ୍ରେନ୍ ନଂ ୧୨୯୯୪ ପୁରୀ–ଗାନ୍ଧୀଧାମ ଏକ୍ସପ୍ରେସ୍ ୮ ଓ ୧୫ ଜୁନ୍ ୨୦୨୬ରେ ମାଲତିପାଟପୁର ଠାରୁ ଯାତ୍ରା ଆରମ୍ଭ କରିବ । ଟ୍ରେନ୍ ନଂ ୧୫୬୪୩ ପୁରୀ–କାମାଖ୍ୟା ଏକ୍ସପ୍ରେସ୍ ୬, ୧୩ ଓ ୨୦ ଜୁନ୍ ୨୦୨୬ରେ ମାଲତିପାଟପୁରଠାରୁ ଯାତ୍ରା ଆରମ୍ଭ କରିବ ଏବଂ ଟ୍ରେନ୍ ନଂ ୧୫୬୪୪ କାମାଖ୍ୟା–ପୁରୀ ଏକ୍ସପ୍ରେସ୍ ୪, ୧୧ ଓ ୧୮ ଜୁନ୍ ୨୦୨୬ରେ ମାଲତିପାଟପୁରଠାରେ ଯାତ୍ରା ଶେଷ କରିବ । ଟ୍ରେନ୍ ନଂ ୨୨୯୭୩ ଗାନ୍ଧୀଧାମ–ପୁରୀ ସୁପରଫାଷ୍ଟ ଏକ୍ସପ୍ରେସ୍ ୩, ୧୦ ଓ ୧୭ ଜୁନ୍ ୨୦୨୬ରେ ମାଲତିପାଟପୁରଠାରେ ଯାତ୍ରା ଶେଷ କରିବ ଏବଂ ଟ୍ରେନ୍ ନଂ ୨୨୯୭୪ ପୁରୀ–ଗାନ୍ଧୀଧାମ ସୁପରଫାଷ୍ଟ ଏକ୍ସପ୍ରେସ୍ ୬, ୧୩ ଓ ୨୦ ଜୁନ୍ ୨୦୨୬ରେ ମାଲତିପାଟପୁରଠାରୁ ଯାତ୍ରା ଆରମ୍ଭ କରିବ । ଟ୍ରେନ୍ ନଂ ୧୭୪୮୦ ତିରୁପତି–ପୁରୀ ଏକ୍ସପ୍ରେସ୍ ୩, ୫, ୬, ୮, ୯, ୧୦, ୧୨, ୧୩, ୧୫, ୧୬, ୧୭, ୧୯ ଓ ୨୦ ଜୁନ୍ ୨୦୨୬ରେ ମାଲତିପାଟପୁରଠାରେ ଯାତ୍ରା ଶେଷ କରିବ ଏବଂ ଟ୍ରେନ୍ ନଂ ୧୭୪୭୯ ପୁରୀ–ତିରୁପତି ଏକ୍ସପ୍ରେସ୍ ୪, ୫, ୭, ୮, ୧୦, ୧୧, ୧୨, ୧୫, ୧୭, ୧୮ ଓ ୧୯ ଜୁନ୍ ୨୦୨୬ରେ ମାଲତିପାଟପୁରଠାରୁ ଯାତ୍ରା ଆରମ୍ଭ କରିବ ।

# ଖାଦ୍ୟ ସୁରକ୍ଷା ନିଶ୍ଚିତ କରୁଛି ଏଫ୍‌ସିଆଇର ସାଇଲୋ ବ୍ୟବସ୍ଥା

## ଲକ୍ଷ ଲକ୍ଷ ଟନ୍ ଖାଦ୍ୟଶସ୍ୟର ହେଉଛି ବୈଜ୍ଞାନିକ ସଂରକ୍ଷଣ

ନୂଆଦିଲ୍ଲୀ : ଫସଲ ଅମଳ ପରେ ଏହାର ଠିକଣା ସଂରକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦିଓ ପାରମ୍ପରିକ ଭାବେ ଭାରତରେ ଖାଦ୍ୟ ସଂରକ୍ଷଣ ପ୍ରକ୍ରିୟା ଜାରି ରହିଛି କିନ୍ତୁ ଉପଯୁକ୍ତ ସଂରକ୍ଷଣ ଅଭାବରୁ ପ୍ରତିବର୍ଷ ଆମ ଦେଶରେ ଆନୁମାନିକ ପ୍ରାୟ ୧୨ ରୁ ୧୬ ନିୟୁତ (୧.୨ରୁ ୧.୬ କୋଟି) ଟନ୍ ଖାଦ୍ୟଶସ୍ୟ ନଷ୍ଟ ହେଉଛି । ଯେଉଁ ଦେଶରେ ଚାଷୀଙ୍କଠାରୁ ବହୁ ପରିମାଣରେ ଖାଦ୍ୟଶସ୍ୟ ସଂଗ୍ରହ କରାଯାଏ ଏବଂ ୮୦ କୋଟିରୁ ଅଧିକ ଲୋକଙ୍କୁ ଖାଦ୍ୟ ସହାୟତା ଯୋଗାଇ ଦିଆଯାଏ, ସେଠାରେ ଏହିଭଳି କ୍ଷତିକୁ ରୋକିବା ଉଭୟ ଅର୍ଥନୈତିକ ଆବଶ୍ୟକତା ଏବଂ ଖାଦ୍ୟ ସୁରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଜରୁରୀ ବିଷୟ । ଏହି ଆହ୍ୱାନକୁ ଗ୍ରହଣ କରି, ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ସାରା ଦେଶରେ ଆଧୁନିକ ଷ୍ଟିଲ୍ ସାଇଲୋ (କଂଟେନର ଭଳି ବଡ଼ ସଂରକ୍ଷଣ ପାତ୍ର) ର ଏକ ନେଟୱର୍କ ପ୍ରତିଷ୍ଠା କରିଛି । ଏହା ବିଶ୍ୱର ସବୁଠାରୁ ବଡ଼ ଖାଦ୍ୟଶସ୍ୟ ସଂରକ୍ଷଣ ଆଧୁନିକୀକରଣ କାର୍ଯ୍ୟକ୍ରମ ମଧ୍ୟରୁ ଗୋଟିଏ ବୋଲି ଗ୍ରହଣ କରାଯାଉଛି । କାରଣ ଏହାଦ୍ୱାରା ପାରମ୍ପରିକ ସଂରକ୍ଷଣ ପଦ୍ଧତି ବଦଳରେ ବୈଜ୍ଞାନିକ ତଥା ପ୍ରଯୁକ୍ତିବିଦ୍ୟା-ଆଧାରିତ ବ୍ୟବସ୍ଥା ଆପଣାଯାଉଛି । ଫଳରେ ଖାଦ୍ୟଶସ୍ୟର ଗୁଣବତା ବଜାୟ ରହିବା ସହ ଶସ୍ୟ ନଷ୍ଟ ହେବାର ଆଶଙ୍କା ହ୍ରାସ ପାଉଛି । ସାଧାରଣ ଗୋଦାମ ଗୃହ ତୁଳନାରେ ଏହି ସାଇଲୋଗୁଡ଼ିକରେ ଆର୍ଦ୍ରତା-ନିୟନ୍ତ୍ରଣ ବ୍ୟବସ୍ଥା, ବାୟୁ ଚଳାଚଳ ସୁବିଧା, ସ୍ୱୟଂଚାଳିତ ମହଜୁଦ ପରିଚାଳନା ଏବଂ ଯାନ୍ତ୍ରିକ ଖାଦ୍ୟଶସ୍ୟ ପରିଚାଳନା ବ୍ୟବସ୍ଥା ରହିଛି । ଏହି ସବୁ ବୈଶିଷ୍ଟ୍ୟ ଦୀର୍ଘ ସମୟ ଧରି ଖାଦ୍ୟଶସ୍ୟର ଗୁଣବତା ବଜାୟ ରଖିବାରେ ସାହାଯ୍ୟ କରେ, ପାରମ୍ପରିକ ସ୍ଥାନାନ୍ତରଣ ପ୍ରକ୍ରିୟାରେ ହେଉଥିବା କ୍ଷତିକୁ ହ୍ରାସ କରେ ଏବଂ ସମଗ୍ର ଯୋଗାଣ ଶୃଙ୍ଖଳାରେ କାର୍ଯ୍ୟଦକ୍ଷତା ବୃଦ୍ଧି କରିଥାଏ । ଏଫ୍‌ସିଆଇର 'ହବ୍-ଆଣ୍ଡ-ସ୍ପୋକ୍' ମଡେଲ୍ ଅଧୀନରେ ଦେଶର ୨୪୯ଟି ସ୍ଥାନରେ ଏହି କାର୍ଯ୍ୟକ୍ରମ ବିକଶିତ କରାଯାଉଛି, ଯାହାର ପରିକଳ୍ପିତ ସଂରକ୍ଷଣ କ୍ଷମତା ୧୦୮ ଲକ୍ଷ ମେଟ୍ରିକ୍ ଟନ୍ରୁ ଅଧିକ । କେବଳ ଅତିରିକ୍ତ ସଂରକ୍ଷଣ ସ୍ଥାନ ସୃଷ୍ଟି କରିବା ଏହି ଯୋଜନାର ଲକ୍ଷ୍ୟ ନୁହେଁ, ବରଂ ସାରା ଦେଶରେ ଖାଦ୍ୟଶସ୍ୟର ପରିଚାଳନା, ପରିବହନ ଏବଂ ସଂରକ୍ଷଣ ଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବା ଏହାର ମୂଳ ଉଦ୍ଦେଶ୍ୟ । ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷଣ ଦ୍ୱାରା ସାମଗ୍ରୀର ଉତମ ସୁରକ୍ଷା ସୁନିଶ୍ଚିତ ହେବା ସହ ଖାଦ୍ୟଶସ୍ୟର ଦ୍ରୁତ ପରିବହନ ଏବଂ ସାଧାରଣ ବଂଟନ ବ୍ୟବସ୍ଥା (ପିଡିଏସ୍) ର କାର୍ଯ୍ୟଦକ୍ଷତାରେ ସୁଧାର ଆସିପାରିବ ।

# ଇଗ୍ନୋରେ ଜୁଲାଇ ୨୦୨୬ ଶିକ୍ଷା ସତ୍ର ପାଇଁ ନୂତନ ନାମଲେଖା ଓ ପୁନଃ ପଞ୍ଜିକରଣ ଆରମ୍ଭ

ନୂଆଦିଲ୍ଲୀ : ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଜୁଲାଇ-୨୦୨୬ ଶିକ୍ଷା ସତ୍ର ପାଇଁ ନୂତନ ନାମଲେଖା ଏବଂ ପୁନଃ ପଂଜିକରଣ ପ୍ରକ୍ରିୟା ର ଆରମ୍ଭ ଘୋଷଣା କରାଯାଇଛି । ବିଭିନ୍ନ ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ଆଗ୍ରହୀ ବ୍ୟକ୍ତି ବିଶେଷ ଏହି ସୁଯୋଗର ଲାଭ ଉଠାଇ ପାରିବେ । ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡିଥିବା କିମ୍ବା ଉଚ୍ଚ ଶିକ୍ଷା ପାଇବାରୁ ବଂଚିତ ହୋଇଥିବା କୌଣସି ବୟସର ବ୍ୟକ୍ତି ବିଶେଷଙ୍କ ପାଇଁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗରେ ଅଣ୍ଡର ଗ୍ରାଜୁଏଟ (ସ୍ନାତକ), ପୋଷ୍ଟ ଗ୍ରାଜୁଏଟ (ସ୍ନାତକୋତର) ପିଜି ଡିପ୍ଲୋମା, (ସ୍ନାତକୋତର ଡିପ୍ଲୋମା) ଏବଂ ସାର୍ଟିଫିକେଟ ପ୍ରୋଗ୍ରାମରେ ନାମଲେଖା ପ୍ରକ୍ରିୟା ଆସନ୍ତା ଜୁଲାଇ ମାସ ୧୫ ତାରିଖ ପର୍ଯ୍ୟନ୍ତ ଏବଂ ପୁନଃ ପଂଜୀକରଣ ପ୍ରକ୍ରିୟା ଆସନ୍ତା ଜୁନ ମାସ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁରହିବ । ଅଣ୍ଡର ଗ୍ରାଜୁଏଟ (ସ୍ନାତକ) ପ୍ରୋଗ୍ରାମ, ଯଥା- କଳା (ସାଧାରଣ), ବିଜ୍ଞାନ (ସାଧାରଣ), ବାଣିଜ୍ୟ (ସାଧାରଣ) ବିଭାଗରେ ନାମ ପଞ୍ଜିକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜିକରଣ ଦେୟ ୫୦% ଛାଡ଼ କରାଯାଇଛି । ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ, ସେମାନେ ଇଗ୍ନୋ ପକ୍ଷରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ । ଇଛୁକ ଛାତ୍ରଛାତ୍ରୀ ନୂତନ ପଂଜିକରଣ ପ୍ରକ୍ରିୟା ପାଇଁ ଲିଙ୍କ http//ignouadmission.samarth.edu.in ଓ ପୁନଃ ପଂଜିକରଣ ପ୍ରକ୍ରିୟା ପାଇଁ ଲିଙ୍କ https://onlinerr.ignou.ac.in ଅନୁସରଣ କରିପାରିବେ କିମ୍ବା ଆଂଚଳିକ କେନ୍ଦ୍ର ଭୁବନେଶ୍ୱରକୁ ଇ-ମେଲ rcbhubaneswar@ignou.ac.in ମାଧ୍ୟମରେ ଯୋଗାଯୋଗ କରିପାରିବେ ।

# ଦିନିକିଆ ସିରିଜ: କୋହଲି, ରୋହିତ ୯ରୁ ଆରମ୍ଭ କରିବେ ଅଭ୍ୟାସ



ନୂଆଦିଲ୍ଲୀ: ଆଇପିଏଲ ଶେଷ ହେବା ପରେ ଟିମ ଇଣ୍ଡିଆ ଆନ୍ତର୍ଜାତୀୟ ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି । ଜୁନ ୬ରୁ ଆଫଗାନିସ୍ତାନ ବିପକ୍ଷରେ ଘରୋଇ ପରିବେଶରେ ଟେଷ୍ଟ ସିରିଜ ଖେଳିବ । ଏହି ଏକମାତ୍ର ଟେଷ୍ଟ ପରେ ୧୩ ଜୁନରୁ ଦିନିକିଆ ସିରିଜ ଆରମ୍ଭ ହେବ । ଏଥିପାଇଁ ଦଳର ପ୍ରମୁଖ ଖେଳାଳି ଜୁନ ୯ରୁ ନ୍ୟୁ ଚଣ୍ଡୀଗଡରେ ଅଭ୍ୟାସ ଆରମ୍ଭ କରିବେ । ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଉପରେ ବିଶେଷ ନଜର ରହିବ । ଭାରତୀୟ ଟିମର ସପୋର୍ଟ ଷ୍ଟାଫ ଏଥିପାଇଁ ବିଶେଷ ରଣନୀତି ପ୍ରସ୍ତୁତ କରିଛନ୍ତି । ଯେଉଁ ଖେଳାଳିମାନେ ଉଭୟ ଟେଷ୍ଟ ଏବଂ ଦିନିକିଆରେ ସ୍ଥାନ ପାଇଛନ୍ତି ସେମାନଙ୍କ ପାଇଁ ୫ରୁ ୬ ନେଟ ବୋଲରଙ୍କୁ ଅଭ୍ୟାସ ପାଇଁ ଡକାଯାଇଛି । ଏଠାରେ ତାପମାତ୍ରା ଅଧିକ ଥିବାରୁ ନିୟମିତ ବୋଲରଙ୍କ ଉପରେ ବେଶୀ ଚାପ ପକା ଯାଇ ନାହିଁ । ବିରାଟ ଓ ଶ୍ରେୟାଶ ଆୟାର ଫିଟ ରହିବା ସହ ଭଲ ଫର୍ମରେ ରହିଛନ୍ତି । ଆଇପିଏଲରେ କୋହଲି ଜବରଦସ୍ତ ପ୍ରଦର୍ଶନ କରି ପ୍ରଭାବିତ କରିଛନ୍ତି । ଦିନିକିଆ ସିରିଜରେ ସେ ଭଲ ପ୍ରଦର୍ଶନ କରି ୨୦୨୭ ବିଶ୍ୱକପ ପାଇଁ ନିଜ ସ୍ଥିତି ମଜଭୁତ କରିବାକୁ ଚାହିଁବେ । ଅପରପକ୍ଷରେ ରୋହିତଙ୍କ ଫିଟନେସ ନେଇ ଏବେ ବି ସସ୍ପେନ୍ସ ରହିଛି । ସେଂଟର ଅଫ ଏକ୍ସିଲେନ୍ସରୁ ଫିଟ ହେବା ପ୍ରମାଣ ମିଳିଲେ ସେ ଦିନିକିଆରେ ଖେଳିପାରିବେ ।

# ନ୍ୟୁଜିଲାଣ୍ଡ ବିପକ୍ଷ ମେଗା ସିରିଜର କାର୍ଯ୍ୟସୂଚୀ ଘୋଷିତ



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଟିମ ଚଳିତ ବର୍ଷ ଅକ୍ଟୋବରରୁ ନ୍ୟୁଜିଲାଣ୍ଡ ଗସ୍ତରେ ଯିବ । ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡ ଏହି ମେଗା ସିରିଜ ପାଇଁ କାର୍ଯ୍ୟସୂଚୀର ଘୋଷଣା କରିଛି । ଟିମ ଇଣ୍ଡିଆ ଏହି ଗସ୍ତରେ ୫ଟି ଟି୨୦, ୫ଟି ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ ଖେଳିବ । ପ୍ରଥମେ ସୀମିତ ଓଭର ବିଶିଷ୍ଟ ମୁକାବିଲା ଖେଳାଯିବ । ଏହା ପରେ ଟେଷ୍ଟ ମ୍ୟାଚ ଖେଳାଯିବ । ନ୍ୟୁଜିଲାଣ୍ଡରେ ଦୀର୍ଘ ୬ ବର୍ଷ ପରେ ଭାରତ ଟେଷ୍ଟ ମ୍ୟାଚ ଖେଳିବ । ୨୦୧୯ରେ ସିରିଜ ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ଟିମ ଇଣ୍ଡିଆ ରହିବ । ନ୍ୟୁଜିଲାଣ୍ଡ ଟିମ ଏହା ମଧ୍ୟରେ ୨ ଥର ଭାରତ ଗସ୍ତରେ ଆସିସାରିଛି । ୨୦୨୪ରେ ଭାରତ ବିପକ୍ଷରେ ଭ୍ରମଣକାରୀ ଦଳ ଐତିହାସିକ କ୍ଲିନ ସୁଇପ ହାସଲ କରିଥିଲା । ୨ଟି ଯାକ ଟେଷ୍ଟ ୱେଲିଂଟନ ଓ ସେଲୋ ବେସିନ ରିଜର୍ଭରେ ଆୟୋଜିତ ହେବ । ୨୨ ଅକ୍ଟୋବରରେ କ୍ରିଷ୍ଟଚର୍ଚ୍ଚରେ ପ୍ରଥମ ଟି୨୦ ମ୍ୟାଚ ଖେଳାଯିବ । ଏହା ପରେ ୨୪, ୨୭, ୩୦ ଓ ନଭେମ୍ବର ୧ରେ ବାକି ୪ଟି ଟି୨୦ ମ୍ୟାଚ ଖେଳାଯିବ । ଏହି ମ୍ୟାଚ ଯଥାକ୍ରମେ କ୍ରିଷ୍ଟଚର୍ଚ୍ଚ, ୱେଲିଂଟନ, ଅକଲାଣ୍ଡ ଓ ହ୍ୟାମିଲଟନରେ ଖେଳାଯିବ । ନଭେମ୍ବର ୪ରେ ପ୍ରଥମ ଦିନିକିଆ ଅକଲାଣ୍ଡରେ ଖେଳାଯିବ । ୭, ୧୦, ୧୩ ଓ ୧୫ରେ ବାକି ୪ଟି ଦିନିକିଆ ଯଥାକ୍ରମେ ୱେଲିଂଟନ, ହ୍ୟାମିଲଟନ, ତୌରଙ୍ଗାରେ ଖେଳାଯିବ । ପ୍ରଥମ ଟେଷ୍ଟ ମ୍ୟାଚ ୧୯ରୁ ୨୩ ନଭେମ୍ବର ପର୍ଯ୍ୟନ୍ତ ୱେଲିଂଟନରେ ଖେଳାଯିବ । ଏହା ପରେ ୨୭ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ଦ୍ୱିତୀୟ ଟେଷ୍ଟ କ୍ରିଷ୍ଟଚର୍ଚ୍ଚରେ ଖେଳାଯିବ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ– **ନିର୍ମାଲ୍ୟ ମହାନ୍ତି**